


# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୮/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, January 8/2026 Page 14 | ₹ 7.00 | BERHAMPUR

୫୨ଶ ଭାଗ ୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 46 | ମୂଲ୍ୟ ₹୭/-




**ରେକର୍ଡ ସୃଷ୍ଟିକଲା ଧୁରନ୍ଧର**

ରଣବୀର ସିଂଙ୍କ ଅଭିନୀତ ଫିଲ୍ମ 'ଧୁରନ୍ଧର' ଏକକ ଭାଷା (ହିନ୍ଦୀ)ରେ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଆୟ କରିଥିବା ଭାରତୀୟ ଫିଲ୍ମର ରେକର୍ଡ କରିଛି।

୦୨

୧୪

**ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ**

ଭାରତର ବୈଭବ ସୂର୍ଯ୍ୟବଂଶୀ ଯୁଥ୍ ଦିନିକିଆ କ୍ରିକେଟରେ ସର୍ବକନିଷ୍ଠ ଅଧିନାୟକ ଭାବେ ଶତକ ହାସଲ କରିବାରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।



# 'ହାତ' ଧରି 'ଗୁଡ଼ି' ଉଡ଼ାଇଲା 'ପଦ୍ମ'

## ମହାରାଷ୍ଟ୍ରର ୨ ପୌରାଞ୍ଚଳ ଦଖଲ ପାଇଁ ବିଷମ କସରତ

ମହାରାଷ୍ଟ୍ର ରାଜନୀତିରେ ଚମକାଇଲା ଭଳି ଦୁଇଟି ଘଟଣା ଘଟିଛି। ଠାଣେ ଜିଲାର ଅମ୍ବରନାଥ ପୌର ପରିଷଦ ପାଇଁ ଭାଜପା ତା'ର ଚିର ରାଜନୈତିକ ଶତ୍ରୁ କଂଗ୍ରେସ ସହ ହାତ ମିଳାଇଛି। ସେହିପରି ଅକୋଲା ଜିଲାର ଅକୋଟ ପୌର ପରିଷଦ ପାଇଁ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍ଆଇଏମ୍ (ଦଳର ଚିହ୍ନ 'ଗୁଡ଼ି') ସହ 'ପଦ୍ମ' ଦଳ ମେଣ୍ଟ କରିଛି। ଅମ୍ବରନାଥରେ ମୋଟ ୬୦ ଆସନରୁ ୨୭ ଆସନରେ ଜିତିଥିବା ଏକନାଥ ଶିନ୍ଦେଙ୍କ ଶିବସେନାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଭାଜପା, କଂଗ୍ରେସ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ମିଳିତ ଭାବେ 'ଅମ୍ବରନାଥ ବିକାଶ ଗଘାଡ଼ି' ଗଠନ କରିଛନ୍ତି। ଏଠାରେ ଭାଜପା ୧୮, କଂଗ୍ରେସ ୧୨ ଏବଂ ଏନ୍‌ସିପି ୪ ଆସନରେ ଜିତିଛନ୍ତି। ଏଥିରୁ ଭାଜପା, ଏକନାଥ ଶିନ୍ଦେଙ୍କ ଶିବସେନା ଓ ଏନ୍‌ସିପି ମେଣ୍ଟ 'ମହାଯୁତି'ରେ ଥିବା ଫାଟ ଏବେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଶିନ୍ଦେଙ୍କ ଗଡ଼ କୁହାଯାଉଥିବା ଅଞ୍ଚଳରେ ଭାଜପା ଏଭଳି ପଦକ୍ଷେପ ନେବା ଶିବସେନାକୁ କ୍ଷୁବ୍ଧ କରିଛି। ଭାଜପା ନେତୃତ୍ୱ ଏହି କାଉନ୍‌ସିଲରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେଲେ ଶିବସେନା ମଧ୍ୟ ଅନ୍ୟ ସ୍ଥାନରେ ଭାଜପା ବିରୋଧରେ ପଦକ୍ଷେପ ନେଇପାରେ। ଏଭଳିସ୍ଥଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ଅଡୁଆରେ ପଡ଼ିଛନ୍ତି। ଯଦି ସେ ସ୍ଥାନୀୟ ଭାଜପା ନେତାଙ୍କୁ ଦଣ୍ଡ ଦିଅନ୍ତି, ତେବେ ଦଳ ଭିତରେ ବିଦ୍ରୋହ ହୋଇପାରେ। ଯଦି ସେ କିଛି ନ କରନ୍ତି, ତେବେ ଶିବସେନା ସହ ତିକ୍ତତା ବଢ଼ିବ। ଏଭଳିସ୍ଥଳେ ସେ 'ଭାଜପା-କଂଗ୍ରେସ' ଓ 'ଭାଜପା-ଏଆଇଏମ୍ଆଇଏମ୍' ମଧ୍ୟରେ ମେଣ୍ଟ ଗ୍ରହଣୀୟ ବୋଲି କହିବା ସହ ଅନୁଶାସନ'ର ଚେତାବନୀ ଦେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନିଜର ସମସ୍ତ ୧୨ କାଉନ୍‌ସିଲରଙ୍କୁ ନିଲମ୍ବନ କରି କୌଣସି ପରିସ୍ଥିତିରେ ଭାଜପା ସହ ବୁଝାମଣା କରିବ ନାହିଁ ବୋଲି ଏକ ବାର୍ତ୍ତା ଦେଇଛି।

ମୁମ୍ବାଇ,୭।୧

ଜାତୀୟ ସ୍ତରରେ କିଛିବର୍ଷ ଧରି 'କଂଗ୍ରେସ ମୁକ୍ତ ଭାରତ'ର ସ୍ଲୋଗାନ ଦେଇଆସୁଥିବା ଭାଜପାର ଭିନ୍ନ ଚରିତ୍ର ମହାରାଷ୍ଟ୍ରର ଅମ୍ବରନାଥ ପୌର ନିର୍ବାଚନରେ ଦେଖିବାକୁ ମିଳିଛି। ୨୦୨୫ ଡିସେମ୍ବର ୨୦ରେ ଏହି ପୌରାଞ୍ଚଳର ୬୦ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଏଠି ପୌର ପରିଷଦ ଦଖଲ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୩୧। ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୨୭ ଆସନରେ ସଫଳତା ଲାଭ କରି ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ପାଇଛି। କିନ୍ତୁ ସହଯୋଗୀ ଭାଜପାର ବିନା ସମର୍ଥନରେ ଶିବସେନା ମେୟର ବାଛିବା ଅସମ୍ଭବ। ଏଠାରେ ଭାଜପାର ୧୪ କାଉନ୍‌ସିଲର ବିଜୟୀ ହୋଇଥିବାବେଳେ କଂଗ୍ରେସକୁ ୧୨, ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ୪ ଆସନ ମିଳିଥିବାବେଳେ ୨ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ମହାଯୁତି ସହଯୋଗୀ ଶିବସେନାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଭାଜପା କଂଗ୍ରେସ ଏବଂ ଏନ୍‌ସିପିର ସହଯୋଗ ନେଇଛି। ଜଣେ ସ୍ୱାଧୀନ କାଉନ୍‌ସିଲରଙ୍କ ସମର୍ଥନ ହାସଲ କରି ମେଣ୍ଟ ☞ପୃଷ୍ଠା-୪

# ଏସ୍‌ସିବି ମେଡିକାଲ ୱାର୍ଡରୁ ଖସିଲା ସିଲିଂ: ରୋଗୀଙ୍କ ମୁଣ୍ଡ ଫାଟିଲା



ଆହତ ନାରାୟଣ ଦାସ



ୱାର୍ଡରୁ ଖସିଥିବା ପ୍ଲାଷ୍ଟର ଓ ସିଲିଂ

କଟକ,୭।୧(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୁରୁଣା ଭେଷଜ ବିଭାଗରେ ବୁଧବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଜଣେ ରୋଗୀଙ୍କ ଉପରେ ଉକ୍ତ ବିଭାଗର ପ୍ରଥମ ମହଲା ୱାର୍ଡ ଛାତରୁ କଂକ୍ରିଟ ଖଣ୍ଡ ସହ ସିଲିଂ ଖସିପଡ଼ିଛି। ଫଳରେ ଖୋର୍ଦ୍ଧା ଅଞ୍ଚଳର ନାରାୟଣ ଦାସ (୭୦) ନାମକ ବୃଦ୍ଧ ରୋଗୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କର ମୁଣ୍ଡ ଓ ମୁହଁ ଫାଟିଯାଇଛି। ଘଟଣା ପରେ ଦେଢ଼ଘଣ୍ଟା ଯାଏ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ନ ଥିବା ତାଙ୍କ ପୁଅ ପ୍ରମୋଦ କୁମାର ଦାସ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଘମାରୀସ୍ଥିତ ଅତ୍ରି ଅଞ୍ଚଳର ନାରାୟଣ ମଧୁମେହ ରୋଗରେ ପୀଡ଼ିତ ହୋଇ ମଙ୍ଗଳବାର ବିଳମ୍ବିତ ରାତିରେ ଏସ୍‌ସିବିର ପୁରୁଣା ଭେଷଜ ବିଭାଗର ପ୍ରଥମ ମହଲା ୱାର୍ଡରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ଜାରି ରହିଥିବାବେଳେ ☞ପୃଷ୍ଠା-୪

# ଏପ୍ରିଲରୁ ଜନଗଣନା

ଭୁବନେଶ୍ୱର,୭।୧ (ରବିନାରାୟଣ ଜେନା)

ଦୀର୍ଘ ୧୫ ବର୍ଷ ପରେ ରାଜ୍ୟରେ ଜନଗଣନା ହେବାକୁ ଯାଉଛି। ଏହି ପ୍ରକ୍ରିୟା ଏପ୍ରିଲରୁ ଆରମ୍ଭ ହେବ ବୋଲି ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ୍ କଲ୍ୟାଣ ବୁଧବାର କହିଛନ୍ତି।

ନିଖିଲ କହିଛନ୍ତି, ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଏପ୍ରିଲରୁ ଆରମ୍ଭ ହେବ ଏବଂ ଏହାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀରେ କରାଯିବ। ତେବେ ଏହି ଗଣନା ସମୟରେ ନିଯୁକ୍ତ ଅଧିକାରୀମାନେ କିଭଳି ଜନସଂଖ୍ୟା ଗଣନା କରିବେ, ସେନେଇ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯିବାକୁ ରହିଛି। ଅଧିକାରୀମାନେ ☞ପୃଷ୍ଠା-୪

# ୯ରେ ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର,୭।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୫ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ରାଜସ୍ୱ ସେବାରେ ସଂସ୍କାର ଆଣିବାପାଇଁ କେତେକ ପ୍ରସ୍ତାବକୁ ଅନୁମୋଦନ ମିଳିବାକୁ ରହିଥିବାବେଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ବଡ଼ ନିଷ୍ପତ୍ତି ନିଆଯିବାକୁ ରହିଛି। ଏହାବାଦ୍ ସାଧାରଣ ପ୍ରଶାସନ, ଅର୍ଥ ଭଳି କେତେକ ବିଭାଗର ପ୍ରସ୍ତାବର ଆଲୋଚନା ହୋଇପାରେ।

# ଶିମିଳିପାଳ ତାପମାତ୍ରା ଶୂନ ଡିଗ୍ରୀ

ବାରିପଦା, ୭।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ତାପମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଛି। ୪୮ ଘଣ୍ଟା ମଧ୍ୟରେ ପାରଦ ୮ ଡିଗ୍ରୀରୁ ଖସି ଶୂନ ଡିଗ୍ରୀରେ ପହଞ୍ଚିଛି। ଉପର ବାର୍‌ହାକାମୁଡ଼ାରେ ତାପମାତ୍ରା ଶୂନ ଡିଗ୍ରୀରେ ପହଞ୍ଚିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳ, ପାଦଦେଶ ସମେତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ**










## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ଲାମଲୀଲା ମଇଦାନ ନିକଟ ଫୈଜ-ଇ-ଇଲାହି ମସ୍‌ଜିଦ ପାଖରେ ଏମ୍‌ସିଡି ପକ୍ଷରୁ ବୁଲ୍‌ଡୋଜର ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି। (ଫଟୋ- ଚମନ ଗୌତମ)

# ଗ୍ରୋକ୍ ଅଶ୍ଳୀଳ ଏଆଇ କଣ୍ଟେଣ୍ଟ: ଜବାବ ଦାଖଲ କଲା X

**ନୂଆଦିଲ୍ଲୀ,୭।୧**

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଚାଟ୍‌ବୋଟ୍ ଗ୍ରୋକ୍ ଜରିଆରେ ୟୁଜର୍ସ ମହିଳା ଓ ସ୍ୱଳ୍ପବୟସ୍କଙ୍କ ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିବା ଅଭିଯୋଗ ଉପରେ ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ କମ୍ପାନୀ X ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଜବାବ ଦାଖଲ କରାଯାଇଛି। ଉକ୍ତ ରିପୋର୍ଟ ବିସ୍ତୃତ ହୋଇଥିଲେ ମଧ୍ୟ ଅସମ୍ପୂର୍ଣ୍ଣ। ଗ୍ରୋକ୍ ଏଆଇ ସହ ଜଡ଼ିତ ଅଶ୍ଳୀଳ କଣ୍ଟେଣ୍ଟ ଉପରେ ନିର୍ଦ୍ଦିଷ୍ଟ ଭାବେ କି ପଦକ୍ଷେପ ନିଆଯାଇଛି, ତାହା ଦାଖଲ କରିବାକୁ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗ୍ରୋକ୍ସ ଓ ଅନ୍ୟ ଟୁଲ୍‌ଗୁଡ଼ିକରେ ଏଆଇଭିତ୍ତିକ ସେବାର ଦୁରପଯୋଗ ହେଉଥିବା ନେଇ ଅଭିଯୋଗ ଆସିବା ପରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ Xକୁ ଏହା ଉପରେ ରିପୋର୍ଟ ମଗାଯାଇଥିଲା। ବୁଧବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆଇଟି ମନ୍ତ୍ରଣାଳୟ ନିକଟରେ ଜବାବ ଦାଖଲ କରିବାକୁ ଏଥିରେ କୁହାଯାଇଥିଲା। ତେବେ X ଏଥିରେ କ'ଣ ସବୁ




ଜବାବ ରଖିଛି, ତାହା ସ୍ପଷ୍ଟ ହୋଇନାହିଁ। ରବିବାର Xର ସେଫ୍ଟି ହେଣ୍ଡଲରେ କୁହାଯାଇଥିଲା ଯେ, ଆପତ୍ତିଜନକ ପୋଷ୍ଟିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମ୍ପୃକ୍ତ ପୋଷ୍ଟଗୁଡ଼ିକୁ ହଟାଯିବା ସହ ଆକାଉଣ୍ଟଗୁଡ଼ିକୁ ସବୁଦିନ ପାଇଁ ଅଚଳ କରିଦିଆଯାଇଛି।

# ଜବରଦଖଲ ଉଚ୍ଛେଦ ବେଳେ ହିଂସା

**ନୂଆଦିଲ୍ଲୀ,୭।୧**

ଦିଲ୍ଲୀର ରାମଲୀଲା ମଇଦାନ ଅଞ୍ଚଳସ୍ଥିତ ଫୈଜ-ଇ-ଇଲାହି ମସ୍‌ଜିଦ ନିକଟରେ ମଙ୍ଗଳବାର ରାତିଅଧିଆ ଜବରଦଖଲ ଉଚ୍ଛେଦ ବେଳେ ବ୍ୟାପକ ହିଂସାକାଣ୍ଡ ଘଟିଛି। ବେଆଇନ ନିର୍ମାଣଗୁଡ଼ିକୁ ଭାଙ୍ଗିବା ପାଇଁ ୩୨ଟି ବୁଲ୍‌ଡୋଜର (ଜେସିବି ମେଶିନ୍)କୁ ନିୟୋଜିତ କରାଯାଇଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ବିକ୍ଷୋଭକାରୀଙ୍କ ଟେକାମାଡ଼ରେ ଦିଲ୍ଲୀ ପୋଲିସର ଜଣେ ଷ୍ଟେଶନ୍ ହାଉସ୍ ଅଫିସର (ଏସ୍‌ଏଚ୍‌ଓ)ଙ୍କ ସମେତ ୫ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ଉତ୍ତ୍ୟକ୍ତ ଲୋକଙ୍କୁ ଶାନ୍ତ କରିବା ପାଇଁ ପୋଲିସ ବଳ ପ୍ରୟୋଗ ସହ ଲୁହବୁହା ବାଷ୍ପ ଛାଡ଼ିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ନାବାଳକଙ୍କୁ ମଧ୍ୟ ପୋଲିସ ଧରିଛି। ଅନ୍ୟ ୧୦ରୁ ୧୫ ଜଣଙ୍କୁ ଅଟକ ରଖାଯାଇଥିବା

### ରାତିଅଧିଆ ଅପରେଶନରେ ନିୟୋଜିତ ଥିଲା ୩୨ ବୁଲ୍‌ଡୋଜର



ଜବରଦଖଲ ଉଚ୍ଛେଦ ବେଳେ ହିଂସା ପରେ ପୋଲିସ ମୁତୟନ।

ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ବିବାଦର ଆରମ୍ଭ ଏକ ସୋସିଆଲ ମିଡିଆ ପୋଷ୍ଟରୁ ହୋଇଥିଲା। ତୁର୍କମେନ୍ ଗେଟ୍ ବିପରୀତ ପାର୍ଶ୍ୱରେ ଥିବା ମସ୍‌ଜିଦକୁ ଜବରଦଖଲ ନିରୋଧୀ ଅଭିଯାନରେ ଭଙ୍ଗାଯାଉଥିବା ନେଇ ଉକ୍ତ ପୋଷ୍ଟରେ

### ଲୋକଙ୍କ ଟେକା ମାଡ଼ରେ ଦିଲ୍ଲୀ ପୋଲିସର ୫ ଆହତ

ଉଲ୍ଲେଖ କରାଯାଇଥିଲା। ସେହି ପୋଷ୍ଟକୁ ଦେଖିବା ପରେ ସମ୍ପୃକ୍ତ ଅଞ୍ଚଳରେ ଲୋକେ ଠୁଳ ହେବାରେ ଲାଗିଥିଲେ। ରାତି ପ୍ରାୟ ୧ଟା ବେଳେ ୧୫୦ରୁ ୨୦୦ ଜଣ ବ୍ୟକ୍ତି ପୋଲିସ ଓ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) କର୍ମଚାରୀଙ୍କ ଉପରକୁ ପଥର, କାଚ ବୋତଲ ଫିଙ୍ଗିଥିଲେ। ସେଣ୍ଟ୍ରାଲ ରେଞ୍ଜ ପୋଲିସ ଯୁଗ୍ମ କମିଶନର ମଧୁର ବର୍ମା କହିଛନ୍ତି, ତୁର୍କମେନ ଗେଟ୍ ଅଞ୍ଚଳର ଏକ ସମାଧିକୁ ଲାଗି ରହିଥିବା ମସ୍‌ଜିଦ ପାଖ ଏକ ଜମିରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏମ୍‌ସିଡି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଥିବା ସମୟରେ ସମାଜବାଦୀ ପାର୍ଟି ଏମ୍‌ପି ମୋହିବୁଲ୍ଲା ନଦ୍‌ଭି ସେଠାରେ ଉପସ୍ଥିତ ଥିଲେ। କିନ୍ତୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହେଲାବେଳକୁ ସେ ସେଠାରୁ ଚାଲିଯାଇଥିଲେ। ଉତ୍ତର ପ୍ରଦେଶର ରାମପୁର ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଥିବା ମୋହିବୁଲ୍ଲା ହେଉଛନ୍ତି ପାର୍ଲାମେଣ୍ଟ ଷ୍ଟ୍ରିଟ୍ ମସ୍‌ଜିଦର ଇମାମ। ସବୁ ବିଷୟକୁ ନେଇ ତଦନ୍ତ ଜାରି ରହିଥିବା ମଧୁର ବର୍ମା କହିଛନ୍ତି। ଏମ୍‌ସିଡି ଡେପୁଟି ମେୟର ବିବେକ କୁମାର କହିଛନ୍ତି, ମସ୍‌ଜିଦକୁ ଭଙ୍ଗାଯାଇନାହିଁ। ଏକ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଓ ବ୍ୟାଙ୍କ୍ୱେଟ୍ ହଲ୍ ସମେତ କେତେକ ବ୍ୟବସାୟିକ ପ୍ରତିଷ୍ଠାନକୁ ଉଚ୍ଛେଦ କରାଯାଇଛି। ଏମ୍‌ସିଡିର ୫୦ରୁ ଅଧିକ ଅଫିସରଙ୍କ ସହ ଅନେକ ଶହ ପୋଲିସ କର୍ମଚାରୀ ଏବଂ ୩୨ ଜେସିବି, ୪ ପୋକ୍ଲାଇନ୍ ମେଶିନକୁ ଏହି ଅଭିଯାନରେ ସାମିଲ କରାଯାଇଥିଲା। ଅନ୍ୟ ଜଣେ ପୋଲିସ ଅଧିକାରୀଙ୍କ କହିବା ହେଲା, ଖାଲିଦ୍ ମଲିକ୍ ନାମକ ଜଣେ ବ୍ୟକ୍ତି ଲୋକଙ୍କୁ ମସ୍‌ଜିଦ୍ ସହ ସେମାନଙ୍କ ଘର ଭଙ୍ଗାଯାଉଛି କହି ଉସୁକାଉଥିବାର ଭିଡିଓ ହସ୍ତଗତ ହୋଇଛି।

## ବିଜୟଙ୍କୁ ସିବିଆଇ ଡାକରା



**ଚେନ୍ନାଇ,୭।୧**

ତାମିଲ ଅଭିନେତାରୁ ରାଜନେତା ସାଜିଥିବା ବିଜୟଙ୍କୁ କରୁର ଦଳାଚକଟା ଘଟଣାରେ ଜେରା କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ସମନ କରାଯାଇଛି। ଚଳିତବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଗତ ସେପ୍ଟେମ୍ବର ୨୭ରେ କରୁର ସହରସ୍ଥିତ ଭେଲୁସାମିପୁରମ୍‌ରେ ତାମିଲାଗା ଭେଟ୍ରି କାଝାଗାମ୍ (ଟିଭିକେ) ସୁପ୍ରିମୋ ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା। ଏଥିରେ ୯ ଶିଶୁଙ୍କ ସମେତ ୪୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଆସନ୍ତା ୧୨ରେ ପଚରାଉଚରା ପାଇଁ ନୂଆଦିଲ୍ଲୀସ୍ଥିତ ସିବିଆଇ ଅଫିସରେ ହାଜର ହେବା ଲାଗି ଏଥିରେ ନିର୍ଦ୍ଦେଶ ରହିଛି।

## ଟାରିଫ୍‌କୁ ନେଇ ମୋଦି ମୋ ଉପରେ ଖୁସି ନୁହନ୍ତି: ଟ୍ରମ୍ପ୍

**ୱାଶିଂଟନ୍,୭।୧(ପି.ଟି.)**

ରୁଷୀୟ ତୈଳ କ୍ରୟ ବାବଦକୁ ୱାଶିଂଟନ୍ ନୂଆଦିଲ୍ଲୀ ଉପରେ ଉଚ୍ଚ ଟାରିଫ୍ ଲଗାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଖୁସି ନୁହନ୍ତି ବୋଲି ଟ୍ରମ୍ପ କହିଛନ୍ତି। ହାଉସ୍ ଜିଓପି ମେମ୍ବର ରିଟ୍ରିଟ୍‌କୁ ମଙ୍ଗଳବାର ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ମୋଦି ତାଙ୍କୁ ଦେଖିବାକୁ ଯାଇଥିଲେ। ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। କିନ୍ତୁ ଟାରିଫ୍‌କୁ ନେଇ ମୋଦି ତାଙ୍କ ଉପରେ ଖୁସି ନ ଥିବା ଟ୍ରମ୍ପ କହିଛନ୍ତି। ତେବେ ଭାରତ ରୁଷିଆଠାରୁ ପୂର୍ବାପେକ୍ଷା ତୈଳ କ୍ରୟ ବହୁ ପରିମାଣରେ କମ୍ କରିଥିବା ସେ କହିଛନ୍ତି।

## ଜେଏନ୍‌ୟୁରେ ମୋଦି, ଶାହା ବିରୋଧୀ ସ୍ଲୋଗାନ

**ନୂଆଦିଲ୍ଲୀ,୭।୧(ପି.ଟି.)**

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଉମର ଖାଲିଦ ଓ ଶର୍ଜିଲ ଇମାମଙ୍କୁ ସୁପ୍ରିମକୋର୍ଟ ଜାମିନ ଦେବାକୁ ମନା କରିଦେବା ପରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଦିଲ୍ଲୀ ପୋଲିସ ତଦନ୍ତ ଆରମ୍ଭ କରିଛି। ଜେଏନ୍‌ୟୁ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, କ୍ୟାମ୍ପସ୍‌ରେ କୌଣସି ପ୍ରକାର ଦେଶବିରୋଧୀ କିମ୍ବା ବେଆଇନ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ଏନେଇ ସୋମବାର ଏଫ୍‌ଆଇଆର୍ କରାଯାଇଛି। ଆପତ୍ତିଜନକ ସ୍ଲୋଗାନ ଦେଇଥିବା ଛାତ୍ରୀଛାତ୍ର ଧରାପଡ଼ିଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ହରିୟାଣାରେ ଗଡ଼ିବ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

**ନୂଆଦିଲ୍ଲୀ,୭।୧**



ଦେଶର ପ୍ରଥମ ଉଦ୍‌ଜାନ ଚାଳିତ ଟ୍ରେନ୍ ହରିୟାଣାରେ ଧାଇଁବ। ନର୍ଦ୍ଦର୍ନ ରେଲୱେ ପକ୍ଷରୁ ଚଳାଚଳ କରିବାକୁ ଥିବା ଏହି ଟ୍ରେନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତମାସରେ ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପ ଜିନ୍ଦ୍-ସୋନିପତ୍ ରୁଟ୍‌ରେ ଚଳାଚଳ କରିବ, ଯାହାକି ବର୍ତ୍ତମାନ ପ୍ରସ୍ତୁତିର ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

ଜିନ୍ଦ୍‌ସ୍ଥିତ ହାଇଡ୍ରୋଜେନ୍ ଉତ୍ପାଦନ କେନ୍ଦ୍ରରେ ଏକ ସ୍ଥିର ତଥା ନିରନ୍ତର ୧୧କେଭି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିରୁ ଉକ୍ତ ଟ୍ରେନ୍‌କୁ ଇନ୍ଧନ ଯୋଗାଇ ଦିଆଯିବ। ହରିୟାଣା ମୁଖ୍ୟ ଶାସନ ସଚିବ ଅନୁରାଗ ରୋସ୍ତଗୀ ଦକ୍ଷିଣ ହରିୟାଣା ବିଜୁଳି ବିତରଣ ନିଗମ ଅଧିକାରୀମାନଙ୍କ ସହ ଏକ ହାଇବ୍ରିଡ୍ ବୈଠକରେ ଏହି ପ୍ରକଳ୍ପର ଶକ୍ତି ବନ୍ଦୋବସ୍ତ ଉପରେ ସମୀକ୍ଷା କରିଛନ୍ତି। ଟ୍ରେନ୍ ଚଳାଚଳ ବେଳେ ଯେପରି କୌଣସି ବ୍ୟାଘାତ ନ ଘଟେ ସେଥିଲାଗି ନିୟମିତ ସମୀକ୍ଷା କରିବାକୁ ସେ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ କହିଛନ୍ତି, ୩,୦୦୦ କେ.ଜି. ସଂରକ୍ଷଣ ସୁବିଧା ବିଶିଷ୍ଟ ଭାରତର ସର୍ବବୃହତ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ ଜିନ୍ଦ୍‌ରେ ପ୍ରତିଷ୍ଠା କରାଯାଇଛି। ଏଥିରେ ୧୨୦ କୋଟି ଟଙ୍କାର ନିବେଶ ହୋଇଥିବା ଉକ୍ତ ବୈଠକରୁ ଜଣାପଡ଼ିଛି।

## ଭେନେଜୁଏଲାରେ ମାଦୁରୋ ସପକ୍ଷବାଦୀଙ୍କ ରାଲି

# ଆମ ରାଷ୍ଟ୍ରପତିଙ୍କୁ ମୁକ୍ତ କର

**କାରାକାସ୍/ୱାଶିଂଟନ୍,୭।୧**

ଭେନେଜୁଏଲାର ଗାଦିଚ୍ୟୁତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ମୁକ୍ତି ପାଇଁ ରାଜଧାନୀ କାରାକାସ୍ ସମେତ ଦେଶର ବିଭିନ୍ନ ଭାଗରେ ଆନ୍ଦୋଳନ ମୁଣ୍ଡ ଟେକିଛି। ମାଦୁରୋ ସମର୍ଥକମାନେ ତାଙ୍କ ସପକ୍ଷରେ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନୂଆ ସଂସଦର ଶପଥ ଗ୍ରହଣ ବେଳେ ଖବର ସଂଗ୍ରହ କରୁଥିବା ୧୪ ଖବରଦାତାଙ୍କୁ ଅଟକ ରଖାଯାଇଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍ କାର୍ଯ୍ୟକାରୀ ରାଷ୍ଟ୍ରପତି ରୂପେ ଶପଥ ନେଇଥିବାବେଳେ ଦେଶର ସାର୍ବଭୌମତ୍ୱ ଓ ସ୍ୱାର୍ଥ ରକ୍ଷା ଉଦ୍ୟମକୁ ରୁଷିଆ ସମର୍ଥନ ଜଣାଇଛି। ଇତିମଧ୍ୟରେ ଭେନେଜୁଏଲାର ମୁଖ୍ୟ ବିରୋଧୀ ଦଳ



ମାରିଆ କୋର୍ନିଆ ମାଚାଡୋ

ନେତ୍ରୀ ମାରିଆ କୋର୍ନିଆ ମାଚାଡୋ ତାଙ୍କ ଶତ୍ରୁ ମାଦୁରୋଙ୍କୁ କ୍ଷମତାରୁ ହଟାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଏଥିସହ ସେ ନିଜେ ରାଷ୍ଟ୍ରପତି ନିର୍ବାଚନ ଲଢ଼ି ବିଜୟୀ ହେବାକୁ ଆଶାବାଦୀ ଥିବା କହିଛନ୍ତି। ନୋବେଲ ଶାନ୍ତି ପୁରସ୍କାର



ଭେନେଜୁଏଲାର ଗାଦିଚ୍ୟୁତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସମର୍ଥକମାନେ କାରାକାସ୍‌ସ୍ଥିତ ନ୍ୟାଶନାଲ ଆସେମ୍ବ୍ଲି ବାହାରେ ତାଙ୍କ ଫଟୋ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଗ୍ରହଣ କରିବା ପାଇଁ ଛଦ୍ମବେଶରେ ଭେନେଜୁଏଲାରୁ ପଳାୟନ କରିଥିବା ୫୮ ବର୍ଷୀୟା ମାଚାଡୋ କହିଛନ୍ତି, ସେ ଯଥାଶୀଘ୍ର ସମ୍ଭବ ନିଜ ଦେଶକୁ ଫେରିବା ପାଇଁ ଆଗ୍ରହୀ। ମୁକ୍ତ ଓ ଅବାଧ ନିର୍ବାଚନ ହେଲେ ସେ ୯୦%ରୁ ଅଧିକ ଭୋଟ ପାଇ କ୍ଷମତାକୁ ଆସିବେ ବୋଲି ଆଶାବାଦୀ ଥିବା ମାଚାଡୋ କହିଛନ୍ତି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା



ମୋନି ଚକ୍ରବର୍ତ୍ତୀ

**ଢାକା,୭।୧**

ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ଉଗ୍ରରୂପ ଧାରଣ କରିଥିବାବେଳେ ଆଉ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ୪୦ ବର୍ଷୀୟ ଗ୍ରୋସେରି ଦୋକାନୀ ମୋନି ଚକ୍ରବର୍ତ୍ତୀ ନରସିଂଦି ଜିଲାର ବାସିନ୍ଦା ଥିଲେ। ସୋମବାର ରାତି ୧୧ଟାରେ ସେ ଚାରସିନ୍ଦୂର ବଜାରରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଅଜ୍ଞାତ ବ୍ୟକ୍ତିମାନେ ଧାରୁଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ବାଂଲାଦେଶରେ କିଛି ସପ୍ତାହ ଧରି ହିଂସାତ୍ମକ ଆନ୍ଦୋଳନ ଚାଲିଥିବାବେଳେ ଏହା ହେଉଛି ହିନ୍ଦୁଙ୍କୁ ହତ୍ୟା କରିବାର ଚତୁର୍ଥ ଘଟଣା।

## ଫୁରସତ୍

# ଶାନ୍ତି ପାଇଁ କୁକୁରର ୩,୭୦୦ କି.ମି. ଯାତ୍ରା

**ନୂଆଦିଲ୍ଲୀ**

'ଆଲୋକା' ନାମକ ଭାରତୀୟ ବୁଲାକୁକୁର ଏବେ ଇଣ୍ଟରନେଟ୍ ସେନ୍‌ସେସନ୍ ପାଲଟିଛି। ଆମେରିକାରେ 'ଶାନ୍ତି ପାଇଁ ପଦଯାତ୍ରା' କରୁଥିବା ବୌଦ୍ଧ ଭିକ୍ଷୁଙ୍କ ସହ ଆଲୋକା ୩,୭୦୦ କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିଛି। ନିଷ୍ଠା ଓ ଶାନ୍ତିପୂର୍ଣ୍ଣ ସ୍ୱଭାବ ତାକୁ ଦେଶ ସୀମା ବାହାରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

ବୌଦ୍ଧ ଭିକ୍ଷୁମାନେ ଯେତେବେଳେ ଭାରତରେ ପଦଯାତ୍ରା କରୁଥିଲେ, ସେତେବେଳେ ଆଲୋକା ତାଙ୍କୁ ଅନୁସରଣ କରିଥିଲା। ପ୍ରାୟ ୧୦୦ ଦିନରୁ ଅଧିକ ସମୟ ଧରି ସେ ନିରନ୍ତର ଭାବରେ ଯାତ୍ରା କରିଛି। ଏହିଭଳି ଭାବେ ସେମାନଙ୍କ ବନ୍ଧନ ସୃଷ୍ଟି ହୋଇଥିଲା।



ଆଲୋକା ଭାରତୀୟ ପାରିହା କୁକୁର ବୋଲି ତା'ର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ଫେସ୍‌ବୁକ୍ ପେଜ୍‌ରୁ ଜଣାପଡ଼ିଛି।

ତା'ର ଯାତ୍ରା ସମ୍ପର୍କରେ ଏକ ପୋଷ୍ଟରେ କୁହାଯାଇଛି, ଆଲୋକାର ଯାତ୍ରା ଅତ୍ୟନ୍ତ ଭାବପୂର୍ଣ୍ଣ। ସେ ଏକ ବୁଲାକୁକୁର ଥିଲା, ଯିଏ ବୌଦ୍ଧ ଭିକ୍ଷୁଙ୍କୁ ଅନୁସରଣ କରିବା ଆରମ୍ଭ କଲା। ସେ 'ଶାନ୍ତି ପାଇଁ ପଦଯାତ୍ରା' ଭଳି ଭାରତରେ ୧୦୦ ଦିନରୁ ଅଧିକ ସମୟ ଧରି ଚାଲିଥିଲା। ତା'ର ଜନ୍ମଦିନ ଅଜଣା ଥିଲେ ମଧ୍ୟ ତା'ର ନିଷ୍ଠା ଏବଂ ଶାନ୍ତିପୂର୍ଣ୍ଣ ମନୋଭାବ ସ୍ପଷ୍ଟ ହୋଇଯାଏ।'

ଭାରତରେ ସାହସିକ ଯାତ୍ରା ପରେ ଆଲୋକା ଗତ ବର୍ଷ ଅକ୍ଟୋବରରେ ଟେକ୍ସାସ୍‌ର ଫୋର୍ଟ ୱର୍ଥରୁ ଆରମ୍ଭ ହୋଇଥିବା ଶାନ୍ତି ପଦଯାତ୍ରାରେ ୧୯ ଜଣ ବୌଦ୍ଧ ଭିକ୍ଷୁଙ୍କ ଗୋଷ୍ଠୀରେ ଯୋଗ ଦେଇଛି। ୧୧୦ ଦିନର ଏହି ଯାତ୍ରା, ଯାହା ୧୦ଟି ରାଜ୍ୟ ଦେଇ ଗତି କରିଛି, ଫେବୃଆରୀରେ ୱାଶିଂଟନ- ଡିସିରେ ଶେଷ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଆଲୋକାର ଇନ୍‌ଷ୍ଟାଗ୍ରାମ୍ 'ଆଲୋକା ଦ ପିସ୍‌ଡଗ୍' ନାମରେ ଆକାଉଣ୍ଟ ଅଛି, ଯେଉଁଥିରେ ତା'ର ୧.୫ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି।



ରଣବୀର ସିଂ

# ରେକର୍ଡ ସୃଷ୍ଟିକଲା ଧୁରନ୍ଧର

**ମୁମ୍ବାଇ**

ବଲିଉଡ୍ ଇଣ୍ଡଷ୍ଟ୍ରିରେ ସଫଳତାକୁ ଯେଉଁଠି କେବଳ ଆୟରେ ମପାଯାଏ, ସେଠାରେ ଅଭିନେତା ରଣବୀର ସିଂ ତାଙ୍କ ଅଭିନୀତ ଫିଲ୍ମ 'ଧୁରନ୍ଧର' ମାଧ୍ୟମରେ ଏକ ଇତିହାସ ସୃଷ୍ଟି କରିଛନ୍ତି। ଏହି ଫିଲ୍ମ ଏକକ ଭାଷା (ହିନ୍ଦୀ)ରେ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଆୟ କରିଥିବା ଭାରତୀୟ ଫିଲ୍ମର ରେକର୍ଡ କରିଛି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ ଡ୍ରାମା କେବଳ ହିନ୍ଦୀରେ ରିଲିଜ ହୋଇଥିବା ପ୍ରଥମ ଭାରତୀୟ ଫିଲ୍ମ ଭାବେ ୧,୦୦୦ କୋଟି କ୍ଲବ୍‌ରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି। ଜିଓ ଷ୍ଟୁଡିଓଜ ରିପୋର୍ଟ ଅନୁଯାୟୀ, କେବଳ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ବିଶ୍ୱବ୍ୟାପୀ ୧,୨୪୦ କୋଟି ଟଙ୍କା ରୋଜଗାରକରି ଗୋଟିଏ ଭାଷାରେ ୩୪ ଦିନରେ ସର୍ବାଧିକ ୮୩୧.୪୦ କୋଟି ଟଙ୍କା ଆୟ କରିଥିବା ଭାରତୀୟ ଫିଲ୍ମ ଭାବେ ଇତିହାସ ସୃଷ୍ଟି କରିଛି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

**ବାଣପୁର/ଖୋର୍ଦ୍ଧା,୭।୧(ଦିଲ୍ଲୀପ କୁମାର ସ୍ୱାଇଁ/ପ୍ରଭାତ ପାଣିଗ୍ରାହୀ)**

## ■ ୩୦ ଜିଲ୍ଲାର ୧୧୮ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ
## ■ ୨୨୦୦ ବିଦ୍ୟାଳୟ ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ

୨୦୩୬ ସୁଦ୍ଧା ଓଡ଼ିଶା ହେବ ସମୃଦ୍ଧ ଓଡ଼ିଶା ଏବଂ ଏହି ପରିକଳ୍ପନାରେ ଶୁଭାରମ୍ଭ ହୋଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ। ବିଦ୍ୟାର୍ଥୀଙ୍କ ପାଠପଢ଼ାର ମୂଳଦୁଆକୁ ସଶକ୍ତ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଏବଂ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଏହା ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାଣପୁର ପଲଟନ ପଡ଼ିଆରେ ରାଜ୍ୟସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କରି କହିଛନ୍ତି। ଏହି ଅବସରରେ ସେ ୩୦ଟି ଜିଲ୍ଲା ପାଇଁ ୧୧୮ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ହଜାର କୋଟି ଟଙ୍କା ଖର୍ଚ୍ଚରେ ଆସନ୍ତା ୪ବର୍ଷରେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ୨୨ଶହ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ।

ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ଆହୁରି କହିଥିଲେ ଯେ, ବାଣପୁର ମାଟିର ସୁଯୋଗ୍ୟ ସନ୍ତାନ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଶିକ୍ଷାବିତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଏହି ଯୋଜନାରେ ପିଲାଙ୍କୁ ଗୁଣାତ୍ମକ ମାନର ଶିକ୍ଷା ମିଳିବା ସହ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ ହେବ। ଏଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିବା ପାଇଁ ମୁଁ ବହୁବର୍ଷ ଆଗରୁ ଉଦ୍ୟମ ଆରମ୍ଭ କରିଥିଲି। ଆମ ସରକାର ଆସିବା ପରେ ଏହି ଯୋଜନାକୁ ପ୍ରାଥମିକତା ଦିଆଯାଇଥିଲା। ଚଳିତ ବର୍ଷ ବଜେଟରେ ଏଥିଲାଗି ୩ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ। ପ୍ରତ୍ୟେକ ଆଦର୍ଶ ବିଦ୍ୟାଳୟରେ ଅତି କମ୍‌ରେ ୧୦୦ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିବେ, ୫ ଏକରରୁ ଅଧିକ ଜମି ରହିବ ଏବଂ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯିବ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ଏହି ଯୋଜନା ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସୂତ ଯୋଜନା। ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ଶୂନ୍ୟସ୍ଥାନ ପରିଲକ୍ଷିତ ହେଉଛି, ଏହି ଯୋଜନା ତାକୁ ଦୂର କରିବ। ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ପରିକଳ୍ପନା କରିଛନ୍ତି। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିଥିଲେ, ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ପିଏମ୍‌ଶ୍ରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣରେ କହିଥିଲେ, ଶିକ୍ଷା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ।

ପଣ୍ଡିତ ଗୋଦାବରୀଶଙ୍କ ଏହି ମହତ ଭାବନାକୁ ଦୃଷ୍ଟିରେ ରଖି ଉକ୍ତ ଯୋଜନା ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର, କେନ୍ଦୁଝର, ନବରଙ୍ଗପୁର ଏବଂ ପୁରୀ ଜିଲ୍ଲାରୁ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ପାଇଁ ଆଭାସି ଜରିଆରେ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରୁତୁରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ. ଏନ୍. ଥିରୁମାଲା ନାୟକ ଧନ୍ୟବାଦ ଦେଇଥିଲେ।

# ୧୨ରୁ ନୂତନ ବଜେଟ ଆଲୋଚନା

**ଭୁବନେଶ୍ୱର,୭।୧ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬–୨୭ ଆର୍ଥିକବର୍ଷ ଲାଗି ନୂତନ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। କେଉଁଦିନ କେଉଁ ବିଭାଗର ବଜେଟ ଆଲୋଚନା ହେବ ସେନେଇ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଡି.କେ. ଜେନା ଜାନୁଆରୀ ୬ରେ ସମସ୍ତ ବିଭାଗକୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ୧୨ରେ ଅନୁଷ୍ଠିତ ହେବାକୁଥିବା ପ୍ରାକ୍ ବଜେଟ ଆଲୋଚନାରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଓ ସଂପୃକ୍ତ ବିଭାଗ ସଚିବ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ଏହି ପ୍ରକ୍ରିୟାରେ ୧୨ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୪ଟା ମଧ୍ୟରେ ୧୨ଟି ବିଭାଗର ବଜେଟ ପ୍ରସ୍ତାବ ଆଲୋଚନା ରହିଛି। ସେଥିମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ, ମହିଳା ଓ ଶିଶୁ କଲ୍ୟାଣ, ଜଳସମ୍ପଦ, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି, ଶକ୍ତି, ମତ୍ସ୍ୟ ଓ ପଶୁସମ୍ପଦ, ବାଣିଜ୍ୟ ଓ ପରିବହନ, ନଗର ଉନ୍ନୟନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସମବାୟ ଏବଂ ପର୍ଯ୍ୟଟନ ବିଭାଗ ରହିଛି। ସେହିପରି ୧୩ ତାରିଖରେ ହେବାକୁଥିବା ବଜେଟ ଆଲୋଚନାରେ ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ମିଶନ ଶକ୍ତି, କୃଷି, ଗ୍ରାମ୍ୟ ଉନ୍ନୟନ, ଅନୁସୂଚିତ ଜାତି ଓ ଜନଜାତି, ଗୃହ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରହିଛି।

ସୂଚନା ଅନୁଯାୟୀ, ଆସନ୍ତା ଫେବୃଆରୀ ତୃତୀୟ ସପ୍ତାହରେ ବଜେଟ ଅଧିବେଶନ ଅନୁଷ୍ଠିତ ହେବ। ଏହାକୁ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିକଟରେ ସବୁ ବିଭାଗର ସଚିବଙ୍କଠାରୁ ୫ଟି ଲେଖାଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଲୋଡ଼ିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଆସନ୍ତା ଆର୍ଥିକବର୍ଷ ପାଇଁ ହେବାକୁଥିବା ବଜେଟ କିଭଳି ଏକ ଯୁଗାନ୍ତକାରୀ ଓ ଲୋକକଲ୍ୟାଣମୂଳକ ହୋଇପାରିବ, ସେଥିପାଇଁ ଜୋର୍ ଦିଆଯାଇଛି। ଏହି କ୍ରମରେ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଜେନା ଜନସାଧାରଣଙ୍କଠାରୁ ସୁଚିନ୍ତିତ ପ୍ରସ୍ତାବ ଓ ମତାମତ ଲୋଡ଼ିଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମେଲ୍ ଆଇଡି, ହ୍ୱାଟ୍‌ସଆପ୍ ସହ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମତ ଦେବାକୁ କୁହାଯାଇଛି।

# ମହିଳାଙ୍କୁ ଦଳିଦେଲା ହାତୀ

**ଜଗନ୍ନାଥ ପ୍ରସାଦ,୭।୧(ବିଭୁ ପ୍ରସାଦ ପଟ୍ଟନାୟକ):** ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥ ପ୍ରସାଦ ରେଞ୍ଜ୍ ଗେରେଡ଼ା ସେକ୍ସନ ଅଞ୍ଚଳରେ ବୁଧବାର ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୁଣିଗୁଣ୍ଡି ଗ୍ରାମର ବିଦୁର ମଲ୍ଲିକଙ୍କ ସ୍ତ୍ରୀ ଶିଶୁଳା ମଲ୍ଲିକ(୬୨)। ସମରବନ୍ଧ ବିଟ୍ ଲୁଣିଗୁଣ୍ଡି ଗ୍ରାମ ସଂରକ୍ଷିତ ଜଙ୍ଗଲ ୮ ନିକଟ ନିଜ ଜମିରୁ କାମ ସାରି ଶିଶୁଳା, ରୁନୁ ପ୍ରଧାନ ଓ ଲବଙ୍ଗ ପ୍ରଧାନ ଫେରୁଥିଲେ। ଏହି ସମୟରେ ସେମାନଙ୍କୁ ଏକ ହାତୀ ଗୋଡ଼ାଇଥିଲା। ଶିଶୁଳା ପଡ଼ିଯିବାରୁ ହାତୀ ତାଙ୍କୁ ଶୁଣ୍ଢରେ ଟାଣି ନେଇ ଦଳି ଦେଉଥିବା ବେଳେ ଅନ୍ୟ ୨ ଜଣ ଜୀବନ ବଞ୍ଚାଇ ଗାଁକୁ ଦୌଡ଼ି ପଳାଇଥିଲେ। ଗାଁ ଲୋକେ ଏ ନେଇ ବନ ବିଭାଗକୁ ଖବର ଦେବା ସହ ଘଟଣାସ୍ଥଳକୁ ଯାଇଥିଲେ। ସେତେବେଳକୁ ହାତୀଟି ଶିଶୁଳାଙ୍କୁ ମାରି ଜଙ୍ଗଲ ଭିତରକୁ ଚାଲିଯାଇଲା। ଖବରପାଇ ଜଗନ୍ନାଥ ପ୍ରସାଦ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।






**ହାଡ଼ଭଙ୍ଗା ଶୀତରେ କମ୍ପୁଛି ଓଡ଼ିଶା**









# ରିମ୍‌ଝିମ୍ ଇସ୍ପାତ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ

**ଢେଙ୍କାନାଳ,୭।୧(ରତନ ନାୟାର)**

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ନିକଟରେ ଥିବା ରିମ୍‌ଝିମ୍ ଇସ୍ପାତ ଲିମିଟେଡ୍ କାରଖାନାରେ ବୁଧବାର ଦିନ ୧୨ଟା ୫୦ମିନିଟ ସମୟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ବହୁମୂଲ୍ୟ ଟଙ୍କାର ସାମଗ୍ରୀ ଜଳିପୋଡି ଛାରଖାର ହୋଇଯାଇଛି। ଏହି ଘଟଣାରେ କୌଣସି ଜୀବନହାନି ହୋଇନଥିବା ଅଗ୍ନିଶମ ସେବା ବିଭାଗ ସୂତ୍ରରୁ ପ୍ରକାଶ। ଖବରପାଇ ହିନ୍ଦୋଳ ରୋଡ୍, ରାସୋଳ, ଖଜୁରିଆକଟା, ବଅଁରପାଳ ଅଗ୍ନିଶମ ସେବାସଂସ୍ଥା ସମେତ ଟାଟାଷ୍ଟିଲ ମେରାମଣ୍ଡଳୀ ଓ ଜିଏମ୍‌ଆରର ଦୁଇଟି ଲେଖାଏଁ ଅଗ୍ନିଶମ ସେବା ଦଳ ଘଟଣା ସ୍ଥଳରେ ପହଞ୍ଚି ପ୍ରାୟ ଦୁଇଘଣ୍ଟା ପରିଶ୍ରମ କରି ନିଆଁକୁ କୌଣସି ପ୍ରକାରେ ଆୟତ୍ତ କରିଥିବା ଢେଙ୍କାନାଳ ଜିଲ୍ଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ସୂଚନାରୁ ଜଣାପଡ଼ିଛି। କମ୍ପାନୀର ୩ ନଂ ୟୁନିଟ୍‌ରେ କଏଲ ରିୱାଇଣ୍ଡିଙ୍ଗ୍ ହେଉଥିବା ସମୟରେ ଟରବାଇନ ତେଲରେ ହଠାତ୍ ନିଆଁ ଲାଗିଯିବାରୁ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ନିଆଁ ଲାଗିବା କାରଣ ସମ୍ପର୍କରେ ଅଗ୍ନିଶମ ସେବା ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବା ଆଶଙ୍କା କରାଯାଉଛି। ରିମ୍‌ଝିମ୍ କମ୍ପାନୀରେ ହଠାତ୍ ନିଆଁ ଲାଗିବାକୁ ନେଇ ଆଖପାଖ ଅଞ୍ଚଳରେ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ। ଅନ୍ୟପକ୍ଷରେ ରିମଝିମ କମ୍ପାନୀର ନିରାପତ୍ତା ସାର୍ଟିଫିକେଟ ନ ଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ, ଯାହାକି ତଦନ୍ତ ସାପେକ୍ଷ। ଦୁର୍ଘଟଣା ସମୟରେ ୨୦୦ରୁ ଉର୍ଦ୍ଧ୍ୱ ଶ୍ରମିକ କାମ କରୁଥିବା ସମୟରେ କମ୍ପାନୀରେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ନ ଥିବା ଏବଂ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବା ସାଧାରଣରେ ଆଲୋଚନା ହେଉଛି।


ରିମ୍‌ଝିମ୍ ଇସ୍ପାତ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ।

## ଆଜିଠୁ ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

**ଭୁବନେଶ୍ୱର,୭।୧ (ଅନୁରାଧା ମହାରଣା)**

ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ୪ର୍ଥ ସଂସ୍କରଣ ଗୁରୁବାରଠାରୁ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ୧୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ୨୫୦ ପ୍ରଦର୍ଶକ ଓ ପରିଦର୍ଶକ ଏକାଠି ହେବେ। ୧୦ରୁ ଅଧିକ ଦେଶର ୩୦୦ରୁ ଉର୍ଦ୍ଧ୍ୱ କମ୍ପାନୀ ଏଥିରେ ସାମିଲ ହେବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେବାକୁ ଥିବାବେଳେ ସମ୍ମାନିତ ଅତିଥିଭାବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଶିଳ୍ପବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ରହିବେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏସ୍‌ଭିଏନ୍‌ଆଇଆର୍‌ଟିଏଆର୍ ପକ୍ଷରୁ ଇଣ୍ଟର୍‌ନ୍ୟାସନାଲ ମାନୁଆଲ୍ ଥେରାପି କନ୍‌ଫରେନ୍ସ, ସ୍ଥାନ: ମେନ୍ ଅଡିଟୋରିୟମ୍, ଏମ୍ସ, ସମୟ: ସକାଳ ୯ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୀତ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ମୁକ୍ତମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କଟକ

- ପ୍ରଥମ ଶିବପ୍ରସାଦ ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ପୁରୁଣା ତିଗିରିଆ ଖେଳ ପଡିଆ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ ଟା।

## ବାଲେଶ୍ୱର

- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥଙ୍କ ୨୪ ବେଶ ଦର୍ଶନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଷ୍ଣୁପୁର ମକର ମେଳା ପଡ଼ିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ନ୍ୟାଶନାଲ ଟ୍ରାକିଂ କ୍ୟାମ୍ପ, ସ୍ଥାନ: ସିଦ୍ଧି ବିନାୟକ ରେସିଡେନ୍‌ସିଆଲ କଲେଜ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ସଡ଼କ ସୁରକ୍ଷା ସଚେତନତା ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ସକାଳ ୯ଟା।
- ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆରସା ସମବାୟ ସମିତି, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଶାରଦା ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା, ସ୍ଥାନ: ମଞ୍ଜୁରୀ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ପର୍ବ, ସ୍ଥାନ: ଆରଡ଼ିଛକ ପ୍ରେମନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ୍ ମ୍ୟାଚ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଶୁଙ୍ଗୁଡ଼ା ନୀଳମଣି ମିନିଷ୍ଟାଡିୟମ୍, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଷ୍ଟେଶନ ଆଥଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ:କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ, କପ୍ତିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବାର୍ଷିକ କ୍ରୀଡା ମହୋତ୍ସବ, ସ୍ଥାନ: କେ.ସି.ହାଇସ୍କୁଲ ଖେଳପଡିଆ, ସମୟ: ସକାଳ ୮ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୨ଟା ।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସନ୍ଧ୍ୟା ୬ଟା।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ,ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୧୫।

## ଗଞ୍ଜାମ

- ଏନ୍‌ବିସି କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଆସିକା ବ୍ଲକ କେନ୍ଦୁପଦର କଲେଜ ଖେଳପଡିଆ, ସମୟ: ସକାଳ ୯ଟା।

## କନ୍ଧମାଳ

- ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭ୍ରମରବାଡ଼ି ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଶୀତ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଦାରିଙ୍ଗବାଡ଼ି, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ପିଏମ୍‌ଶ୍ରୀ ଚନ୍ଦ୍ରଶେଖରଜୀଉ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଦେଓଗାଁ, କପିଳାସ, ସମୟ:ପୂର୍ବାହ୍ନ ୧୦ଟା।
- ଯୋରନ୍ଦା ମାଘମେଳା ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଯୋରନ୍ଦା ଗ୍ରାମପଞ୍ଚାୟତ କାଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା୩୦।
- ବ୍ଲକସ୍ତରୀୟ ଢେଙ୍କାନାଳ ମହୋତ୍ସବ, ସ୍ଥାନ:ଗଁଦିଆ ବ୍ଲକ ପରିସର, ସମୟ:ଅପରାହ୍ନ ୪ଟା।

## ଅନୁଗୋଳ

- ବାଜି ରାଉତ ଛାତ୍ରାବାସ ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଆଇଓସିଏଲ ଡିଲର ଆସୋସିଏଶନ ପକ୍ଷରୁ ବୈଠକ, ସ୍ଥାନ: ବାଉରିଆପାଳନ୍ଦା ପାଳନ୍ଦା ଟର୍ମିନାଲ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ବୃହତ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗରାପୁର, କେନ୍ଦ୍ରାପଡା, ସମୟ: ସକାଳ ୭ଟା ।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା ।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ବଡ଼ଚଣା ମହୋତ୍ସବ ୨ ୟ ଦିବସରେ ବଲିଉଡ ଗାୟକ ଅଭିଜିତ ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଉତ୍କଳ ଘଣ୍ଟ କବି ଯଦୁମଣି ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ:ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ ପଡିଆ, ସମୟ: ସକାଳ ୮ଟା।
- ଉତ୍କଳ ଘଣ୍ଟ କବି ଯଦୁମଣି ମହାପାତ୍ରଙ୍କ ୨୪୬ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ:ନୟାଗଡ଼ ବ୍ଲକ ଇଟାମାଟି ପ୍ରଧାନସାହିସ୍ଥ କବି ଯଦୁମଣିଙ୍କ ବାସଭବନ, ସମୟ: ସକାଳ ୯ଟା ।
- ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସରେ ଇଏସସି ମେଣ୍ଢାଶାଳ ବନାମ ଏନପି କଟକ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସରେ ଗଣ୍ଡରପୁର ଭୁବନେଶ୍ୱର ବନାମ ମା' କାମାକ୍ଷା ସ୍ପୋର୍ଟିଂ କ୍ଲବ ବିହାର, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା ।
- କବି ସମ୍ମିଳନୀ, ସମୟ:ପୂର୍ବାହ୍ନ ୧୧ଟା, କଣ୍ଠ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା, ସମୟ:ଅପରାହ୍ନ ୨ଟା, ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସମୟ:ଅପରାହ୍ନ ୪ଟା ।
- ରଣପୁର ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ:ରଣପୁର ବାଘ ସାମନ୍ତ ପଡିଆ, ସମୟ:ସନ୍ଧ୍ୟା ୬ଟା ।

## ରାୟଗଡ଼ା

- ମୀନାଖୋଲା ଶୈବପୀଠରେ ଜାଗର ଯାତ୍ରା ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସ୍ୱାସ୍ଥ୍ୟ ଓ ଆଇସିଡିଏସ୍ ମିଳିତ ସହଯୋଗରେ ଟାସ୍କ ଫୋର୍ସ କମିଟି ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୩ ଟା।
- ଓଡ଼ିଶା ଖାଦ୍ୟ ପ୍ରୋସେସିଂ ପଲିସି ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ ଟା।

## ସମ୍ବଲପୁର

- ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ପଲ୍ଲିଶ୍ରୀ ମେଳା, ସ୍ଥାନ: ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ୟୁଥ ଫେଷ୍ଟିଭାଲ, ସ୍ଥାନ: ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଚଳଚ୍ଚିତ୍ର ଗାୟକ ସୁଖବିନ୍ଦର ସିଂଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବଲାଙ୍ଗୀର ଜିଲା ଡୁମାଲ ସମ୍ପ୍ରଦାୟ ଜିଲା ନୂତନ ପନୁଆ (ସଭାପତି) ଦାୟିତ୍ୱ ଅର୍ପଣ ଉତ୍ସବ, ସ୍ଥାନ: ରାଣୀପାଲି ମା' ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣେଶ୍ୱରୀ ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

## ରାଉରକେଲା

- ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାୟୋପ୍ଲାଷ୍ଟିକ କର୍ମଶାଳା, ସ୍ଥାନ: ଏନ୍‌ଆଇଟି ରାଉରକେଲା ଏଫ୍‌ଟିବିଆଇ, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଆଇଟିଡ଼ିଏ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା ଉଦ୍‌ଯାପନୀ, ସ୍ଥାନ: ପାନପୋଷ ବସ୍ତି ରାମମନ୍ଦିର, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୭ଦିନିଆ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପନୀ ସମାରୋହ: ସ୍ଥାନ: ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ୧୪ ବର୍ଷରୁ କମ ବୟସ୍କ କ୍ରିକେଟ ଖେଳାଳି ଚୟନ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୮ଟା।

## ବୌଦ୍ଧ

- ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପ୍ରାଙ୍ଗଣ, (ବାମଣ୍ଡା), ବୌଦ୍ଧ, ସମୟ: ସକାଳ ୧୧ଟା।
- ଉଠାଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ:କରଡି, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୪୫।

## ଦେବଗଡ଼

- ଜିଲାସ୍ତରୀୟ ମତ୍ସ୍ୟ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଦେବଗଡ଼ ବଡବଗିଚା ପ୍ରଧାନପାଟ ରୋଡ, ସମୟ: ସକାଳ ୮ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅତି ସୁନ୍ଦର ଲେଫଡ଼ା ଯାଏ**
**ଅତି ସୁଆଦ ପୋକ ଖାଏ ।**

ଅତି ସର୍ବତ୍ର ଗର୍ହିତମ। ଅତିରୁ କୁପରିଣତି ଘଟିଥାଏ। ଯେଉଁଠି ସୌନ୍ଦର୍ଯ୍ୟ ଏବଂ ସ୍ୱାଦ ଅତି ମାତ୍ରାରେ ଅନୁଭୂତ ହୁଏ, ସେଠି ତା'ର ସ୍ଥାୟିତ୍ୱ ଦୀର୍ଘ କାଳ ରହିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆସୁ ନ ଆସୁ ଦେଲି ପାଣି**
**ସନ୍ତୁଷ୍ଟ ହୁଅ ଠାକୁରାଣୀ।**

ଭକ୍ତିଭାବ ବିନା ଈଶ୍ୱର ଆରାଧନାର ମୂଲ୍ୟ କିଛି ରହି ନ ଥାଏ। ଠାକୁର ବା ଦିଅଁପୂଜାରେ ମନ ନ ଥିବା ଅଥଚ ଜାଣିଶୁଣି ନିମଗ୍ନ ରହିଥିବା ବ୍ୟକ୍ତିର ଲୋକଦେଖାଣିଆ ଚରିତ୍ର ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## 'ହାତ' ଧରି 'ଗୁଡ଼ି' ...

ସଦସ୍ୟଙ୍କ ସଂଖ୍ୟା ୩୨କୁ ଛୁଇଁଛି। ଅମ୍ବରନାଥ ବିକାଶ ଅଘାଡ଼ି ନାମରେ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଢ଼ି ସମର୍ଥନରେ ଭାଜପା ନେତା ତେଜଶ୍ରୀ କାରାଞ୍ଜୁଲେ ଶିବସେନାର ମନୀଷା ୱାଲେକରଙ୍କୁ ପରାଜିତ କରି ଅମ୍ବରନାଥ ମହାନଗର ନିଗମର ମେୟର ନିର୍ବାଚିତ ହୋଇଛନ୍ତି।

ଏହି ଘଟଣା ପରେ ମହାରାଷ୍ଟ୍ର କଂଗ୍ରେସ ସଭାପତି ଉକ୍ତ ମେଣ୍ଟକୁ ସ୍ଥାନୀୟ ନେତାଙ୍କ 'ସମ୍ପୂର୍ଣ୍ଣ ଭୁଲ୍ ପଦକ୍ଷେପ' ରୂପେ ଅଭିହିତ କରିବା ସହ ଅମ୍ବରନାଥ ବ୍ଲକ୍ କଂଗ୍ରେସ କମିଟିକୁ ଭଙ୍ଗ କରିଦେଇଛନ୍ତି। ବରିଷ୍ଠ ଭାଜପା ନେତା ତଥା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଏହି ମେଣ୍ଟ ଗ୍ରହଣଯୋଗ୍ୟ ନୁହେଁ। ସ୍ଥାନୀୟ ନେତାମାନେ ଯଦି ଏପରି ନିଷ୍ପତ୍ତି ନେଇଛନ୍ତି, ଶୃଙ୍ଖଳା ଦୃଷ୍ଟିରୁ ଏହା ଭୁଲ୍ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶିନ୍ଦେଙ୍କ ଶିବସେନା ଏହାକୁ ବୈଚାରିକ ଛଳନା ଏବଂ ଅନୈତିକ ମେଣ୍ଟ ବୋଲି ସମାଲୋଚନା କରିଛି। କଂଗ୍ରେସକୁ ଭାରତୀୟ ରାଜନୀତିରୁ ମୂଳପୋଛ କରିବାକୁ ସ୍ଲୋଗାନ ଦେଉଥିବା ଭାଜପା କେବଳ କ୍ଷମତା ଲାଳସାରେ ସେହି ଦଳକୁ ଆଲିଙ୍ଗନ କରିଛି। ଏହା 'ମେଣ୍ଟ ଧର୍ମ' ପ୍ରତି ବିଶ୍ୱାସଘାତକତା, ଯାହାର ପ୍ରଭାବ ସୁଦୂରପ୍ରସାରୀ ହେବ। କିନ୍ତୁ ସ୍ଥାନୀୟ ଭାଜପା ନେତା ଗୁଲାବରାଓ କାରାଞ୍ଜୁଲେ କହିଛନ୍ତି, ଅମ୍ବରନାଥକୁ ଏକ ଭୟମୁକ୍ତ ଓ ଦୁର୍ନୀତିମୁକ୍ତ ସହରରେ ପରିଣତ କରିବା ପାଇଁ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏପରି ନିଷ୍ପତ୍ତି ନିଆଯାଇଛି। ବୁଝାମଣା ପାଇଁ ଶିବସେନାକୁ ଅନେକ ଥର ଡକାଯାଇଥିଲା। କିନ୍ତୁ ଶିବସେନା କୌଣସି ଆଗ୍ରହ ନ ଦେଖାଇବାରୁ ସ୍ଥିର ଶାସନ ଦେବା ସକାଶେ କଂଗ୍ରେସ ଏବଂ ଏନ୍‌ସିପିକୁ ଧରିବା ବ୍ୟତୀତ ଅନ୍ୟ ବିକଳ୍ପ ନ ଥିଲା ବୋଲି ନବନିର୍ବାଚିତ ମେୟର କହିଛନ୍ତି।

ଅକୋଲା ଜିଲାର ଅକୋଟ ପୌର ପରିଷଦରେ ମଧ୍ୟ ଭାଜପା ଅସାଦୁଦ୍ଦିନ୍ ଓ୍ୱାଇସିଙ୍କ ନେତୃତ୍ୱାଧୀନ ଅଲ୍ ଇଣ୍ଡିଆ ମଜ୍‌ଲିସ୍-ଇ-ଇତ୍ତେହାଦୁଲ ମୁସଲିମିନ୍ (ଏଆଇଏମ୍‌ଆଇଏମ୍) ଓ ଅନ୍ୟ ଦଳଗୁଡ଼ିକ ସହ ମେଣ୍ଟ କରିଛି। ଏହି ପୌର ପରିଷଦର ୩୫ ୱାର୍ଡ ମଧ୍ୟରୁ ୩୩ଟିରେ ନିର୍ବାଚନ ହୋଇଥିବାବେଳେ ଭାଜପାକୁ ୧୧ ଆସନରେ ସଫଳତା ମିଳିଛି। ଏଆଇଏମ୍‌ଆଇଏମ୍ ୫ ସିଟରେ ଜିତିଛି। ଏଆଇଏମ୍‌ଆଇଏମ୍ ଏବଂ ଅନ୍ୟ ଦଳଗୁଡ଼ିକର ସମର୍ଥନ ହାସଲ କରି ମେଣ୍ଟ ସଦସ୍ୟଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ଏଠାରେ ଭାଜପାର ମାୟା ଧୁଲେ ଏଆଇଏମ୍‌ଆଇଏମ୍‌ର ଫିରୋଜାବି ସିକନ୍ଦର ରାଣାଙ୍କୁ ପରାଜିତ କରି ମେୟର ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ୬, ବଞ୍ଚିତ ବହୁଜନ ଅଘାଡ଼ି ୨ ଆସନ ଦଖଲ କରିଛନ୍ତି। ଭାଜପା କ୍ଷମତା ଦଖଲ ପାଇଁ କିପରି ଭାବେ ଯେକୌଣସି ଦଳ ସହ ମେଣ୍ଟ କରିପାରେ, ତାହା ଉପରୋକ୍ତ ୨ ପୌରାଞ୍ଚଳରେ ଦେଖିବାକୁ ମିଳିଛି ବୋଲି ଶିବସେନା (ୟୁବିଟି) ଏମ୍‌ପି ସଞ୍ଜୟ ରାଉତ୍ ସମାଲୋଚନା କରିଛନ୍ତି।

## ଏପ୍ରିଲରୁ ଜନଗଣନା...

ପ୍ରଥମ ପର୍ଯ୍ୟାୟରେ ଘରର ଆସବାବପତ୍ର ଗଣନା କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଘରକୁଘର ବୁଲିସମ୍ପୂର୍ଣ୍ଣ ଜନଗଣନା କରିବେ। ଏହି କାର୍ଯ୍ୟ ପାଇଁ ଲକ୍ଷାଧିକ ଅଧିକାରୀ ନିୟୋଜିତ ହେବେ। ଲୋକସେବା ଭବନରେ ବୁଧବାର ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍ ବୈଠକ ପରେ ନିଖିଳ କହିଛନ୍ତି, ଜନଗଣନା ଲାଗି ବିଭିନ୍ନ ଦିଗକୁ ନେଇ ବୁଧବାର ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏଥିପୂର୍ବରୁ ଜନଗଣନା ପାଇଁ ୬ ମାସ ଧରି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତୁତି ଚାଲିଥିଲା। ଭୁବନେଶ୍ୱର ଏବଂ କଟକରେ ପ୍ରାକ୍ ପରୀକ୍ଷା କରାଯାଇଛି। ତେବେ ଘୋଷଣା ହୋଇଥିବା ନୂଆ ଏନ୍‌ଏସି ଏବଂ ପୌରପାଳିକାକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହା ଦୂର ହୋଇଛି। ସରକାରଙ୍କ ପକ୍ଷରୁ ନିକଟରେ ନୂତନ ଏନ୍‌ଏସି ଏବଂ ପୌରପାଳିକାର ସୀମା ନିର୍ଦ୍ଧାରଣ ହୋଇସାରିଛି।

ସେ ଆହୁରି କହିଛନ୍ତି, ଗଣନା ଅଧିକାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ତାଲିମ ପ୍ରଦାନ କରାଯିବ। ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏ ଅଧିକାରୀ ନିୟୋଜିତ ରହିବେ। ୬ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ। ଏହି କାର୍ଯ୍ୟରେ ପ୍ରାୟ ୧ ଲକ୍ଷ ଗଣନା ଅଧିକାରୀ ନିୟୋଜିତ ହେବେ। ଜଣେ ଜଣେ ଗଣନା ଅଧିକାରୀଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏପ୍ରିଲରୁ ମେ' ପ୍ରଥମ ପର୍ଯ୍ୟାୟରେ ଘର ମାର୍କ ହେବ। ୨୦୨୭ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଜଣେ ବ୍ୟକ୍ତି ଚାହିଁଲେ ନିଜେ ନିଜର ତଥ୍ୟ ୱେବ୍‌ସାଇଟ୍ ଜରିଆରେ ଦେଇ ପଞ୍ଜୀକୃତ ହୋଇପାରିବେ। ସେତେବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ମୋବାଇଲ ମାଧ୍ୟମରେ ଓଟିପି ଯିବ। କୌଣସି ଗୋଟିଏ ନମ୍ବର ଜଣେ ବ୍ୟକ୍ତି ଗଣନା ବେଳେ ଦୁଇଥର ବ୍ୟବହାର କରିପାରିବେ ନାହିଁ। ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ଅନ୍‌ଲାଇନ୍‌ରେ ହେବ। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଉଚ୍ଚସ୍ତରୀୟ ମନିଟରିଙ୍ଗ କରାଯିବ। ଜନଗଣନା ଯେଭଳି ଶତପ୍ରତିଶତ ଠିକ୍ ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ନିର୍ଦ୍ଦେଶକ ନିଖିଳ କହିଛନ୍ତି।

## ଏସ୍‌ସିବି ମେଡିକାଲ ...

ହଠାତ୍ ବୁଧବାର ଅପରାହ୍ନରେ ନାରାୟଣ ଶୋଇଥିବା ବେଡ୍ ନିକଟ ଛାତରୁ କଂକ୍ରିଟ ଖଣ୍ଡ ସହ ସିଲିଂ ତାଙ୍କ ଉପରେ ଖସିପଡ଼ିଥିଲା। ଫଳରେ ତାଙ୍କ ମୁଣ୍ଡ ଓ ମୁହଁ ଫାଟି ଯାଇଥିଲା। ନିକଟରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ତାଙ୍କୁ ଉଦ୍ଧାର କରିଥିଲେ। ଏଭଳି ଅବ୍ୟବସ୍ଥା ଯୋଗୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ ଫାଣ୍ଡି ପୋଲିସ ପହଞ୍ଚି ସ୍ଥିତି ଆୟତ୍ତ କରିଥିଲା। ହେଲେ ଘଟଣା ଘଟିବାର ଦେଢ଼ଘଣ୍ଟା ବିତିଥିଲେ ମଧ୍ୟ ନାରାୟଣଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ନ ଥିଲା କିମ୍ବା ମେଡିକାଲ ଅଧିକାରୀ ଓ ବିଭାଗୀୟ ଅଧିକାରୀ ସେଠାରେ ପହଞ୍ଚି ନ ଥିଲେ। ଏ ନେଇ ନାରାୟଣଙ୍କ ପୁଅ ପ୍ରମୋଦ କହିଛନ୍ତି, ମେଡିକାଲରେ ରୋଗୀଙ୍କୁ ଚିକିତ୍ସା ପରିବର୍ତ୍ତେ ମରଣ ମୁହଁକୁ ଠେଲି ଦିଆଯାଉଛି। ମୋ ବାପା ଗୁରୁତର ଆହତ ହେବା ପରେ ସେଠାରେ ଥିବା କର୍ମଚାରୀ ଦୁର୍ବ୍ୟବହାର କରୁଛନ୍ତି, ହେଲେ ଡାକ୍ତର ଚିକିତ୍ସା କରୁନାହାନ୍ତି। ଏପରିକି କୌଣସି ଅଧିକାରୀ ମଧ୍ୟ ପହଞ୍ଚି ନାହାନ୍ତି ବୋଲି ସେ କହିଛନ୍ତି। ତେବେ ଏସ୍‌ସିବି ଭଳି ସର୍ବବୃହତ୍ ମେଡିକାଲରେ ଚିକିତ୍ସା ପାଇଁ ଶତାଧିକ ରୋଗୀ ଆଶା କରି ଆସୁଥିବାବେଳେ ମେଡିକାଲରେ ରୋଗୀ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଘଟଣା ଓ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ପଚାରିବାରୁ କହିଛନ୍ତି, କୌଣସି ଘଟଣା ସମ୍ପର୍କରେ ମୁଁ ଅବଗତ ନାହିଁ। ଯଦିଓ କୌଣସି ଘଟଣା ଘଟିଛି, ତେବେ ସେ ନେଇ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବାକୁ ମୁଁ କ୍ଷମତାପ୍ରାପ୍ତ ନୁହେଁ ବୋଲି କହିଛନ୍ତି।

## ଶିମିଳିପାଳ ତାପମାତ୍ରା ...

ସମଗ୍ର ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଦିନକୁ ଦିନ ତାପମାତ୍ରା ହ୍ରାସ ପାଉଥିବା ବେଳେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ହାଡ଼ଭଙ୍ଗା ଶୀତରେ ଜିଲାବାସୀ ଥରୁଛନ୍ତି। ଏପରିକି ବନ୍ୟଜନ୍ତୁଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଥିବା ବେଳେ ଗୃହପାଳିତ ପ୍ରାଣୀମାନେ ପ୍ରଭାବିତ ହୋଇଛନ୍ତି।

ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳର ତାପମାତ୍ରା ହ୍ରାସ ପାଇଛି। ସୋମବାର ଉପର ବାରହାକାମୁଡ଼ା ରେଞ୍ଜରେ ୮ଡିଗ୍ରୀ, ମଙ୍ଗଳବାର ୩ଡିଗ୍ରୀ ଓ ବୁଧବାର ଶୂନ ଡିଗ୍ରୀ ରେକର୍ଡ କରାଯାଇଛି। ୨ଦିନ ମଧ୍ୟରେ ପାରଦ ୮ ଡିଗ୍ରୀ ଖସି ଆସିଥିବାରୁ ଜିଲାରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲାରେ ତାପମାତ୍ରା ୨ଡିଗ୍ରୀ, ବରେହିପାଣିରେ ଓ ଗୁଡୁଗୁଡ଼ିଆରେ ୫ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୯ ଡିଗ୍ରୀ ଏବଂ କିଆଁଝରିରେ ୧୧ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଉଲ୍ଲେଖଯୋଗ୍ୟ ୨୦୨୪ ଡିସେମ୍ବର ୩୧ରେ ମଧ୍ୟ ଶିମିଳିପାଳରେ ତାପମାତ୍ରା ଶୂନ ଡିଗ୍ରୀ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସୁଖସମୃଦ୍ଧି ବୃଦ୍ଧି, ଶୁଭଖବର ପ୍ରାପ୍ତି ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ସ୍ୱାସ୍ଥ୍ୟସମସ୍ୟା ଦୂରୀଭୂତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତି ଆପଣଙ୍କ କାମରେ ହସ୍ତକ୍ଷେପ କରି ସମସ୍ୟା ସୃଷ୍ଟି କରିବେ । ଅଶ୍ୱିନୀ ନକ୍ଷତ୍ର ସାହିତ୍ୟ କୃତି ଓ ସଙ୍ଗୀତ, ଚଳଚ୍ଚିତ୍ରରୁ ପ୍ରଶଂସିତ ହେବାର ସୁଯୋଗ ପାଇବେ।

**ବୃଷ** – ଯେତେ ଭଲ କାମ କରନ୍ତୁନା କାହିଁକି ନିଜଲୋକଙ୍କ ପରୋକ୍ଷ ସମାଲୋଚନାରୁ ମୁକୁଳି ପାରିବେ ନାହିଁ। ଆନୁଷ୍ଠାନିକ ଆଲୋଚନାକୁ କେନ୍ଦ୍ରକରି ମତପାର୍ଥକ୍ୟଜନିତ ସହମତି ହୋଇ ନ ପାରେ। ମୂଲ୍ୟବାନ ଜିନିଷ ହଜିଯିବାରୁ ବିରସ ମନରେ ସମୟ ବିତାଇବେ। ରୋହିଣୀ ନକ୍ଷତ୍ର ଆତ୍ମୀୟଙ୍କ ପ୍ରତି ଅନୁରକ୍ତ ହେବେ।

**ମିଥୁନ** – ସ୍ୱାସ୍ଥ୍ୟ ପ୍ରତି ସଚେତନ ନ ହେଲେ ପରେ ଅନୁତାପ କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ଜରିଆରେ ପାଇ ଖୁସି ହେବେ। ମୃଗଶିରା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ଜମିଜମା, କଳକାରଖାନା, ହୋଟେଲ, ରେଷ୍ଟୁରାଣ୍ଟ ବ୍ୟବସାୟରୁ ସୁଫଳ ମିଳିବ। ପଡ଼ୋଶୀଙ୍କୁ କଥା ପ୍ରସଙ୍ଗରେ କୌଣସି ଗୋପନ କଥା କହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**କର୍କଟ** – ପରିବାରଠାରୁ ଦୂରରେ ରହିବା ହେତୁ ସମ୍ପର୍କ ହ୍ରାସଜନିତ ଅସ୍ଥିରତା ସୃଷ୍ଟିହେବ। ଅଶ୍ଳେଷା ନକ୍ଷତ୍ରର କୋର୍ଟକଚେରି ମାମଲାର ଆଶୁ ଶୁଣାଣି ହୋଇଯାଇପାରେ। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠିରେ ଦରଜଜନିତ ପୀଡ଼ା ଅନୁଭବ କରିପାରନ୍ତି। ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣର ସୁଯୋଗ ପାଇବେ।

**ସିଂହ** – ଆର୍ଥିକ ପରିସ୍ଥିତି ସୁଧାରିବାକୁ ଯାଇ କରଜ କରିପାରନ୍ତି। କର୍ମକ୍ଷେତ୍ରର ସମସ୍ୟା ସମାଧାନ ଦିଗରେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ଗଠନମୂଳକ ପ୍ରସ୍ତାବ ଦେଇ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପୁରାତନ ରୋଗ ପୀଡ଼ା, ଶତ୍ରୁତା, କରଜଦାତାଙ୍କ ଚାପ ସାଙ୍ଗକୁ ନିଜଲୋକମାନଙ୍କ ଆକ୍ଷେପୋକ୍ତି ମନକୁ ବାଧିବ।

**କନ୍ୟା** – ଶାରୀରିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି ଏବଂ ପାରିବାରିକ ସୁଖସମୃଦ୍ଧିଜନିତ ଖୁସି ରହିବେ। ଚିତ୍ରା ନକ୍ଷତ୍ର ସାମାଜିକ ସ୍ତରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ହିତୈଷୀମାନେ ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟର ଅଭିବୃଦ୍ଧି ସକାଶେ ନୂତନ ଯୋଜନାର ଆକଳନ କରିପାରନ୍ତି।

**ତୁଳା** – ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସହ ସମସ୍ୟାର ସମାଧାନ କରିପାରିବେ। ସ୍ଥାନାନ୍ତର ଚିନ୍ତା ମନରେ ଘାରୁଥିଲେ ମଧ୍ୟ କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇ ଖୁସି ହେବେ। ବିଶାଖା ନକ୍ଷତ୍ର ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟିକ ଉତ୍କର୍ଷ, ସତ୍‌ସଙ୍ଗର ସୁଯୋଗ, ବନ୍ଧୁସମ୍ପର୍କ ସ୍ଥାପନ ହେତୁ ଖୁସି ରହିବେ।

**ବିଛା** – ଦୀର୍ଘଦିନରୁ ଚେଷ୍ଟା କରୁଥିବା କାର୍ଯ୍ୟହାସଲରେ ପ୍ରତିବନ୍ଧକ ଲାଗିରହିବ। ଆଲୋଚନା ସମୟରେ ଅନ୍ୟମନସ୍କଜନିତ ବନ୍ଧୁଙ୍କ କଥାକୁ ବୁଝି ପାରିବେ ନାହିଁ। ସାଧାରଣ କଥାରେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟିହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ ଲାଭ କରି ଆଶ୍ୱସ୍ତି ହେବେ।

**ଧନୁ** – କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିନେବେ। ଉତ୍ତରାଷାଢ଼ା ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପରିବାରରେ ବନ୍ଧୁସମ୍ପର୍କ ସ୍ଥାପନ କିମ୍ବା ଆଗାମୀ ଶୁଭକାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ବାରମ୍ବାର ସମୟ ଗଡ଼ାଇ ଚାଲିଥିବାରୁ ଆତ୍ମୀୟସ୍ୱଜନଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ।

**ମକର** – ଦାୟିତ୍ୱନିର୍ବାହର ତତ୍ପରତା ମଧ୍ୟରେ ପଦାଧିକାରୀଙ୍କ ଦ୍ୱାରା ଚାପର ସମ୍ମୁଖୀନ ହେବେ। ଗୃହ ନିର୍ମାଣ, ଜମିଜମା କାରବାର, ବେପାର, ପରିବହନ କ୍ଷେତ୍ରରେ ସମସ୍ୟା ଆସିପାରେ। ଶିକ୍ଷା, ଆଲୋଚନା, ସଭାସମିତି, ଚୁକ୍ତିପତ୍ର କ୍ଷେତ୍ରରୁ ସଫଳତା ପାଇବେ। ଶ୍ରବଣା ନକ୍ଷତ୍ର ସକାଶେ ଆତ୍ମୀୟମାନେ ଈର୍ଷାପରାୟଣ ହୋଇଉଠିବେ।

**କୁମ୍ଭ** – ବାରମ୍ବାର ବିଫଳତାଜନିତ ଅନ୍ୟମନସ୍କ ହେତୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ଲାଗିରହିବ। ସତର୍କତା ଅଭାବରୁ ଶତଭିଷା ନକ୍ଷତ୍ରର ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ଦିନଟି ବହୁତ ଭଲ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ହାସଲ କରିପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ନୂତନ ଖସଡ଼ା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଲାଭ ସାଙ୍ଗକୁ ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ଆଶା କରିଥିବା ଜିନିଷ ଲାଭ କରି ଖୁସି ହେବେ।

ଆଜି ଜାନୁୟାରୀ ୮ ତାରିଖ, ମାଘ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ଗୁରୁବାର, ରାଶିନକ୍ଷତ୍ର-ଦିବା ଘ. ୧୨.୨୫ ଗତେ ଉତ୍ତରାଫାଲଗୁନୀ/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୧୪ ଗତେ ଘ.୦୨.୩୬ ମଧ୍ୟେ ରାହୁ କାଳ ।

# ୨୧ରୁ ୨୩ ଆଇଆଇସିଡିଇଏମ୍ - ୨୦୨୬

**ଭୁବନେଶ୍ୱର,୭।୧(ସୁନିତ୍ ମିଶ୍ର)**

ଭାରତୀୟ ନିର୍ବାଚନ ଆୟୋଗ ଚଳିତ ମାସ ୨୧ରୁ ୨୩ ପର୍ଯ୍ୟନ୍ତ ପ୍ରଥମ ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ସମ୍ମିଳନୀ (ଆ।ଇଆ।ଇସିଡିଇଏମ୍)-୨୦୨୬ ଆୟୋଜନ କରିବେ। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ୩ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ନିର୍ବାଚନ ଆୟୋଗଙ୍କ ତତ୍ତ୍ୱାବଧାନରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ ଦ୍ୱାରା ମିଳିତ ଭାବେ ଆୟୋଜନ ହେବ। ଏହି ସମ୍ମିଳନୀ ନିର୍ବାଚନ ପରିଚାଳନା ଏବଂ ଗଣତନ୍ତ୍ର କ୍ଷେତ୍ର ଉପରେ ଆଧାରିତ ବିଶ୍ୱରେ ସର୍ବବୃହତ୍ ସମ୍ମିଳନୀ ହେବ। ଏଥିରେ ବିଶ୍ୱର ବିଭିନ୍ନ ଦେଶର ନିର୍ବାଚନ ପରିଚାଳନା ସଂସ୍ଥାର ପ୍ରତିନିଧିତ୍ୱ କରୁଥିବା ଅନ୍ତର୍ଜାତୀୟ ପ୍ରତିନିଧି, ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଙ୍ଗଠନର ପ୍ରତିନିଧି, ନିର୍ବାଚନ କ୍ଷେତ୍ରରେ ଶିକ୍ଷା ଏବଂ ଅଭ୍ୟାସ କରୁଥିବା ବିଶେଷଜ୍ଞମାନେ ଯୋଗଦେବେ।

ଏହି ସମ୍ମିଳନୀ ଦ୍ୱାରା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ୨୦୨୬ ପାଇଁ ଅନ୍ତର୍ଜାତୀୟ ଆଇଡିଆର୍ ସଦସ୍ୟ ରାଷ୍ଟ୍ର ପରିଷଦର ଅଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟସୂଚୀକୁ ଆରମ୍ଭ କରିବେ। ଏହା 'ଅନ୍ତର୍ଭୁକ୍ତ, ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସ୍ଥାୟୀ ବିଶ୍ୱ ପାଇଁ ଗଣତନ୍ତ୍ରର ଆବଶ୍ୟକତା' ବିଷୟବସ୍ତୁ ଉପରେ ଆଧାରିତ ହେବ। ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟର ମହାନିର୍ଦ୍ଦେଶକ ରାକେଶ ବର୍ମା ବୁଧବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ଏହି ସମ୍ମିଳନୀର ବ୍ୟାପକ ରୂପରେଖ ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି,ଏହି ସମ୍ମିଳନୀ ନିର୍ବାଚନ ପରିଚାଳନା ସଂସ୍ଥାଗୁଡ଼ିକ ମଧ୍ୟରେ ଅନ୍ତର୍ଜାତୀୟ ସହଯୋଗ ପାଇଁ ଏକ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ, ଯାହା ସମସାମୟିକ ବାଧାଗୁଡ଼ିକ ଦୂର ପାଇଁ ଏକ ସମାନ ବୁଝାମଣା, ସର୍ବୋତ୍ତମ ଅଭ୍ୟାସ, ନବସୃଜନର ଆଦାନପ୍ରଦାନ ଏବଂ ସମାଧାନର ସହ-ସୃଷ୍ଟୀକରଣକୁ ସକ୍ଷମ ମଧ୍ୟ କରିବ। ତେବେ ଏହି ଅବସରରେ ଉକ୍ତ ସମ୍ମିଳନୀର ଅଫିସିଆଲ ଲୋଗୋ ଉନ୍ମୋଚନ କରାଯାଇଛି। ଏହି ସମ୍ମିଳନୀରେ ବିଶ୍ୱର ଅନେକ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କୁ ଭାରତର ନିର୍ବାଚନ ଢାଞ୍ଚା, ପ୍ରକ୍ରିୟା ଏବଂ ପ୍ରଯୁକ୍ତିବିଦ୍ୟା ସହ ପରିଚିତ କରାଇବ ଯାହା ଭାରତୀୟ ନିର୍ବାଚନକୁ ଗଣତାନ୍ତ୍ରିକ ଦେଶଗୁଡ଼ିକ ମଧ୍ୟରେ ଏକ ଉଦାହରଣ ଭାବେ ସ୍ଥାପନ କରିବ।

ଏହି ୩ ଦିନିଆ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଷୀ ନିର୍ବାଚନ ପରିଚାଳନା ସଂସ୍ଥାର ମୁଖ୍ୟ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କ ସହ ୪୦ରୁ ଅଧିକ ଏହି ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ। ଉକ୍ତ ସମ୍ମିଳନୀରେ ୪ଟି ଆଇଆଇଟି, ୬ଟି ଆଇଆଇଏମ୍, ୧୨ଟି ଏନ୍‌ଏଲ୍‌ୟୁ ଏବଂ ଆଇଆଇଏମ୍‌ସି ସମେତ ପ୍ରମୁଖ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିବେ, ଯେଉଁଥିରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନେତୃତ୍ୱରେ ୩୬ଟି ପ୍ରାସଙ୍ଗିକ ଗୋଷ୍ଠୀ, ଜାତୀୟ ଏବଂ ଅନ୍ତର୍ଜାତୀୟ ଶିକ୍ଷା ବିଶେଷଜ୍ଞମାନେ ଯୋଗଦାନ କରିବେ।



ହୀରାକୁଦ ଜଳଭଣ୍ଡାରରେ ଠାବହୋଇଥିବା ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ।

# ହୀରାକୁଦ ଜଳଭଣ୍ଡାରରେ ବିଦେଶାଗତ ପକ୍ଷୀ

**ସମ୍ବଲପୁର,୭।୧(ପ୍ରମୋଦ ବହିଦାର)**

## ୧୮ରେ ହେବ ପକ୍ଷୀଗଣନା

ହୀରାକୁଦ ଜଳଭଣ୍ଡାରର ସୁବିସ୍ତୀର୍ଣ୍ଣ ଆର୍ଦ୍ରଭୂମିରେ ବିଦେଶାଗତ ପକ୍ଷୀଙ୍କ ସମାଗମ ଆରମ୍ଭ ହୋଇଛି। ସୁଦୂର ସାଇବେରିଆ, ରୁଷିଆ, ୟୁରୋପୀୟ ଦେଶରୁ ବିଦେଶୀ ସହ ଅନେକ ବିରଳ ପ୍ରଜାତିର ଭାରତୀୟ ପକ୍ଷୀଙ୍କ ମଧ୍ୟ ଆଗମନ ଜାରି ରହିଛି। ସେଥିମଧ୍ୟରେ ପିଣ୍ଟେଲ, ଶୋଭଲର, ଟିଲ୍, ପୋଚାର୍ଡ, ବାର-ହେଡେଡ୍ ଗୁସ୍, ଗଡ୍‌ୱିଟ୍, ସ୍ୟାଣ୍ଡପାଇପର, ସ୍ନାଇପ୍‌ସ, ବ୍ରାଉନ୍ ହେଡେଡ୍ ଗୁଲ୍, ହ୍ୱିସ୍କର୍ଡଟର୍ନ ଆଦି ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ସହ ଇଗ୍ରେଟ(ଗୋ-ବଗ), ହର୍ନ (କୋଚିଲାଖାଇ), କୋମୋରାଣ୍ଟ (ପାଣିକୁଆ), ଲାପ୍‌ୱିଙ୍ଗ (ଟିଟିରି) ଆଦି ପକ୍ଷୀ ଦେଖିବାକୁ ମିଳିଛି। ତେବେ ଆସନ୍ତା ୧୮ ତାରିଖ ଗୋଟିଏ ଦିନ ପାଇଁ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଜଳଭଣ୍ଡାରରେ ବିଦେଶାଗତ ପକ୍ଷୀଙ୍କ ଗଣନା ହେବ ବୋଲି ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ କହିଛନ୍ତି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି। ଗଣନାକୁ ସୁନିୟୋଜିତ ଢଙ୍ଗରେ ସମ୍ପନ୍ନ କରିବା ପାଇଁ ଜଳଭଣ୍ଡାରର ପ୍ରାୟ ୫୫୦ ବର୍ଗ କିଲୋମିଟରର ଆର୍ଦ୍ରଭୂମି ଅଞ୍ଚଳକୁ ପ୍ରତି ୪୦ବର୍ଗକିଲୋମିଟରେ ଅଞ୍ଚଳକୁ ଗୋଟିଏ ଲେଖାଏକରି ମୋଟ୍ ୨୧ଟି ସେକ୍ଟରରେ ବିଭକ୍ତ କରାଯାଇଛି। ୩୨ ଜଣ ପକ୍ଷୀ ବିଶେଷଜ୍ଞ ଓ ୩୮ ଜଣ କର୍ମଚାରୀ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ସେ ସୂଚନା ଦେଇଛନ୍ତି। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ହସ୍ତଗତ ତଥ୍ୟ ଅନୁସାରେ ୨୦୨୫ ଗଣନା ଅନୁସାରେ ଜଳଭଣ୍ଡାରକୁ ପ୍ରାୟ ୧୨୨ଟି ବିଭିନ୍ନ ପ୍ରଜାତିର ମୋଟ୍ ୩ ଲକ୍ଷ ୭୭ ହଜାର ୭୩୨ ପକ୍ଷୀଙ୍କ ସମାଗମ ହୋଇଥିଲା।

# ଅବପାତ ପାଇଁ ବଢ଼ିଗଲା ଶୀତ

**ଭୁବନେଶ୍ୱର,୭।୧(ଅନୁରାଧା ମହାରଣା)**

ରାଜ୍ୟରେ କୁହୁଡ଼ି ସାଙ୍ଗକୁ ଶୀତ ଲହରୀ ଜାରି ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପାଇଁ କୋହଲା ପବନ ଯୋଗୁ ଶୀତ ବଢ଼ିଛି। ହେଲେ ଆସନ୍ତା ୨ରୁ ୩ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ପରବର୍ତ୍ତୀ ୨ ଦିନରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ମାତ୍ର ଏହାପରେ କ୍ରମାଗତଃ ଭାବେ ଆହୁରି ଶୀତ ବଢ଼ିବ ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଆଧାର କରି ସେ କହିଛନ୍ତି, ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଅବପାତ ଗୁରୁବାର ଆହୁରି ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ। ମାତ୍ର ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ନାହିଁ।

ଅନ୍ୟପଟେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୋଲ୍ଡ ୱେଭ୍ ଓ କୁହୁଡ଼ିକୁ ନେଇ ସତର୍କ ସୂଚନା ଜାରି କରାଯାଇଛି। ବୁଧବାର ରାଜ୍ୟର ସର୍ବନିମ୍ନ ରାତି ତାପମାତ୍ରା ଫୁଲବାଣୀରେ ୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ଛତ୍ରପୁର ଓ ପାରଳାଖେମୁଣ୍ଡିରେ ସର୍ବାଧିକ ରାତି ତାପମାତ୍ରା ୧୫ ଡିଗ୍ରୀ ରହିଥିଲା। ଅନ୍ୟପଟେ ଦାରିଙ୍ଗବାଡିରେ ସର୍ବନିମ୍ନ ଦିନ ତାପାମାତ୍ରା ୨୩.୫ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ୨୯.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଗୁରୁବାର ବୌଦ୍ଧ, ନୟାଗଡ଼ ଓ କୋରାପୁଟ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିବ। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ଜଗତ୍‌ସିଂହପୁର, କଟକ, ବାଲେଶ୍ୱର, ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, କଳାହାଣ୍ଡି, ସୋନପୁର ଓ ନବରଙ୍ଗପୁରକୁ କୋହଲା ପବନ ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି।

# ଭୋଗରାଇର ଶେଷ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ଭୋଗରାଇ,୭।୧(ପ୍ରଦୀପ ଦାସ)**



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଶେଷ ସ୍ୱାଧୀନତା ସଂଗ୍ରାମୀ ସୋହରିଆ ଗ୍ରାମର ଶ୍ରୀକଣ୍ଠ ତ୍ରିପାଠୀ(୯୦)ଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁରେ ବିଭିନ୍ନ ମହଲରୁ ଶୋକବ୍ୟକ୍ତ କରାଯାଇଛି। ପରାଧୀନ ଭାରତବର୍ଷକୁ ସ୍ୱାଧୀନତାର ମୁକ୍ତି ଆନ୍ଦୋଳନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ଓ ତାଙ୍କ କନିଷ୍ଠ ଭାଇ ଦୁର୍ଗାଶଙ୍କର ଦାସଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଶ୍ରୀକଣ୍ଠ ଯୁବାବସ୍ଥାରେ ସ୍ୱଦେଶୀ ଆନ୍ଦୋଳନରେ ଝାସ ଦେଇ ବ୍ରିଟିଶ ପୋଲିସ ହାତରେ ଧରାପଡି କାରାବରଣ କରିଥିଲେ। ତାଙ୍କର ସଂଗ୍ରାମୀ ଜୀବନ ଭୋଗରାଇ ଇତିହାସରେ ଏକ ମାଇଲଖୁଣ୍ଟ ବୋଲି ବହୁ ବୁଦ୍ଧିଜୀବୀ କହିଥିଲେ। ସକାଳେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ତହସିଲଦାର ସୂର୍ଯ୍ୟକୁମାର ନାୟକ, ବିଡିଓ ପ୍ରଶାନ୍ତ କୁମାର ମହାରଣା, ଭୋଗରାଇ ଥାନାଧିକାରୀ ରୋହିତ ବଳ, ପିଇଓ କଟିଆ ମାରାଣ୍ଡି, ପୂର୍ବତନ ସମିତି ସଦସ୍ୟ ଈଶାନ ଚନ୍ଦ୍ର ଗିରିଙ୍କ ସହ ବହୁ ବିଶିଷ୍ଟବ୍ୟକ୍ତି ଭୋଗରାଇର ଶେଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ପାର୍ଥିବ ଶରୀରକୁ ପୁଷ୍ପମାଲ୍ୟ ଦେଇ ଶତାଧିକ ଲୋକେ ଗ୍ରାମ ପରିକ୍ରମା କରିବା ସହିତ ତାଙ୍କ ନିଜସ୍ୱ ବାଡ଼ିରେ ମୁଖାଗ୍ନି ଦେଇଥିଲେ ପୁଅ ସତ୍ୟବ୍ରତ ତ୍ରିପାଠୀ।

# ଗଛରେ ପିଟି ହେଲା ବାଇକ୍, ୨ ମୃତ, ଜଣେ ଗୁରୁତର


**ପାତ୍ରପୁର,୭।୧(ଉମା ଚରଣ ନେପାକ)**

ଗଞ୍ଜାମ ଜିଲା ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଅଧୀନ ତମ୍ପାପୁର-ମନ୍ଦରଡ଼ା ରାସ୍ତାର ଲୁହୁରୁଣି ବଟଠାରେ ଏକ ବାଇକ୍ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ କେଦାର ନାଇକ (୧୮) ଓ ରାହୁଲ ନାଇକ (୨୬)। ଖବରରୁ ପ୍ରକାଶ, ଟିଟିଗାଁ ଗ୍ରାମର କେଦାର, ବାଡ଼ିତୋଳା ଗ୍ରାମର ରାହୁଲ, ବନମାଳୀ ଗ୍ରାମର ରଞ୍ଜନ ନାଇକ(୨୬) କାର୍ଯ୍ୟସ୍ଥଳରୁ କାମ ସାରି ଘରକୁ ଫେରୁଥିଲେ। କେଦାର ଗାଡ଼ି ଚଲାଉଥିବା ବେଳେ ବନମାଳୀ ଓ ରଞ୍ଜନ ପଛରେ ବସିଥିଲେ। ତମ୍ପାପୁର-ମନ୍ଦରଡ଼ା ରାସ୍ତାର ଲୁହୁରୁଣି ବଟଠାରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ୩ ଜଣଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବରପାଇ ପାତ୍ରପୁର ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କେଦାର ଓ ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜନଙ୍କ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇଆଇସି ଚୁନା ସାସ୍ମଲ, ଏମ୍‌ପି ପ୍ରତିନିଧି ମୀନା ଦ୍ୟାନସାମନ୍ତରା, ବିଡିଓ ଲକ୍ଷ୍ମଣ ଚରଣ ସୋରେନ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ବୁଝିଥିଲେ। ନଂ. ୩/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକମାନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ଆଇଆଇସି ସାସ୍ମଲ କହିଛନ୍ତି।

DSPL - 461

ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ
ଜନ୍ମ ଶତବାର୍ଷିକୀ ପାଳନ

ଗୁରୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ଓ ସ୍ମୃତିଚାରଣ
ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଭୁବନେଶ୍ୱର
୮ ଜାନୁଆରୀ ୨୦୨୬ | ପୂର୍ବାହ୍ନ ୧୧.୦୦ ଘଟିକା





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଡି
ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ

ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି
ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ

ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ୍
ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ

ଗୁରୁ ରତିକାନ୍ତ ମହାପାତ୍ର
ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ

ସାଂସ୍କୃତିକ କାର୍ଯ୍ୟକ୍ରମ
୮-୧୦ ଜାନୁଆରୀ ୨୦୨୬, ସନ୍ଧ୍ୟା ୬.୩୦ ଘଟିକାରୁ ୯.୩୦ ଘଟିକା | ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ମିଳିତ ସହଯୋଗରେ
GKCMORC
srjan
Guru Kelucharan Mohapatra Odissi Nrityabasa

OIPR-

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

ବାହାର ଜଗତରେ ଘୂରି ବୁଲୁଥିବା ଉଚ୍ଚତା ଶକ୍ତିଗୁଡ଼ିକ ହାତରେ ନିଜକୁ ଛାଡ଼ି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। - ଶ୍ରୀମା




# ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ



ଦେବଦତ୍ତ ପଟ୍ଟନାୟକ

ଆଜକୁ ୨୦୦୦ରୁ ଅଧିକ ବର୍ଷ ପୂର୍ବେ ରାଜଦରବାରରେ ଅମଲାତନ୍ତ୍ର ଭାବେ କାର୍ଯ୍ୟ କରୁଥିବା ବ୍ରାହ୍ମଣଙ୍କ ବୃତ୍ତିକୁ ନିଶ୍ଚିତ କରାଯାଇଥିଲା। ରାଜାଙ୍କ ଢାଞ୍ଚା, ଶାସନ ଏବଂ ତାଙ୍କ ଭାଷା ଆଧାରରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ଚାଲୁଥିଲା। ରାଜା ଯିଏ ହୁଅନ୍ତୁନା କାହିଁକି, ତାଙ୍କ ପୁଅ ଓ ପୁତୁରା ଉତ୍ତରାଧିକାରୀ ହେଉଥିଲେ। ଜାତି-ଧର୍ମ ବ୍ୟବସ୍ଥା ବି ଏହାକୁ ନିଶ୍ଚିତ କରୁଥିଲା। କେବଳ ୮୦୦ ବର୍ଷ ପୂର୍ବେ ଯେତେବେଳେ ମୁସଲମାନ ରାଜାମାନେ ଆସିଲେ ସେତେବେଳେ ଦରବାରି ଭାଷା ପାର୍ସି ହୋଇଗଲା। ହେଲେ ତୃଣମୂଳସ୍ତରରେ ଅନ୍ୟସବୁ ବିଷୟ ସମାନ ରହିଲା। ପ୍ରଶାସନିକ ବ୍ୟାପାର ଦାୟିତ୍ୱରେ ଥିଲେ ବ୍ରାହ୍ମଣ। କିନ୍ତୁ ପରେ ମାକୁଲେ ଆସିଲେ ଏବଂ ସବୁକିଛି ଶେଷ ହୋଇଗଲା।

ଶିକ୍ଷା ବଦଳିଲା। ଭାଷା ବଦଳିଲା ଏବଂ ବ୍ୟବସ୍ଥା ପରିବର୍ତ୍ତନ ହୋଇଗଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରାଧାନ୍ୟତାର ଅନ୍ତ ଘଟିଲା। ଯୋଗ୍ୟତାଆଧାରିତ ବ୍ୟବସ୍ଥା ଆସିଲା। ଫଳରେ ତୁମେ ଇଂଲିଶ୍ ପଢ଼ି ଯୋଗ୍ୟ ହୋଇ ସିଭିଲ ସର୍ଭିସ୍ ପରୀକ୍ଷା ଦେବା ପାଇଁ ଲଣ୍ଡନ ଯାତ୍ରା କଲ। ଯେଉଁମାନଙ୍କୁ ଅସ୍ପୃଶ୍ୟ ବୋଲି ବିଚାର କରାଯାଉଥିଲା, ଦେଶ ସ୍ୱାଧୀନ ହେବା ପରେ ସେମାନଙ୍କ ପାଇଁ ଯେତେବେଳେ ସଂରକ୍ଷଣ ବ୍ୟବସ୍ଥା କରାଗଲା, ସେତେବେଳେ ବ୍ୟବସ୍ଥା ଆହୁରି ଖରାପ ହୋଇଗଲା ବୋଲି କୁହାଗଲା। ଏବେ ଆଧୁନିକ ଭାରତ କହିଚାଲୁଛି, ମାକୁଲେ ସମୃଦ୍ଧ ଭାରତୀୟ ଶିକ୍ଷାବ୍ୟବସ୍ଥାକୁ ନଷ୍ଟ କରିଦେଲେ। କିନ୍ତୁ ଊନବିଂଶ ଶତାବ୍ଦୀ ପୂର୍ବରୁ ଯେଉଁ ପୁରୁଣା ବ୍ୟବସ୍ଥା ରହିଥିଲା ତାହା ସମସ୍ତ ଭାରତୀୟ କିମ୍ବା ହିନ୍ଦୁଙ୍କ ପାଇଁ ଏକ ସାମଗ୍ରିକ ବ୍ୟବସ୍ଥା ନ ଥିଲା। ପ୍ରତିଷ୍ଠିତ ଗୋଷ୍ଠୀଙ୍କ ସହ ଜଡ଼ିତ ଥିବା ସ୍ଥାନୀୟ ସଂସ୍ଥାଗୁଡ଼ିକ ବଂଶାନୁକ୍ରମେ ଲେଖକ, ଧର୍ମଯାଜକ ଏବଂ ଦରବାରି ବିଦ୍ୱାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ଏହି ଗୋଷ୍ଠୀର କାଗଜପତ୍ର କାମ, ମନ୍ଦିର ହିସାବ କିତାବ, ଜମିଜମା ନଥିପତ୍ର ଏବଂ ନ୍ୟାୟିକ ବ୍ୟାଖ୍ୟାନ ଉପରେ ଏକଚାଟିଆ ଅଧିକାର ଥିଲା। ଏଥିରେ ଜାତି ଜଡ଼ିତ ଥିଲା ଏବଂ ଏହା ଥିଲା ବଂଶଗତ ବ୍ୟବସ୍ଥା, ଯାହା ନିର୍ଦ୍ଦିଷ୍ଟ ସମୁଦାୟଗୁଡ଼ିକୁ ସମ୍ଭବତଃ ନିଯୁକ୍ତି ଯୋଗାଇଦେଉଥିଲା। ବାସ୍ତବରେ ଏଭଳି ବ୍ୟବସ୍ଥା ଜାରି ରହିଥିଲାବେଳେ ମାକୁଲେ ପ୍ରବେଶକଲେ। ହିନ୍ଦୁ କିମ୍ବା ଭାରତୀୟଙ୍କ ସମସ୍ତ ବିଷୟକୁ ସେ ଘୃଣା କରିବା ଆରମ୍ଭ କରିଦେଲେ। ବ୍ରିଟେନ୍ ସାମ୍ରାଜ୍ୟର ଆବଶ୍ୟକତାକୁ ନେଇ ସେ ସିଦ୍ଧାନ୍ତ ନେଉଥିଲେ। କିନ୍ତୁ ତାଙ୍କ ସୁଧାରବାଦୀ ପଦକ୍ଷେପଗୁଡ଼ିକ ଅତି ପୁରୁଣା ଏକଚାଟିଆ ବ୍ୟବସ୍ଥାରେ ବାଧା ଆଣିଥିଲା। ପ୍ରଶାସନିକ ଭାଷା ଭାବେ ଇଂଲିଶ ଆରମ୍ଭ କରିଥିଲେ ଏବଂ ଏହାକୁ ନିଯୁକ୍ତି ପରୀକ୍ଷାରେ



ବାଧ୍ୟତାମୂଳକ କରି ସେ ବଂଶାନୁକ୍ରମିକ ପ୍ରଶାସନିକ ସୁବିଧାକୁ ପ୍ରତିହତ କରିଥିଲେ। ଇଂଲିଶ୍ ସାହିତ୍ୟ ଓ ଶାସ୍ତ୍ରୀୟ ଅଧ୍ୟୟନ ଦ୍ୱାରା ଗଢ଼ାଯାଇଥିବା ଏକ ନୂଆ ମାନସିକତାକୁ ଏହା ସମର୍ଥନ କରିଥିଲା ଏବଂ ବାସ୍ତବରେ ଏକ ନୂଆ ପ୍ରକାର ପ୍ରତିଷ୍ଠିତ ବର୍ଗଙ୍କୁ ସହଯୋଗ କରିଥିଲା। ବାପାଠାରୁ ପୁଅ ପାଖକୁ ଯାଉଥିବା ଜ୍ଞାନ, କ୍ଷମତା ଏବଂ ନିଯୁକ୍ତିର ପୁରୁଣା ଜାତି ଗ୍ୟାରେଣ୍ଟିକୁ ପତନ ଘଟାଇଲା। ଏଭଳି କ୍ଷତି କାରଣରୁ ମାକୁଲେଙ୍କ ପ୍ରତି ବ୍ରାହ୍ମଣ ଗୋଷ୍ଠୀର ଅସନ୍ତୋଷ ପ୍ରକାଶ ପାଇଲା। ଉପନିବେଶବାଦ ଦ୍ୱାରା ସ୍ଥାପିତ ବ୍ୟବସ୍ଥାଗୁଡ଼ିକର ବିଲୋପ ପାଇଁ ଦିଆଯାଉଥିବା ଡାକରା ପଛରେ ସମ୍ଭବତଃ ଏହି ଅସନ୍ତୋଷ ରହିଥାଇପାରେ।

ଖ୍ରୀଷ୍ଟିଆନ୍ ମିଶନାରିଗୁଡ଼ିକ ଅନୁଯାୟୀ, ଊନବିଂଶ ଶତାବ୍ଦୀରେ ବେଙ୍ଗଲରେ ୧,୦୦,୦୦୦ ସ୍କୁଲ ଥିଲା ଏବଂ ୫୦୦ ପିଲାଙ୍କ ପାଇଁ ଗୋଟିଏ ସ୍କୁଲ ଚାଲୁଥିଲା। ମାଡ୍ରାସ ପ୍ରେସିଡେନ୍ସିରେ ଅନେକ ସ୍ଥାନୀୟ ସ୍କୁଲ ଥିଲା, ଯେଉଁଠାରେ ନୀଚ ଜାତି କିମ୍ବା ଶୁଦ୍ରବର୍ଗର ଅଧିକ ପିଲା ପଢୁଥିଲେ। ଏସବୁ ହିଁ ବାସ୍ତବତା ଏବଂ ମାକୁଲେ ଯେଉଁ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଥିଲେ ତାହା ତୁଳନାରେ ସ୍ୱାଧୀନତା ପୂର୍ବର ସେହି ବ୍ୟବସ୍ଥା ସେଭଳି ଭୟଙ୍କର ନ ଥିବା ତଥ୍ୟକୁ ଏବେ ସବୁ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟରେ ବ୍ୟାପକ ଭାବେ ଶେୟାର କରାଯାଉଛି। ଇଂରେଜମାନେ ଲାଗୁକରିଥିବା ପ୍ରଶାସନଭିତ୍ତିକ ଶିକ୍ଷାଠାରୁ ଏହା ଯଥେଷ୍ଟ ଭଲ ଥିଲା ଏବଂ ଏହାର ଗଭୀର ଭାରତୀୟ ସଂସ୍କୃତି ଭାବନା ରହିଥିଲା ବୋଲି କୁହାଯାଉଛି। ମୁଖ୍ୟ ବିଷୟ ହେଉଛି, ଉତ୍ତର ଓ ଦକ୍ଷିଣ ଭାରତରେ 'ଶୁଦ୍ର'ର ଭିନ୍ନ ଅର୍ଥ ଥିଲା, ଯାହାକୁ ଚତୁରତାର ସହ ଗୁପ୍ତ ରଖାଯାଇଛି।

ଦକ୍ଷିଣ ଭାରତ ତୁଳନାରେ ଉତ୍ତର ଭାରତରେ ଚତୁଃବର୍ଣ୍ଣ ବ୍ୟବସ୍ଥା ଅଧିକ ଲାଗୁ ହେବା ଦେଖାଯାଏ। ଉତ୍ତର ଭାରତରେ ରାଜପୁତମାନେ କ୍ଷତ୍ରୀୟଙ୍କ ସ୍ଥାନ ନେଇଗଲେ। ବୈଶ୍ୟମାନେ ବଣିକ ଭାବେ ପରିଚିତ ହେଲେ। ତା'ପରକୁ ଆସିଲେ ଶୁଦ୍ର। ଦକ୍ଷିଣ ଭାରତରେ କ୍ଷତ୍ରୀୟଙ୍କ ସମକକ୍ଷ କେହି ନ ଥିଲେ। ତାମିଲ ଭାଷାଭାଷୀ ଅଞ୍ଚଳର ନାୟକ ରାଜାମାନେ ବଣିକ ଥିଲେ, କିନ୍ତୁ ବହୁ ସମୟରେ ସେମାନଙ୍କୁ ଶୁଦ୍ର ଭାବେ ସୂଚିତ କରାଯାଇଥିଲା। ତେଲୁଗୁ ଭାଷାଭାଷୀ ଅଞ୍ଚଳର କ୍ଷତ୍ରୀୟ ରାଜାମାନେ ଗର୍ବର ସହ ଶୁଦ୍ର ହେବାକୁ ଦାବି କରିଥିଲେ। ଭାରତୀୟ ଉପଦ୍ୱୀପର ଅଧିକାଂଶ ଭାଗରେ କେବଳ ଦୁଇଟି ଜାତି ବ୍ରାହ୍ମଣ ଓ ଶୁଦ୍ର ଥିଲେ। ଶୁଦ୍ରମାନେ ପ୍ରତିଷ୍ଠିତ ବିଶ୍ୱସ୍ତ ଗୋଷ୍ଠୀ ଏବଂ କୃଷକ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ। ଜମି ମାଲିକ ଓ ବ୍ୟବସାୟୀ ପରିବାରଗୁଡ଼ିକ ପ୍ରତିଷ୍ଠିତ ଶୁଦ୍ର ଗୋଷ୍ଠୀରେ ଥିଲେ। ସେମାନେ ସ୍କୁଲ ଗଲେ, ଅନ୍ୟମାନେ ଶିକ୍ଷାରୁ ବାହାରେ ରହିଲେ। ଏଣୁ ମାକୁଲେଙ୍କ ପୂର୍ବରୁ ଭାରତରେ ସବୁଜାତିର ଲୋକଙ୍କ ପାଇଁ ଏକ ସମାନ ଓ ମୁକ୍ତ ଶିକ୍ଷା ବ୍ୟବସ୍ଥା ଥିଲା ବୋଲି ଯେଉଁ ଧାରଣା ରହିଛି, ତାହା ସତ ନୁହେଁ। ତେବେ ଅପବିତ୍ର, ଅଶୁଦ୍ଧ, ଅସ୍ପୃଶ୍ୟ ଜାତି ଓ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ପ୍ରତ୍ୟେକ ଭାରତର ଜନସଂଖ୍ୟାର ୧୦% ହୋଇଥିଲେ ମଧ୍ୟ ସେମାନଙ୍କ କଥା ଅକୁହା ରହିଯାଇଛି। ଭାରତର ଦୃଢ଼ ଜାତି ବ୍ୟବସ୍ଥା ସମ୍ପର୍କରେ ଶିକ୍ଷାବିତ୍‌ମାନେ କହିବାବେଳେ ଏହି ବର୍ଗଙ୍କ ବିଷୟରେ କ୍ୱଚିତ୍ କୁହାଯାଇଥାଏ।

ମାକୁଲେଙ୍କ ପରେ ଇଂଲିଶ୍ ଶିକ୍ଷା ଧୀରେ ଧୀରେ ଅନେକ ଜାତି ଓ ସମ୍ପ୍ରଦାୟଗୁଡ଼ିକ ପାଇଁ ଖୋଲାରହିଥିଲେ ମଧ୍ୟ ଅସମାନତା ଦୂର କରିପାରି ନ ଥିଲା। କିନ୍ତୁ ଏହା ଗତିଶୀଳତାର ନୂଆ ପଥ ଦେଖାଇଥିଲା। ସାଧାରଣ ପରିବାରର ପିଲାଟିଏ ବଂଶାନୁକ୍ରମିକ ସାମାଜିକ ଧାରାରୁ ବାହାରି ନୂଆ ଭାଷା ଭଲଭାବେ ଶିକ୍ଷାକରି ପ୍ରଶାସନରେ ପ୍ରବେଶ କରିପାରିଲା। ଏହି ପରିବର୍ତ୍ତନ ପ୍ରତିଷ୍ଠିତ ବର୍ଗଙ୍କ ମଧ୍ୟରେ କ୍ରୋଧର କାରଣ ପାଲଟିଲା। ତେବେ ଉପନିବେଶବାଦରେ ଥିବା ବ୍ୟବସ୍ଥାଗୁଡ଼ିକୁ ଠିକ୍ ଭାବେ ବୁଝିବା ଦରକାର। ଯଦି ଏହା ଆଞ୍ଚଳିକ ଭାଷାଗୁଡ଼ିକର ପୁନଃମୂଲ୍ୟାୟନ ଏବଂ ଉପେକ୍ଷିତ ଜ୍ଞାନକୁ ପୁନଃସ୍ଥାପିତ କରିବାକୁ ଉଦ୍ଦିଷ୍ଟ ତେବେ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। କିନ୍ତୁ ଯଦି ଏହା ସାମାଜିକ ପରମ୍ପରା ନାମରେ ପଦାନୁକ୍ରମକୁ ପୁନଃସ୍ଥାପିତ କରେ ତେବେ ଶେଷ ହୋଇଯାଇଥିବା ବଂଶାନୁକ୍ରମିକ ସୁବିଧାର ପୁନଃପ୍ରାପ୍ତି ପାଇଁ ଏହା ଏକ ରାଜନୈତିକ ସାଧନ ହୋଇଯିବ। ଏବେ ଯେକେହି ପାରମ୍ପରିକ ରୀତିନୀତି ପ୍ରଥା ଉପରେ ପ୍ରଶ୍ନ ଉଠାଉଛନ୍ତି, ସେମାନଙ୍କୁ ଦେଶବିରୋଧୀ ଭାବେ ଅଭିଯୁକ୍ତ କରାଯାଉଛି। ସେହି ବ୍ୟକ୍ତିର ଗୁରୁତ୍ୱପୂର୍ଣ୍ଣ ବିଚାରକୁ ଅବଦମିତ କରିଦିଆଯାଉଛି। ମାକୁଲେ, ଇଂଲିଶ୍ ଏବଂ ଶିକ୍ଷାକୁ ନେଇ ଉଠୁଥିବା ବିତର୍କ କେବଳ ଉପନିବେଶବାଦ ସମ୍ପର୍କିତ ନୁହେଁ, ବରଂ ସ୍ୱାଧୀନ ସମୀକ୍ଷା କିମ୍ବା ଅତୀତର ବଂଶାନୁକ୍ରମିକ ଅଧିକାର ଦ୍ୱାରା ଗଠିତ ଏକ ଭବିଷ୍ୟତ ଭାରତ ଚାହୁଁଛି କି ନାହିଁ ତାହା ଉପରେ ପ୍ରଶ୍ନ ଉଠାଉଛି।

-devduttofficial@gmail.com

# ସଡ଼କ ଯାତ୍ରା ଓ ମାନସିକ ବିକୃତି



ପ୍ର. ଡା. ସମ୍ରାଟ କର

ସଡ଼କ ଦୁର୍ଘଟଣା ଓ ସଡ଼କରେ ଯାତ୍ରା ନେଇ ଗାଡ଼ି ଚାଳକଙ୍କଠାରୁ ପଦଚାଳକଙ୍କ ପର୍ଯ୍ୟନ୍ତ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରତିବର୍ଷ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସଡ଼କରେ ଯାତ୍ରା ପାଇଁ ସମସ୍ତଙ୍କୁ ଆନନ୍ଦ ଲାଗେ। ଆକାଶ ପଥରେ ବିମାନ ଯାତ୍ରା ହେଉ ବା ଜଳଯାତ୍ରା ଭାବରେ ଡଙ୍ଗା ବା ବୋଟ୍‌ରେ ନଦୀ ବା ସମୁଦ୍ର ଯାତ୍ରା ଏ ସବୁଠାରୁ ସଡ଼କରେ ଯାତ୍ରା କରିବାର ଅନୁଭୂତି ଏକ ସ୍ୱତନ୍ତ୍ର ଥାଏ। କିନ୍ତୁ ଏହି ସୁଖଦ ଅନୁଭୂତିର ଯାତ୍ରା ଯେପରି ମର୍ମାନ୍ତିକ, ଦୁଃଖଦ ଓ ଅଭାବନୀୟ ନ ହୁଏ ଏ ପ୍ରତି ଆମେ ସମସ୍ତେ ସଚେତନ ରହିବା ଅତ୍ୟନ୍ତ ଜରୁରୀ।

ସଡ଼କ ଯାତ୍ରା ପାଇଁ ପ୍ରଥମ ବାଧକ ସଂପ୍ରତି ପାଲଟିଛି ବେପରୁଆ ଗାଡ଼ି ଚାଳନା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଳାଇବା ଆଉ ମୋବାଇଲ ଫୋନରେ ସଙ୍ଗୀତ ହେଉ ବା କଥାବାର୍ତ୍ତା ଏଥିରେ ବ୍ୟସ୍ତ ରହିବା ଦ୍ୱାରା ଦୁର୍ଘଟଣା ଭୟାନକ ଭାବେ ଯେଉଁପରି ଭାବେ ବୃଦ୍ଧି ପାଉଛି ତାହା ଏକ ଅତ୍ୟନ୍ତ ଦୁଃଖଦ ପ୍ରସଙ୍ଗ। ସହରୀକରଣକୁ ସଂପ୍ରତି ଗୁରୁତ୍ୱ ଦିଆଯାଉଥିବାରୁ ତଥାକଥିତ ସ୍ମାର୍ଟ ସିଟି ହେଉ ବା ରାଜଧାନୀ ଏପରି କି ବ୍ୟସ୍ତବହୁଳ ସଡ଼କ ପଥ ସହ ଯୋଗାଯୋଗ ରଖିବା ପାଇଁ ସରକାରୀ ମହଲରେ ବ୍ୟାପକ ଭାବରେ ସଡ଼କର ଦ୍ରୁତ ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି। ତେବେ ନିକଟରେ କାନାଡ଼ାର ବୈଜ୍ଞାନିକମାନଙ୍କ ଏକ ରିପୋର୍ଟ ଆମ ସମସ୍ତଙ୍କୁ ଆନ୍ଦୋଳିତ କରିଛି। ସହରୀକରଣ ବିଶ୍ୱବ୍ୟାପୀ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି ନିଶ୍ଚୟ ଜାତୀୟ ପ୍ରଗତି ଓ ଅଭିବୃଦ୍ଧିର ଏକ ମାନଙ୍କ ଭାବରେ ସଡ଼କ ବିକାଶକୁ ଗୁରୁତ୍ୱ ଦିଆଯାଉଛି। ତେବେ କାନାଡ଼ା ବୈଜ୍ଞାନିକମାନଙ୍କ ରିପୋର୍ଟ ଯେତିକି ଉଦ୍‌ବେଗଜନକ ତତୋଧିକ ଦୁଃଖଦାୟକ। ତାଙ୍କ ରିପୋର୍ଟର ତଥ୍ୟ ଅନୁଯାୟୀ ବ୍ୟସ୍ତବହୁଳ ସଡ଼କ ବା ମାତ୍ରାଧିକ ଯାନବାହନ ଗତାଗତ କରୁଥିବା ଏହି ବ୍ୟସ୍ତବହୁଳ ସଡ଼କରେ ଏହାର ନିକଟରେ ରହୁଥିବା ଲୋକମାନଙ୍କର ଅଧିକ ଭାବରେ ମାନସିକ ବିକୃତି ଘଟିବା ସହ ସ୍ମୃତି ଭ୍ରଂସ ବା ମନେ ନ ରହିବା ଭଳି ଶାରୀରିକ ବିକାର ଦେଖାଦେଉଛି। କାନାଡ଼ାର ଓଣ୍ଟାରିଓ ସହରରେ ଦଶ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଅଧ୍ୟୟନରତ ଏକ ରିସର୍ଚ୍ଚ ଗ୍ରୁପ୍ ଅନ୍ୟୂନ କୋଡ଼ିଏ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଶୈଳୀ ଉପରେ ଅନୁଧ୍ୟାନ କରି ଯେଉଁ ରିପୋର୍ଟ ପ୍ରକାଶିତ ହୋଇଛି ତାଙ୍କ ମତରେ ବର୍ଷ ବର୍ଷ ଧରି ସଡ଼କ ନିକଟରେ ବସବାସ କରୁଥିବା ବାସିନ୍ଦାମାନେ ଯେତିକି ପରିମାଣର ଶବ୍ଦ ପ୍ରଦୂଷଣର ଶିକାର ହୁଅନ୍ତି ଏହା ତାଙ୍କ ମାନସିକତାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ସେ ଜଣାଇଛନ୍ତି ଯେ ବସବାସ କରୁଥିବା ଲୋକଙ୍କଠାରେ ମାନସିକ ବିକୃତିର ମାତ୍ରା ୮%ରୁ ଊର୍ଦ୍ଧ୍ୱ। ଯଦିଓ ଶହେ ମିଟର ଦୂରତା ଭିତରେ ରହୁଥିବା ଏହି ଲୋକମାନଙ୍କର ମାତ୍ରା ୪%ରୁ କମ୍।

ସଡ଼କ ସନ୍ନିକଟରେ ବର୍ଷ ବର୍ଷ ଧରି ଜନ୍ମ ଭିଟାମାଟିରେ ରହୁଥିବା ଲୋକମାନେ ବେଳେବେଳେ ସରକାର ଅଧିଗ୍ରହଣ କରୁଥିବା ଜମି ପାଇଁ ନିଜ ଜମି ଛାଡ଼ିବାକୁ ବାଧ୍ୟ ହୋଇଥାନ୍ତି, ଯାହାଦ୍ୱାରା ସେମାନେ କିଛି ଦୂରରେ ନିଜ ବସତି ସ୍ଥାପନ କରିଥାନ୍ତି। ତେବେ ଯେଉଁମାନେ ସଡ଼କ ନିକଟରେ ରହୁଥାନ୍ତି ସେମାନେ ମାତ୍ରାଧିକ ଚଳାଚଳ କରୁଥିବା ଯାନବାହନର ଶବ୍ଦ ଓ ଉତ୍କଟ ଚିତ୍କାର ସୃଷ୍ଟି କରୁଥିବା ହର୍ଣ୍ଣ। ପ୍ରେଟୋଲ, ଡିଜେଲ ଓ ବିଭିନ୍ନ ଇନ୍ଧନ ପୋଡ଼ି ହୋଇ ଯେଉଁ ବିଷାକ୍ତ ଧୂଆଁ ଯଥା ନାଇଟ୍ରୋଜେନ ଅକ୍ସାଇଡ଼, ସୂକ୍ଷ୍ମ ବିପଜ୍ଜନକ ଓ କ୍ଷତିକାରକ ଆଖିକୁ ଦିଶୁ ନ ଥିବା କଣିକାଗୁଡ଼ିକ ସେମାନଙ୍କ ଶ୍ୱାସପ୍ରଶ୍ୱାସ କ୍ରିୟାକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଏହା କେବଳ ଶ୍ୱାସପ୍ରଶ୍ୱାସ କ୍ରିୟା ନୁହେଁ ମସ୍ତିଷ୍କର ସ୍ୱାଭାବିକ ପ୍ରକ୍ରିୟାକୁ କ୍ରମଶଃ ପ୍ରଭାବିତ କରି ଏକ ପ୍ରକାର ଶିଥିଳ କରିବାକୁ ଲାଗିଥାନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ମାନସିକ ବିକୃତିର ଶିକାର ହୋଇଥାନ୍ତି। ମାନସିକ ଅବସାଦ, ବିକୃତି, ଡିମେନ୍‌ସିଆ ଏହାର କାରଣ ପାଲଟିଥାନ୍ତି। ଲୋକମାନେ ସଚେତନତାର ଅଭାବରୁ ଏ ଦିଗକୁ ପ୍ରଥମରୁ ଅଣଦେଖା କରିବା ଦ୍ୱାରା ପରବର୍ତ୍ତୀ ସମୟରେ ସେମାନେ ଉତ୍କଟ ମାନସିକ ରୋଗର ଶିକାର ହୋଇଥାନ୍ତି। ବର୍ଷ ବର୍ଷ ଧରି ବିପଜ୍ଜନକ ଧୂଆଁ ଓ ଉତ୍କଟ ଶବ୍ଦ ଦିନରାତି ଅହୋରାତ୍ର ସେମାନଙ୍କ ମାନସିକତାକୁ ବିଚଳିତ କରି ବିକୃତିର ଦିଗକୁ ନେଇଥାଏ। ଏପରି କିଛି ରୋଗୀଙ୍କୁ ଆମେ ନିତିଦିନ ସ୍ୱାସ୍ଥ୍ୟ ପରାମର୍ଶ କାର୍ଯ୍ୟକ୍ରମରେ ଭେଟିଥାଉ। ସେମାନଙ୍କୁ ଚିକିତ୍ସା କରୁ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସେମାନଙ୍କୁ ଯଥାର୍ଥ ସଚେତନ ମଧ୍ୟ କରାଯାଇଥାଏ। କେବଳ ସହର ବିକାଶ ନୁହେଁ ଏକ ରାଷ୍ଟ୍ରର ଅଭିବୃଦ୍ଧି ବିକାଶରେ ଉତ୍ତମ ଓ ପର୍ଯ୍ୟାପ୍ତ ସଡ଼କର ଆବଶ୍ୟକତା ରହିଛି। କିନ୍ତୁ ଏ ନିହାତି ଭିତରେ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ କେହି ଅଣଦେଖା କରିବା ଅନୁଚିତ। ବର୍ଷ ବର୍ଷ ଧରି ଏହି ପ୍ରାଥମିକ ଅବସ୍ଥାର ବିକୃତି ପରେ ଯେଉଁ ମାନସିକ ରୋଗର ଭୟାନକ ରୂପ ଦେଖାଇଥାଏ ତାହା ଅତ୍ୟନ୍ତ ଦୁଃଖଦାୟକ। ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ହେବା ସହ ସରକାରୀ କ୍ଷେତ୍ରରେ ଏ ଦିଗକୁ ଅଣହେଳା କରିବା ଅନୁଚିତ ନଚେତ ଆଗାମୀ ଦିନରେ ଏ ସଂକ୍ରାନ୍ତୀୟ ମାନସିକ ରୋଗୀମାନଙ୍କ ସଂଖ୍ୟା ଯେଉଁପରି ଉଦ୍‌ବେଗଜନକ ଭାବେ ବଢ଼ିବ ତାହା ସ୍ୱାସ୍ଥ୍ୟଗତ ବ୍ୟବସ୍ଥାକୁ ନିଶ୍ଚିତ ଭାବରେ ପ୍ରଭାବିତ କରିବ।

ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ,
ପୁରୀଘାଟ ରୋଡ୍, କଟକ, ମୋ : ୯୧୩୨୪୩୩୩୩୩

## ଏଇ ଭାରତରେ

ରୋଗପୋକ ପ୍ରାଦୁର୍ଭାବ ବୃଦ୍ଧି ଓ ଜଳବାୟୁର ପ୍ରତିକୂଳ ସ୍ଥିତିରେ କୃଷକ କ୍ଷତି ସହୁଛି। ହେଲେ ଏବେ ଏ ସମ୍ପର୍କିତ ତଥ୍ୟ ଟେକ୍ନୋଲୋଜି ଦ୍ୱାରା ସଂଗ୍ରହ କରାଯାଇ କୃଷିକୁ ନୂଆ ଦିଗ ଦେଖାଇଛି। ଉତ୍ତରପ୍ରଦେଶର ଶୈଳେନ୍ଦ୍ର ତିୱାରୀ ଏବଂ ଆନନ୍ଦ ବର୍ମା ମିଳିତ ଭାବେ ସେନ୍‌ସର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାଚାଳିତ ଗ୍ୟାଜେଟ୍ ବ୍ୟବହାର କରି କୃଷକଙ୍କୁ ସହଯୋଗ କରୁଛନ୍ତି। ଏହାଦ୍ୱାରା କୃଷକଙ୍କ ଉତ୍ପାଦନ ବୃଦ୍ଧି ଘଟୁଛି। ଏହିସବୁ ଗ୍ୟାଜେଟ୍ ବ୍ୟବହାର ଯୋଗୁ ଚାଷରେ ଖର୍ଚ୍ଚ କମ୍ ହେଉଛି। ଏହାସହ ଜଳସେଚନରେ ପାଣିର ସଂରକ୍ଷଣ ହୋଇପାରୁଛି। କେବଳ ଏତିକି ନୁହେଁ, କୀଟନାଶକ ୬୦% କମ୍ ହେବା ସହ ୪୦% ଉତ୍ପାଦନ ବଢୁଛି। ଶୈଳେନ୍ଦ୍ର ଓ ଆନନ୍ଦ ସେମାନେ ମିଳିତ ଭାବେ ୨୦୧୭ରେ 'ଫସଲକ୍ରାନ୍ତି' ଷ୍ଟାର୍ଟଅପ୍ ଗଠନକରି କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗକୁ ବ୍ୟାପକ କରିବା ସକାଶେ ଅଭିଯାନ ଚଳାଇଛନ୍ତି। ସେମାନେ ଛତିଶଗଡ଼, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରେ ୧୦,୦୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଏହି ଟେକ୍ନୋଲୋଜି ପ୍ରୟୋଗକରି କୃଷକଙ୍କୁ ଲାଭ ଦେଇପାରିଛନ୍ତି। ଆଗକୁ ଅନ୍ୟ ରାଜ୍ୟଗୁଡ଼ିକରେ ଏହି ଟେକ୍‌ନୋଲୋଜି ପ୍ରୟୋଗ କରିବାକୁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

୮ ଜାନୁଆରୀ ୧୯୭୭

- ଦକ୍ଷିଣପୂର୍ବ ଏସିଆ ଓ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମୂଷା ନିୟନ୍ତ୍ରଣ ସମ୍ପର୍କରେ କର୍ମୀମାନଙ୍କୁ ତାଲିମ ଦେବାପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବ୍ୟବସ୍ଥା କରିଛି।
- ଦିଲ୍ଲୀରେ ବିବିସି (ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ)ର ଅଫିସ ପୁନଃ ପ୍ରତିଷ୍ଠା ପାଇଁ କରାଯାଇଥିବା ଅନୁରୋଧରେ ଭାରତ ସରକାର ରାଜି ହୋଇଥିବା ଜଣାପଡ଼ିଛି।
- ମଧ୍ୟପ୍ରଦେଶର ସୀମାନ୍ତବର୍ତ୍ତୀ ଗ୍ରାମ ରାଜସ୍ଥାନର ଝଲୱାର ଜିଲା ଅନ୍ତର୍ଗତ ଚୋମୁଲା ଗ୍ରାମରେ ଅନୁଷ୍ଠିତ ଏକ ଉତ୍ସବରେ ମଧ୍ୟପ୍ରଦେଶ ଓ ରାଜସ୍ଥାନର ୧୪୪ଜଣ କଞ୍ଜର ଜାତୀୟ ଡକାୟତ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ସମର୍ପଣ କରିଛନ୍ତି।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | 4 | 1 | | |
| | | | | 7 | 3 | 2 | | |
| | | 8 | | | 1 | | | 4 |
| | 2 | | 5 | | | 4 | | 8 |
| | | | | | | 9 | | |
| | | 5 | | | | | | 6 |
| | 5 | 4 | | | | | 1 | |
| 6 | 8 | | | | | | | |
| | | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 7 | 2 | 8 | 4 | 6 | 3 |
| 7 | 8 | 3 | 6 | 5 | 4 | 1 | 9 | 2 |
| 6 | 2 | 4 | 9 | 1 | 3 | 8 | 7 | 5 |
| 2 | 7 | 9 | 4 | 3 | 5 | 6 | 8 | 1 |
| 5 | 6 | 8 | 1 | 7 | 9 | 2 | 3 | 4 |
| 3 | 4 | 1 | 8 | 6 | 2 | 9 | 5 | 7 |
| 4 | 3 | 2 | 5 | 8 | 6 | 7 | 1 | 9 |
| 9 | 1 | 6 | 3 | 4 | 7 | 5 | 2 | 8 |
| 8 | 5 | 7 | 2 | 9 | 1 | 3 | 4 | 6 |

ଗତକାଲିର ଉତ୍ତର

# ସମାଜ ଚିତ୍ରମୟ



ଡ. ରଜନୀକାନ୍ତ ଖୁଣ୍ଟିଆ

ମଣିଷ ନିରନ୍ତର ଏକ ଗଭୀର ଦ୍ୱନ୍ଦ୍ୱରେ ରହିଛି। ଜୀବନର ମୂଲ୍ୟ କେଉଁଠି ରହିଛି, ଚିତ୍ରରେ କି ଚରିତ୍ରରେ ? ଚିତ୍ର ଅର୍ଥାତ୍ ସୌନ୍ଦର୍ଯ୍ୟ, ଆଡ଼ମ୍ବର, ଧନ ଦୌଲତ କିମ୍ବା ବାହ୍ୟ ପ୍ରଦର୍ଶନ ; ଯେବେ କି ଚରିତ୍ର ଅର୍ଥାତ୍ ସତ୍ୟ, ସଦାଚାର, ବିନମ୍ରତା ଓ ନୀତିଶକ୍ତି ଇତ୍ୟାଦି। ଏହା ସମସ୍ତେ ଜାଣନ୍ତି ଯେ ଚିତ୍ର ଆଖିକୁ, କିନ୍ତୁ ଚରିତ୍ର ହୃଦୟକୁ ଆକର୍ଷିତକରେ। ଦୁର୍ଭାଗ୍ୟବଶତଃ ଆଜିର ସମାଜରେ ଆମେ ଚିତ୍ର ପ୍ରତି ଅଧିକ ଆସକ୍ତ ହୋଇପଡ଼ିଛେ। ଚିତ୍ରର ସ୍ୱଭାବ କୃତ୍ରିମ। ଏହାକୁ ମନୁଷ୍ୟ ତିଆରି କରିପାରେ, ସଜାଇପାରେ, ଆଲଙ୍କାରିକ କରିପାରେ, ଆଡ଼ମ୍ବରରେ ଆବୃତ୍ତ କରିପାରେ କିମ୍ବା ନାଟକୀୟ ଭାବରେ ପ୍ରସ୍ତୁତ କରାଯାଇପାରେ। ଯେପରି ସିନେମାରେ ଚରିତ୍ରକୁ ଚିତ୍ର ମାଧ୍ୟମରେ ଦେଖାଯାଏ। ଜଣେ ସିନେ ତାରକା ଚିତ୍ରରେ ସାଧାରଣ ଲୋକଙ୍କ ନାୟକ ହୋଇପାରନ୍ତି, କିନ୍ତୁ ଜୀବନରେ ସେଇ ନାୟକତ୍ୱ ଗୁଣ ନ ଥାଇପାରେ। ଏହି ପରିସ୍ଥିତି କେବଳ ଏବେ ସିନେମା ପର୍ଯ୍ୟନ୍ତ ସୀମିତ ନୁହେଁ। ଆଜିର ସମାଜରେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଛବି ଗଢ଼ିବା ଏକ ନୂତନ ପେସା ହୋଇପଡ଼ିଛି। ଜଣେ ନେତା ଜନସମ୍ପର୍କ ମାଧ୍ୟମରେ ନିଜକୁ ଜନସେବକ ଭାବରେ ପ୍ରଦର୍ଶନକରେ, ଯଦିଓ ତାହା ପଛରେ ନୀତି ଓ ସତ୍ୟର ଅଭାବ ଥାଏ। ସୋସିଆଲ ମିଡିଆରେ ଜଣେ ବ୍ୟକ୍ତି ନିଜର ଫଟୋକୁ ଫିଲ୍ଟର ଓ ଏଡିଟ ମାଧ୍ୟମରେ ଏମିତି ପରିବର୍ତ୍ତନକରେ ଯେ, ତାହା ଦେଖି ଅନ୍ୟ ଲୋକ ତାଙ୍କୁ ସୁଖୀ, ସଫଳ ଓ ସମ୍ପୂର୍ଣ୍ଣ ବୋଲି ଭାବନ୍ତି। କିନ୍ତୁ ସେମାନଙ୍କ ଆଭ୍ୟନ୍ତରୀଣ ଜୀବନରେ ଅସନ୍ତୋଷ ଓ ଶୂନ୍ୟତା ଭରି ରହିଥାଏ। କମ୍ପାନୀଗୁଡ଼ିକ ମଧ୍ୟ ନିଜ ପଣ୍ୟକୁ ବିଜ୍ଞାପନ ମାଧ୍ୟମରେ ଅତିରଞ୍ଜିତ ଚିତ୍ର ଦେଖାଇଥାନ୍ତି ଯାହାକୁ ଦେଖି ଗ୍ରାହକମାନେ ପ୍ରଭାବିତ ହୋଇଥାନ୍ତି। ଜଣେ ବିଦ୍ୟାର୍ଥୀ ସୋସିଆଲ ମିଡିଆରେ ନିଜର ଫଳାଫଳ, ପୋଷାକ ଓ ଯାତ୍ରା ଦେଖାଇ ଆକର୍ଷଣ ସୃଷ୍ଟିକରନ୍ତି, ଯଦିଓ ଅନେକ ଆନ୍ତରିକ ଦୁର୍ବଳତା ରହିଥାଏ। ଜଣେ ବ୍ୟବସାୟୀ ଦାନଧର୍ମର ଭଣ୍ଡାମିରେ ନାମ କମାଉଛନ୍ତି କିମ୍ବା ଜଣେ ସାମାଜିକ କର୍ମୀ ସେବାକୁ ଆଡ୍ ଭାବରେ ବ୍ୟବହାର କରୁଛନ୍ତି। ଏହିପରି ଅନେକ ଉଦାହରଣ ବଢ଼ିଚାଲିଛି। ଚିତ୍ର ଗଢ଼ିବାର ଅତ୍ୟଧିକ ଚେଷ୍ଟା ଆଜି ଚରିତ୍ରକୁ ପଛରେ ପକାଇଛି। ଏହି ଅସମତାର ଫଳ ସ୍ୱରୂପ ସମାଜ ମୂଲ୍ୟବୋଧ ହରାଉଛି।

ଚିତ୍ର କେବେ ପୂର୍ଣ୍ଣ ସତ୍ୟକୁ ଦର୍ଶାଏ ନାହିଁ। କେବଳ ଆକର୍ଷଣ ସୃଷ୍ଟି ପାଇଁ, ଦୃଷ୍ଟିକୁ ବାନ୍ଧିବା ପାଇଁ, ପୃଷ୍ଠଭୂମିରେ ଆବରଣ ସୃଷ୍ଟି କରିଥାଏ। ବାସ୍ତବ ପରୀକ୍ଷାରେ ଏହି ଚାକଚକ୍ୟ ଖୁବ୍ ଶୀଘ୍ର ମିଛ ହୋଇଯାଏ। ଅପରପକ୍ଷରେ ଚରିତ୍ର ସ୍ୱଭାବରୁ ପ୍ରାକୃତିକ। ଏହାକୁ ଆଚରଣ, ମୂଲ୍ୟବୋଧ, ସତ୍ୟ, ନିୟମିତ ସଂଯମ ଓ ସତ୍ୟନିଷ୍ଠାରେ ଗଢ଼ିହେବ। ଏହାକୁ କୌଣସି ଏଡିଟ୍ କିମ୍ବା ପ୍ରଚାରପ୍ରସାରରେ ବନାଇହେବ ନାହିଁ। ଚରିତ୍ର ବିବେକରେ ଗଢ଼ାଯାଏ। ଭାରତୀୟ ସଭ୍ୟତା ସର୍ବଦା ଚରିତ୍ରକୁ ଛବିଠାରୁ ଉଚ୍ଚ ମାନେ। ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥ ନିରନ୍ତର କହେ ଯେ, ଯଦିଓ ଆକାର ଓ ଶକ୍ତିର ସ୍ଥାନ ଅଛି, କିନ୍ତୁ ଧର୍ମ, ସତ୍ୟ ଓ ନୀତିଶୀଳତା ସର୍ବଦା ଅମର ରୁହେ। ସତ୍ୟ ଓ କର୍ତ୍ତବ୍ୟ ପାଳନ ପାଇଁ ଶ୍ରୀରାମଙ୍କୁ ମହାନ୍ ବୋଲି ସ୍ମରଣ କରାଯାଏ, କିନ୍ତୁ ତାଙ୍କର ରାଜକୀୟ ଛବି ପାଇଁ ନୁହେଁ। ଯୁଧିଷ୍ଠିରଙ୍କୁ ଜଣେ ବିଜୟୀ ଯୋଦ୍ଧା ଭାବରେ ନୁହେଁ ବରଂ ମହାନତାକୁ ସ୍ମରଣ କରାଯାଏ କେବଳ ଧର୍ମନିଷ୍ଠା ପାଇଁ। ଦୈନିକ ଜୀବନରେ ମଧ୍ୟ ଏହି ସତ୍ୟ ପ୍ରକାଶିତ ହୁଏ। ଜଣେ ବିଦ୍ୟାର୍ଥୀ ପୋଷାକ



କିମ୍ବା କଥାବାର୍ତ୍ତାରେ ସୁନ୍ଦର ଲାଗିପାରନ୍ତି, କିନ୍ତୁ ପରୀକ୍ଷାରେ ଜ୍ଞାନ ଓ ଶ୍ରମ ମାତ୍ର ଗଣନୀୟ। ରାଜନୀତିଜ୍ଞମାନେ ବଡ଼ ସଭା ସମାବେଶ ମାଧ୍ୟମରେ ନିଜକୁ ଚିତ୍ରଣ କରିପାରନ୍ତି, କିନ୍ତୁ ଶେଷରେ ଜନତା ତାଙ୍କୁ ତାଙ୍କର ସତ୍ୟତା, କାର୍ଯ୍ୟ ଓ ପରିଣାମରେ ମାପନ୍ତି। ବିବାହ ସୁନ୍ଦରତା ଓ ଧନର ଆକର୍ଷଣରେ ଆରମ୍ଭ ହେଲେ ମଧ୍ୟ ଶେଷରେ ସେଇ ସମ୍ପର୍କକୁ ଧାରଣକରେ କେବଳ ସତ୍ୟ, ନିଷ୍ଠା, ସହନଶୀଳତା ଓ ଧୈର୍ଯ୍ୟ। ମିତ୍ରତାରେ ମଧ୍ୟ ବାହ୍ୟ ସମ୍ପର୍କ ଟିକେ ନାହିଁ, କେବଳ ବିଶ୍ୱାସ ଓ ସତ୍ୟନିଷ୍ଠା ହିଁ ଦୀର୍ଘକାଳ ପର୍ଯ୍ୟନ୍ତ ବନ୍ଧନକୁ ଜୀବନ୍ତ ରଖେ।

ଆଜିର ସମାଜ ଅଧିକ ଚିତ୍ରମୟ ହୋଇପଡ଼ିଛି। ସୋସିଆଲ ମିଡିଆ ଏହାକୁ ଦ୍ୱିଗୁଣ କରିଦେଇଛି। ଯୁବତୀଯୁବକମାନେ ଏବେ ସେଲ୍ଫିରୁ ସେଲ୍ଫିକୁ ଢଳିଛନ୍ତି। କିନ୍ତୁ ଆନ୍ତରିକ ମୂଲ୍ୟବୋଧ ଓ ପରିଚୟ ସହିତ ସଂଘର୍ଷ କରୁଛନ୍ତି। ସଫଳତାକୁ ଏବେ ମପାଯାଉଛି ଲାଇକ ଓ ଫଲୋଅର୍ସରେ, ଜ୍ଞାନ କିମ୍ବା କର୍ମନିଷ୍ଠାରେ ନୁହେଁ। ଏହା ଏକ ଭୟଙ୍କର ସ୍ଥିତି। ଯେତେବେଳେ ସତ୍ୟର ପରୀକ୍ଷା ହୁଏ, ଆଡ଼ମ୍ବରର ସମସ୍ତ ପରଦା ଖସିଯାଏ। ଚିତ୍ର କ୍ଷଣିକ, ପର୍ଦ୍ଦାର ରଙ୍ଗ, ଯାହା ସମୟ ସହିତ ଖସିଯାଏ। ଚରିତ୍ର ସ୍ଥାୟୀ ଓ ଭିତ୍ତି ପ୍ରସ୍ତର, ଯାହା ଉପରେ ସମଗ୍ର ଭବିଷ୍ୟର ଗୃହ ଦଣ୍ଡାୟମାନ ରହେ। ଚିତ୍ର ସମୟ, ପରିସ୍ଥିତି, ଧନ ଦୌଲତ, ବୟସରେ ପରିବର୍ତ୍ତିତ ହୁଏ ; କିନ୍ତୁ ଚରିତ୍ର ସଦାରଣ୍ୟ, ଚିରସବୁଜ, ଦୃଢ଼, ଅନମନୀୟ ଓ ଅପରିବର୍ତ୍ତିତ ରୁହେ। ଭାରତୀୟ ଜ୍ଞାନ ପରମ୍ପରା ସଦା ଏହି ସତ୍ୟକୁ ଉଚ୍ଚାରଣ କରିଆସିଛି। ନୀତିଶାସ୍ତ୍ର, ଚାଣକ୍ୟ ନୀତି, ହିତୋପଦେଶ ସବୁଠି କୁହାଯାଇଛି ; ସୌନ୍ଦର୍ଯ୍ୟ, ଧନ, ବଂଶ ଓ ବୟସ ଆଦି ବ୍ୟକ୍ତିକୁ ମହାନ୍ କରେନାହିଁ। ବରଂ ଜ୍ଞାନ, ନମ୍ରତା ତଥା ଶୁଦ୍ଧ ଚରିତ୍ର ହିଁ ବ୍ୟକ୍ତିତ୍ୱର ଅସଲ ପରିଚୟ।

ଏହି ପରମ୍ପରାଗତ ଶିକ୍ଷା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ନା ରୂପ, ନା ଧନ, ନା ପାରିବାରିକ ପୃଷ୍ଠଭୂମି, ନା ଯୁବାବସ୍ଥା ମହାନତା ନିର୍ଣ୍ଣୟକରେ। ଯିଏ ଜ୍ଞାନ ଓ ବିନୟରେ ସମ୍ପନ୍ନ, ଯାହାର ଚରିତ୍ର ଶୁଦ୍ଧ ଓ ନୀତିଶୀଳ, ସେହି ବ୍ୟକ୍ତି ନିଜେ ହେଉଛନ୍ତି ପଣ୍ଡିତ ଓ ସମ୍ମାନଯୋଗ୍ୟ। ବାହ୍ୟ ଆକର୍ଷଣ ଅବିନାଶୀ ନୁହେଁ; ଅନ୍ତର୍ନିହିତ ପବିତ୍ରତା ଯେ ଅବିନାଶୀ ଏହି ସତ୍ୟକୁ ଗ୍ରହଣ କରିବାକୁ ପଡ଼ିବ। ସମାଜର ପ୍ରତ୍ୟେକ ମଣିଷ ଏହି ସତ୍ୟରେ ବିକଶିତ ହେବା ଆବଶ୍ୟକ। ଯୁବମାନେ ସୋସିଆଲ ମିଡିଆ ପଛରେ ଦୌଡ଼ିବା ପୂର୍ବରୁ ନିଜ ବ୍ୟକ୍ତିତ୍ୱ ତଥା ଚରିତ୍ରକୁ ଗଢ଼ିବାରେ ମନ ଦେବା ଦରକାର। ନେତାମାନେ ଅସ୍ଥାୟୀ ଜନପ୍ରିୟତାରୁ ମୁକ୍ତିପାଇ ସତ୍ୟ ଓ କର୍ତ୍ତବ୍ୟ ନିଷ୍ଠାକୁ ଗୁରୁତ୍ୱ ଦେଲେ ଇତିହାସ ତାଙ୍କୁ ସ୍ମରଣ କରିବ। ପରିବାରଗୁଡ଼ିକ ସମ୍ପର୍କକୁ ସୌନ୍ଦର୍ଯ୍ୟ ଓ ଧନରେ ନୁହେଁ, ମୂଲ୍ୟବୋଧ ଓ ବିଶ୍ୱାସରେ ମାପିଲେ ସମାଜ ଦୃଢ଼ ହେବ। ଚିତ୍ର ସ୍ୱଳ୍ପ ସମୟ ପାଇଁ ଆକର୍ଷିତକରେ, କିନ୍ତୁ ଚରିତ୍ର ସର୍ବଦା ସମ୍ମାନ ଜିତିଥାଏ। ଚିତ୍ର ଦ୍ୱାର ଖୋଲିଦିଏ, କିନ୍ତୁ ଚରିତ୍ର ସେହି ଦ୍ୱାରକୁ ଖୋଲା ରଖିଥାଏ। ଜୀବନର ପ୍ରତ୍ୟେକ ପଥରେ ବ୍ୟକ୍ତିଗତ, ସାମାଜିକ କିମ୍ବା ବୃତ୍ତିଗତ ଜୀବନରେ ଚରିତ୍ର ଅବିଚଳ ରହେ, କିନ୍ତୁ ଚିତ୍ର ସମୟ ସହ ମଳିନ ପଡ଼ିଯାଏ। ସେଇଥିପାଇଁ ଆମକୁ ଏହି ସତ୍ୟକୁ ହୃଦୟଙ୍ଗମ କରିବାକୁ ହେବ।

ସହକାରୀ ପ୍ରଫେସର, ଢେଙ୍କାନାଳ
ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୯୯୩୭୨୮୫୬୭୨

## ପାଠକ ଶ୍ରେଷ୍ଠ ବିଚାରକ

### ରାଜସ୍ୱ ବିଭାଗ ସଚେତନ ହେଉ

ମହାଶୟ,

ଓଡ଼ିଶାର ଗ୍ରାମାଞ୍ଚଳ, ସହରାଞ୍ଚଳରେ ରାଜସ୍ୱ ବିଭାଗର ସଚେତନତା ଅଭାବ ଯୋଗୁ ଏକାଧିକ ସ୍ଥଳରେ ବିଶୃଙ୍ଖଳା ଘଟୁଛି। ଜନସେବା, ବ୍ୟକ୍ତିବିଶେଷଙ୍କୁ ନ୍ୟାୟ ପ୍ରଦାନରେ ଅବହେଳା ଦେଖିବାକୁ ମିଳୁଛି। ଏକାଧିକ କାର୍ଯ୍ୟର ତଦନ୍ତ କିମ୍ବା ସମୀକ୍ଷା ହେଉନାହିଁ କହିଲେ ଚଳେ। ସତ ଖୋଜିବାକୁ ସମୟ ନାହିଁ। ନ୍ୟାୟ ଦେବାକୁ ବେଳ ନାହିଁ। ସୂଚନାଯୋଗ୍ୟ, ଜମିଜମା ଡିହବାଡ଼ି କାଗଜପତ୍ରରେ ବହୁ ବେଆଇନ କାର୍ଯ୍ୟ କରାଯାଇଛି। କୌଣସି ବ୍ୟକ୍ତିଙ୍କୁ ପ୍ରକୃତ ଦଖଲଠାରୁ କାଗଜପତ୍ରରେ ଅଧିକ ଦେଇ ପାଉତି କଟାଯାଉଛି। ଅତୀତରେ ବନ୍ଦୋବସ୍ତ ସମୟରେ ଜମି ଡିହବାଡ଼ି ସଂକ୍ରାନ୍ତୀୟ କାଗଜପତ୍ରରେ ମିଥ୍ୟାର ଆଶ୍ରୟ ନିଆଯାଇଛି। ବିଶେଷକଥା ହେଉଛି, ଜମିଜମା, ଡିହବାଡ଼ି ବିଷୟକୁ ପ୍ରକୃତ ସତ୍ୟତା ନ ଖୋଜି କାଗଜପତ୍ର କାର୍ଯ୍ୟରେ ସହଯୋଗ କରିଛି କିଏ ? ଏଣୁ ରାଜସ୍ୱ ବିଭାଗ, ପ୍ରଶାସନ ବିଶୃଙ୍ଖଳା ଦୂର କରିବା ପାଇଁ ଯତ୍ନବାନ୍ ହୁଅନ୍ତୁ। ନଚେତ୍ ନ୍ୟାୟ ପରିବର୍ତ୍ତେ ଅନ୍ୟାୟ ବୃଦ୍ଧି ପାଇବ। ଗରିବ ଲୋକମାନେ କିଭଳି ଉଚିତ ନ୍ୟାୟ ପାଇବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

**– ଆଦିକନ୍ଦ ସାହୁ, ଏକମାଣିଆ, ଆଳି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବେଗ ଆସେ ବେଢ଼ି ଛାୟା
ଏହି ପଥେ ରହେ ଆହା
ସବୁ ଶୋଭା ନିମେଷରେ ଗୁପତ
ରୂପତୃଷା ନୋହେ କାହିଁ ତୃପତ !
-(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନାଲ୍କୋର ବାଣିଜ୍ୟିକ ବିଭାଗ ନିର୍ଦ୍ଦେଶକ ହେଲେ ଅନିଲ ସିଂହ

ଭୁବନେଶ୍ୱର,୭।୧(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍କୋ)ର ନୂତନ ନିର୍ଦ୍ଦେଶକ(ବାଣିଜ୍ୟିକ) ଭାବେ ଅନିଲ କୁମାର ସିଂହ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଖଣିମନ୍ତ୍ରଣାଳୟ ଅଧୀନରେ ଥିବା ଅନ୍ୟ ଏକ ଲୋକ ଉଦ୍ୟୋଗ, ହିନ୍ଦୁସ୍ଥାନ କପର ଲିମିଟେଡ୍(ଏଚ୍‌ସିଏଲ୍)ରେ ମହାପ୍ରବନ୍ଧକ(ସାମଗ୍ରୀ ଏବଂ ଚୁକ୍ତି)ଏବଂ ମହାପ୍ରବନ୍ଧକ(ମାନବ ସମ୍ବଳ) ଅତିରିକ୍ତ ଦାୟିତ୍ୱ ଭାବରେ କାର୍ଯ୍ୟ କରୁଥିଲେ। ସିଂହଙ୍କର ଧାତୁଶିଳ୍ପର ବାଣିଜ୍ୟିକ ବିଭାଗରେ ୩୫ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଅନିଲ କୁମାର ସିଂହ ୧୯୯୦ ମସିହାରେ ବିଆଇଟି ସିନ୍ଦ୍ରିରୁ ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେଶନ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ସାମଗ୍ରୀ ପରିଚାଳନା କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ନିମନ୍ତେ ଜିଡିଏମ୍‌ଏମ୍ ଡିଗ୍ରୀ ସହ ଏମ୍‌ବିଏ(ସାମଗ୍ରୀ ପରିଚାଳନା) ତଥା ପିଜିଡିସିଏ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। ସେ ବିଶାଖାପାଟଣାର ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ (ଆର୍‌ଆଇଏନ୍‌ଏଲ୍)ରେ ସାମଗ୍ରୀ ପରିଚାଳନା ବିଭାଗରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ। ସିଂହଙ୍କ ରଣନୈତିକ ଦୃଷ୍ଟିକୋଣ ଏବଂ ଶିଳ୍ପ ବିଶେଷଜ୍ଞତା ହିନ୍ଦୁସ୍ଥାନ କପର ଲିମିଟେଡ୍‌ର ମହତ୍ତ୍ୱାକାଂକ୍ଷୀ ସମ୍ପ୍ରସାରଣ ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏଚ୍‌ସିଏଲ୍‌ରେ କମ୍ପାନୀର ଉତ୍ପାଦ ମାର୍କେଟିଂ, ନୀତି ପ୍ରସ୍ତୁତି, ପ୍ରମୁଖ ସାମଗ୍ରୀ, ସେବା ଏବଂ କାର୍ଯ୍ୟ ଚୁକ୍ତିନାମା ରଣନୀତି ଏବଂ ପରିଚାଳନା, ଷ୍ଟୋରେଜ ପରିଚାଳନା ଏବଂ କମ୍ପାନୀର ଉତ୍ପାଦର ଗୁଣବତ୍ତା ନିୟନ୍ତ୍ରଣ, ଯଥା କପର କନସେଣ୍ଟ୍ରେଟ ପାଇଁ କାର୍ଯ୍ୟ କରିଛନ୍ତି। ଆର୍‌ଆଇଏନ୍‌ଏଲ୍ ଏବଂ ଏଚ୍‌ସିଏଲ୍‌ରେ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସାମଗ୍ରୀ ପରିଚାଳନା ଏବଂ ମାର୍କେଟିଂରେ ଅଭିଜ୍ଞତା ହାସଲ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଅନିଲ ସିଂହଙ୍କୁ ଅଭିନନ୍ଦନ ଜଣାଇ, ନାଲ୍କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ସିଂହଙ୍କ ଯୋଗଦାନ ନାଲ୍କୋ ବୋର୍ଡକୁ ମଜବୁତ କରିବା ସହ ତାଙ୍କର ଅଭିଜ୍ଞତା କମ୍ପାନୀର ବାଣିଜ୍ୟିକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ।


ଅନିଲ କୁମାର ସିଂହ

# ଓପିଟିସିଏଲ୍, ଗ୍ରୀଡ୍‌କୋ ପକ୍ଷରୁ ପାୱାର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଭୁବନେଶ୍ୱର,୭।୧(ଅନୁରାଧା ମହାରଣା)

ଓପିଟିସିଏଲ୍ ଓ ଗ୍ରୀଡ୍‌କୋ ପକ୍ଷରୁ ମିଳିତ ଭାବେ ୧୮ତମ ପାୱାର କପ୍ କ୍ରିକେଟ ଟୁର୍ନାମେଣ୍ଟ ୨୦୨୬ ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳପଥ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ବି.ବି. ମେହେଟ୍ଟା ନିର୍ଦ୍ଦେଶକ (ଏସ୍‌ଏଲ୍‌ଡିସି), ପ୍ରଶାନ୍ତ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅପରେଶନ), ପ୍ରଦୀପ କୁମାର ଦାଶ, ନିର୍ଦ୍ଦେଶକ (ପ୍ରକଳ୍ପ), ଶ୍ରୀକାନ୍ତ କୁମାର ସାହୁ, ନିର୍ଦ୍ଦେଶକ (ଅର୍ଥ) ଓ ଅନିତା ମହାପାତ୍ର, ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ) ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଟର୍ନାମେଣ୍ଟରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରରେ ଥିବା ବିଭିନ୍ନ ନିଗମର ୧୩ଟି ଦଳ ଭାଗ ନେଇଛନ୍ତି । ଓପିଟିସିଏଲ୍ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସବୁବେଳେ ଯେଉଁ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମଗୁଡିକ ଅନୁଷ୍ଠାନ କରୁଛି ତାହା ସ୍ୱାଗତଯୋଗ୍ୟ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ଟିପିସିଓଡିଏଲ୍ ୪ ଉଇକେଟ୍‌ରେ ୧୭୧ ରନର ଲକ୍ଷ୍ୟ ଦେଇଥିଲା। ଓଏଚ୍‌ପିସି ୯୩ ରନରେ ସମସ୍ତ ଉଇକେଟ୍ ହରାଇ ପରାସ୍ତ ହୋଇଥିଲା । ସେହିପରି ଇଡ୍‌କୋ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚରେ ନାଲ୍କୋ ୬ ଉଇକେଟ୍‌ରେ ୧୭୫ ରନର ଲକ୍ଷ୍ୟ ଦେଇଥିଲା ଶକ୍ତି ବିଭାଗ, ମାତ୍ର ୧୨୪ ରନ୍‌ରେ ସୀମିତ ରହିଯାଇଥିଲା ।




# ବେଦାନ୍ତ ଲାଞ୍ଜିଗଡ଼ କାର୍ଯ୍ୟକ୍ଷେତ୍ରରେ ଜରୁରିକାଳୀନ ମକ୍‌ଡ୍ରିଲ୍

ଭୁବନେଶ୍ୱର,୭।୧(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ଲାଞ୍ଜିଗଡ଼ ବିଶୋଧନାଗାରରେ ସଫଳତାର ସହ ଏକ ଜରୁରିକାଳୀନ ମକ୍‌ଡ୍ରିଲ୍ କରିଛି। କମ୍ପାନୀର ଥିବା ରେଡ୍ ମଡ୍ ପୋଖରୀ ସ୍ଥାନରେ ଏକ କାଳ୍ପନିକ ପରିସ୍ଥିତି ପ୍ରଦର୍ଶନ କରାଯାଇଥିଲା ଯେଉଁଠାରେ ନିୟମିତ କାର୍ଯ୍ୟ ସମୟରେ ହଠାତ୍ ରେଡ୍ ମଡ୍ ବନ୍ଧ ଭୁଶୁଡ଼ିବା ପରେ ଜଣେ ଏକ୍ସକେଭେଟର ଅପରେଟର ଫସି ରହିଥିଲେ। କାର୍ଯ୍ୟ ବନ୍ଦ ସହ ଦୁର୍ଘଟଣା ରୋକିବା ପାଇଁ ଶକ୍ତି ଉତ୍ସକୁ ନିୟନ୍ତ୍ରଣ କରି ଏହି ଅଞ୍ଚଳକୁ ତୁରନ୍ତ ବିଚ୍ଛିନ୍ନ କରାଯାଇଥିଲା। ଉପଯୁକ୍ତ ପିପିଇ ଏବଂ ସ୍ୱତନ୍ତ୍ର ଉପକରଣ ବ୍ୟବହାରକରି ଫସି ରହିଥିବା ଅପରେଟରଙ୍କୁ ସୁରକ୍ଷିତ ଭାବେ ୪ ରୁ ୬ ମିନିଟ୍ ମଧ୍ୟରେ ଉଦ୍ଧାର କରାଯାଇଥିଲା ଏବଂ ସହାୟକ ଦଳଗୁଡ଼ିକୁ ନିୟୋଜିତ କରାଯାଇଥିଲା। ଏହି ଡ୍ରିଲ ସମସ୍ତ ଲକ୍ଷ୍ୟ ହାସଲ ସହିତ ଲକ୍ଷ୍ୟଧାର୍ଯ୍ୟ ସମୟସୀମା, ଯୋଗାଯୋଗ ଏବଂ କ୍ରସ୍-ଫଙ୍କସନାଲ ସମନ୍ୱୟକୁ ସଫଳତାର ସହ ସମାପ୍ତ କରିଥିଲା । ଭବିଷ୍ୟତର ପ୍ରସ୍ତୁତିକୁ ଆହୁରି ମଜଭୁତ କରିବା ପାଇଁ ପର୍ଯ୍ୟବେକ୍ଷଣ ଏବଂ ଉନ୍ନତି ପଏଣ୍ଟଗୁଡିକର ଡକ୍ୟୁମେଣ୍ଟେଶନ କରାଯାଇଛି । ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ପ୍ରସ୍ତୁତି ହେଉଛି ଏକ ନିରନ୍ତର ପ୍ରକ୍ରିୟା। ନିୟମିତ ମକ ଡ୍ରିଲ ଆମ ଦଳକୁ ଜଟିଳ ପରିସ୍ଥିତିରେ ଗତି, ସ୍ୱଷ୍ଟତା ଏବଂ ଆତ୍ମବିଶ୍ୱାସର ସହ ମୁକାବିଲା କରିବାରେ ସାହାଯ୍ୟ କରିଥାଏ।




# ଇଭି ବିକ୍ରି ୧୬.୩୭% ବୃଦ୍ଧି: ଫାଡା

ଭୁବନେଶ୍ୱର,୭।୧(ଅନୁରାଧା ମହାରଣା)

ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ଦ୍ୱାରା ବୁଧବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ଇଲେକ୍ଟ୍ରିକ ଯାନ (ଇଭି) ଖୁଚୁରା ବିକ୍ରି ୧୬.୩୭ % ବୃଦ୍ଧି ପାଇ ୨୨,୭୦,୧୦୭ ୟୁନିଟ୍ ହୋଇଛି, ଯାହା ଇଲେକ୍ଟ୍ରିକ ଯାତ୍ରୀବାହୀ କାର୍ ବିକ୍ରିରେ ୭୭% ବୃଦ୍ଧି ଯୋଗୁ ପ୍ରଭାବିତ ହୋଇଛି। ଫାଡା କହିଛି, ୨୦୨୪ ମସିହାରେ ଇଭି ନିର୍ମାତାମାନେ ମୋଟ ୧୯,୫୦,୭୨୭ ୟୁନିଟ୍ ବିକ୍ରି ରେକର୍ଡ କରିଥିଲେ। ୨୦୨୫ ମସିହାରେ ଇଲେକ୍ଟ୍ରିକ କାର୍ ବିକ୍ରୟ ୭୭.୦୪% ବୃଦ୍ଧି ପାଇ ୧,୭୬,୮୧୭ ୟୁନିଟ ହୋଇଛି, ଯାହା ଗତ ବର୍ଷ ୯୯,୯୭୫ ୟୁନିଟ ଥିଲା। ଏହି ଅବଧିରେ ଇ-କମର୍ସିଆଲ ଯାନ ବିକ୍ରୟ ୫୪.୨% ବୃଦ୍ଧି ପାଇ ୧୫,୬୦୬ ୟୁନିଟ୍ ହୋଇଛି ଯାହା ଗତ ବର୍ଷ ୧୦,୧୨୩ ଇସିଭି ଖୁଚୁରା ବିକ୍ରି ହୋଇଥିଲା। ଇଲେକ୍ଟ୍ରିକ ଦୁଇଚକିଆ ବିକ୍ରୟ ୧୨,୭୯,୯୫୧ ୟୁନିଟ୍ ହୋଇଛି ଯାହା ପୂର୍ବ ବର୍ଷ ଏହି ଅବଧିରେ ୧୧,୪୯,୪୧୬ ୟୁନିଟ୍ ଥିଲା, ଯାହା ୧୧.୩୬ ପ୍ରତିଶତ ବୃଦ୍ଧି ପାଉଥିବା ଜଣାପଡ଼ିଛି। ସେହିପରି, ୨୦୨୫ ମସିହାରେ ଇ-ଥ୍ରୀ-ହୁଇଲର ବିକ୍ରି ୧୫.୩୯% ବଢ଼ି ୭,୯୭,୭୩୩ ୟୁନିଟ୍ ହୋଇଛି ଯାହା ୨୦୨୪ରେ ୬,୯୧,୩୧୩ ୟୁନିଟ୍ ବିକ୍ରି ଥିଲା ।

# ଏଲ୍‌ଆଇସିର 'ଜୀବନ ଉତ୍ସବ ସିଙ୍ଗଲ ପ୍ରିମିୟମ' ପ୍ଲାନ୍ ଉନ୍ମୋଚିତ

ଭୁବନେଶ୍ୱର,୭।୧

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଏକ ନୂଆ ବୀମା ଯୋଜନା ଏଲ୍‌ଆଇସି ଜୀବନ ଉତ୍ସବ ସିଙ୍ଗଲ ପ୍ରିମିୟମ ଉନ୍ମୋଚନ କରିଛି। ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ଆର୍. ଦୋରୈସ୍ୱାମୀ ଶୁଭାରମ୍ଭ କରିଛନ୍ତି । ଏହା ଏକ ନନ୍-ପାର୍ଟିସିପେଟିଂ, ନନ୍-ଲିଙ୍କଡ୍, ଇଣ୍ଡିଭିଜୁଆଲ ସେଭିଙ୍ଗ୍ସ ହୋଲ୍ ଲାଇଫ ଇନ୍ସ୍ୟୁରାନ୍ସ ପ୍ଲାନ୍, ଯାହା ସିଙ୍ଗଲ ପ୍ରିମିୟମ ଭିତ୍ତିରେ କାର୍ଯ୍ୟ କରି ଗ୍ୟାରେଣ୍ଟିଡ୍ ଆଡିସନ ପିରିୟଡ୍ ସମୟରେ ଗ୍ୟାରେଣ୍ଟିଡ୍ ଆଡିସନ ପ୍ରଦାନ କରିଥାଏ । ଏହା ଗ୍ୟାରେଣ୍ଟିଡ୍‌ଲାଇଫ୍ ଲଙ୍ଗ୍‌ଇନ୍‌କମ୍ ଏବଂ ଲାଇଫ୍ ଲଙ୍ଗ୍ ରିସ୍କ କଭର ଯୋଗାଇଥାଏ। ଏହି ଯୋଜନା ୩୦ ଦିନରୁ ୬୫ ବର୍ଷ ବୟସର ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ଏବଂ ନ୍ୟୂନତମ ବେସିକ୍ ସମ୍ ଆସ୍ୟୋର୍ଡ ୫,୦୦,୦୦୦ ଟଙ୍କା ହୋଇଥିବା ବେଳେ ସର୍ବାଧିକ ସୀମା ବୋର୍ଡ ଅନୁମୋଦିତ ଅଣ୍ଡରରାଇଟିଂ ପଲିସି ଅନୁଯାୟୀ ନିର୍ଭର କରିବ, ଗ୍ୟାରେଣ୍ଟିଡ୍ ଆଡିଶନ ପିରିୟଡ୍‌ରେ ପ୍ରତ୍ୟେକ ପଲିସି ବର୍ଷର ଶେଷରେ ପ୍ରତି ହଜାର ବେସିକ ସମ୍ ଆସ୍ୟୋର୍ଡ ଉପରେ ୪୦ ଟଙ୍କା ହାରରେ ଗ୍ୟାରେଣ୍ଟିଡ୍ ଆଡିସନ ମିଳିବ, ସର୍ଭାଇଭାଲ ବେନିଫିଟ୍ ଭାବରେ ପଲିସିଧାରୀ ରେଗୁଲାର ଇନ୍‌କମ୍ ବେନିଫିଟ୍ (ବେସିକ ସମ୍ ଆସ୍ୟୋର୍ଡ ୧୦% ଯାହା ୭ରୁ ୧୭ ବର୍ଷ ପରେ ଦେୟ) କିମ୍ବା ଫ୍ଲେକ୍ସି ଇନ୍‌କମ ବେନିଫିଟ (ବେସିକ ସମ୍ ଆସ୍ୟୁଓଡ୍ ୧୦% ଡିଫର୍ଡ ହୋଇ ପରେ ଉଠାଇବା ସହ ୫.୫% ବାର୍ଷିକ ଶୁଦ୍ଧ) ବାଛି ପାରିବେ, ଡେଥ୍ ବେନିଫିଟ୍ ରିସ୍କ ଆରମ୍ଭ ପରେ ମୃତ୍ୟୁ ହେଲେ ସମ୍ ଆସ୍ୟୋର୍ଡ ଓ ଗ୍ୟାରେଣ୍ଟିଡ ଆଡିସନ ସହ ଦେୟ ହେବ ଯେଉଁଥିରେ ସମ ଆସ୍ୟୋର୍ଡ ବେସିକ ରାଶି କିମ୍ବା ଟେବୁଲାର୍ ସିଙ୍ଗଲ ପ୍ରିମିୟମ୍ ୧.୨୫ ଗୁଣ ମଧ୍ୟରୁ ଅଧିକ ହେବ। ଏହି ଯୋଜନାରେ ଅତିରିକ୍ତ ପ୍ରିମିୟମ ଦେଇ ଏଲ୍‌ଆଇସିର ଆକ୍ସିଡେଣ୍ଟାଲ ଡେଥ୍ ଆଣ୍ଡ ଡିସ୍‌ଏବିଲିଟି ବେନିଫିଟ୍ ରାଇଡର ଏବଂ ନ୍ୟୁ ଟର୍ମ ଆସ୍ୟୋରାନ୍ସ ରାଇଡର୍ ଉପଲବ୍ଧ। ଏହା ଜାନୁଆରୀ ୧୨ ଉପଲବ୍ଧ ହେବ।

---

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE SENIOR GENERAL MANAGER, (ELECTRICAL)
CENTRAL (O&M) ZONE, BHUBANESWAR

## NOTIFICATION

No. TW-SGM-CZ(O&M)-132/2026/03(7) Dated : 02.01.2026

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-11-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.GM (O&M), Central Zone, Bhubaneswar, Odisha Power Transmission Corporation Limited, (1st floor) Multi storied Corporate Building, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT(O&M)Division, Chainpal as mentioned against the work, on any working day during office hours.

**Name of the Work:-** Diversion of 132 KV TTPS-Angul SC Line from loc. No. 56 to 62 due to construction of Fly-Over line between TLHD to BDPK by East Coast Railway, under EHT (O&M) Division, Chainpal. The estimated cost of the project is **Rs. 5.12 Crore.**
**Name of the Village in which the line will Pass :**
**Tahasil:** Banarpal/ Talcher, **R.I Circle:** Balaram Prasad/ Thermal, **Revenue Village:** Nirakarpur/Padiabhanga/ Thermal.

**Name of the Work:-** Diversion of 220 KV TTPS-Meramundali DC Line from loc. No. 05 to 08 due to construction of Fly-Over line between TLHD to BDPK by East Coast Railway, under EHT (O&M) Division, Chainpal. The estimated cost of the project is **Rs. 4.93 Crore.**
**Name of the Village in which the line will Pass :**
**Tahasil:** Banarpal/Talcher, **R.I Circle:** Balaram Prasad/ Thermal,**Revenue Village:** Padiabhanga/ Bhogaberini.

**Name of the Work:-** Diversion of 132 KV TTPS-Chainpal SC line from loc. No. 3E (from TTPS end) to Loc. No. 06 due to construction of Fly-Over line between TLHD to BDPK by East Coast Railway, under EHT (O&M) Division, Chainpal. The estimated cost of the project is **Rs. 1.60 Crore.**
**Name of the Village in which the line will Pass :**
**Tahasil:** Talcher, **R.I Circle:** Thermal, **Revenue Village:** Padiabhanga / Thermal / Gurujanguli.

**Name of the Work:-** Diversion of 132 KV TTPS-Chainpal DC line from loc. No. 04 to Loc. No. 08 due to construction of Fly-Over line between TLHD to BDPK by East Coast Railway, under EHT (O&M) Division, Chainpal. The estimated cost of the project is **Rs. 4.15 Crore.**
**Name of the Village in which the line will Pass :**
**Tahasil:** Talcher, **R.I Circle:** Thermal, **Revenue Village:** Padiabhanga / Thermal.

**Perceived benefit that may accrue :** This will facilitate hassle free movement of trains simultaneously ensuring uninterrupted quality power supply to Angul district command area. In general this shall be beneficial for the state of Odisha.

FIPR-81/2025-26
ER. DEEPAK KUMAR SENPATI
Sr. General Manager (Electrical)

/optcl.odisha /optcl_odisha

---

## ଦ.ପୂ. ରେଳପଥ – ଟେଣ୍ଡର

<u>ଟେଣ୍ଡର ବିଜ୍ଞପ୍ତି ସଂ.: ସି-ଏଫ୍‌ୟୁଆର୍-ଡିଟି-୦୭-୦୧-୨୬</u> । ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟରତ ବରିଷ୍ଠ ସିଡିଓ, ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳଙ୍କ ଦ୍ୱାରା ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡରିଂ ୱେବ୍‌ସାଇଟ୍ www.ireps.gov.in ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି । ସେଥିପାଇଁ ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ୦୧ (ଏକ) ବର୍ଷ ଅବଧି ପାଇଁ ''ଡି-୩ ସିଡ୍ୟୁଲ୍ ଅବଧିରେ ଅପର୍-ଗିୟର୍ ଆଟେନ୍ସନ୍ ପାଇଁ ଫର୍ନିଶିଂ ଆକ୍ଟିଭିଟି'' । **ଟେଣ୍ଡର ମୂଲ୍ୟ:** ₹୩,୪୬,୬୨,୧୪୩.୩୬ (ଜିଏସ୍‌ଟି ସମେତ) । **ଇଏମ୍‌ଡି:** ₹୩,୨୩,୩୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । **ଟେଣ୍ଡର ବନ୍ଦ ହେବା ତାରିଖ:** ତା୦୨।୦୨।୨୦୨୬ରିଖ, ୧୨.୦୦ ଘଟିକା । (PR-1038)

---

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY:CHAMPUA**
**DIST: KEONJHAR**

## "e" Procurement Notice

**Bid Identification No.ITDACH.-06/2025-26**
**No.24, Dt.05.01.2026**
**e-mail:itda.champua@gmail.com**

1. No. of the Work : 13 Nos. of Construction Work.
2. Estimated Cost : Rs.165.38 to Rs.166.18 lakh
3. Period of Completion : 09 (Nine Calendar Months)
4. Date and Time of availability of Bid document in the portal : From 10.00 Hr.12.01.2026 to 17.30 Hr. of 21.01.2026
5. Last date/time for receipt of bids in the portal : 17.30 Hr. of 21.01.2026
6. Date of Opening of Bid from Portal : 11.30 Hr. of 22.01.2026
7. Name and address of the Officer Inviting Bid : Project Administrator I.T.D.A., Champua

Further details can be seen from the e-procurement portal "http://tendersorissa.gov.in"

**Sd./- Project Administrator**
**I.T.D.A., Champua**

---

## ''छत्तीसगढ़ शासन, वन एवं जलवायु परिवर्तन विभाग'', धमतरी वनमंडल, धमतरी

### काष्ठागार धमतरी का ई-ऑक्सन का संक्षिप्त विज्ञापन

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार धमतरी से प्राप्त की जा सकती है।

**नीलाम दिनांक - 14 जनवरी 2026**
**नीलाम समय - दोपहर 2.00 बजे से**

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली/खुंटा नग में | लट्ठा घ.मी. | बल्ली/खुंटा नग में | लट्ठा घ.मी. | बल्ली/खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 2.188 | 232 | 31.172 | 2248 | 33.360 | 2480 |
| बीजा | 46.535 | - | - | - | 46.535 | - |
| शीशम | - | - | 0.116 | - | 0.116 | - |
| हल्दु/मुण्डी | 9.778 | 87 | 5.982 | - | 15.760 | 87 |
| साजा | 26.940 | 23 | - | - | 26.940 | 23 |
| घावड़ा | 24.759 | - | 3.656 | - | 28.415 | - |
| पापड़ा | 0.242 | - | 1.860 | - | 2.102 | - |
| नीलगिरी | - | - | - | 95 | - | 95 |
| अन्य | 59.833 | - | 4.499 | - | 64.332 | - |
| योग | **170.275** | **342** | **47.285** | **2343** | **217.560** | **2685** |

**जलाऊ**

| प्रजाति | काष्ठागार धमतरी | कुरूद डिपो में पुराना बांस विभिन्न साईज के टुकड़ो में |
|---|---|---|
| | नया | (साईज 5.50 मीटर) |
| सागौन जलाऊ | 5 चट्टा | 1000 नग |
| योग:- | 5 चट्टा | 1000 नग |

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

**फोन: 07722-238371, फैक्स: 07722-236137**

G-252605854/2
स्वा./- वनमंण्डलाधिकारी, धमतरी वनमंडल, धमतरी

---

**ଭା.କ.ନି. CCI**

## ଭାରତୀୟ କପା ନିଗମ ଲିମିଟେଡ୍

ମୋବାଇଲ ଆପ୍ କପାସ କିସାନ

**ଶାଖା କାର୍ଯ୍ୟାଳୟ: ରାୟଗଡ଼ା**
ପ୍ଲଟ ନଂ.୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ଼, ରାୟଗଡ଼ା-୭୬୫୦୦୧ (ଓଡ଼ିଶା)

ସଂଖ୍ୟା:ଭାକନି/ରାୟଗଡ଼ା/୨୦୨୫-୨୬ ତାରିଖ:୦୭.୦୧.୨୦୨୬

### କପା ଚାଷୀମାନଙ୍କ ପାଇଁ ଆହ୍ୱାନ

ରାଜ୍ୟ ସରକାର, ଚାଷୀ ଏବଂ ଜନ ପ୍ରତିନିଧିମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି କପାସ କିସାନ ଆପ୍ ମାଧ୍ୟମରେ କପା ଚାଷୀମାନଙ୍କର ସ୍ୱ-ପଞ୍ଜୀକରଣ ସୁବିଧା ପୂର୍ବରୁ ତିନିଥର ବୃଦ୍ଧି କରାଯାଇଛି ।

ସମସ୍ତ କପା ଚାଷୀଙ୍କୁ ଏହାଦ୍ୱାରା ଅନୁରୋଧ କରାଯାଉଛି ଯେ, ସେମାନେ ୧୬.୦୧.୨୦୨୬ ତାରିଖ କିମ୍ବା ତାହାର ପୂର୍ବରୁ ନିଜ ସ୍ୱୟଂ-ପଞ୍ଜୀକରଣ ସମ୍ପୂର୍ଣ୍ଣ କରନ୍ତୁ । ଏହାଦ୍ୱାରା ପଞ୍ଜୀକୃତ ଚାଷୀମାନେ ୧୬ ଜାନୁଆରୀ ପରେ ମଧ ନିଜ କପାସ ବିକ୍ରି କରିପାରିବେ ଏବଂ ନ୍ୟୂନତମ ସମର୍ଥନ ମୂଲ୍ୟ (MSP) ର ଲାଭ ଉଠାଇପାରିବେ ।

ତେଣୁ ସମସ୍ତ ଚାଷୀମାନଙ୍କୁ ଦୃଢ଼ଭାବେ ପରାମର୍ଶ ଦିଆଯାଉଛି ଯେ ସେମାନେ ଆଗାମୀ ଅବଧିର କୌଣସି ବୃଦ୍ଧି ପାଇଁ ଅପେକ୍ଷା ନକରି, ୧୬.୦୧.୨୦୨୬ ତାରିଖ କିମ୍ବା ତାହାର ପୂର୍ବରୁ ତୁରନ୍ତ ନିଜ ପଞ୍ଜୀକରଣ ସମ୍ପୂର୍ଣ୍ଣ କରନ୍ତୁ, ଯାହାଦ୍ୱାରା ପରବର୍ତ୍ତୀ ଅସୁବିଧାକୁ ଏଡ଼ାଇ ଯାଇପାରିବ ।

ସ୍ୱା./- ଶାଖା ପ୍ରମୁଖ

---

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ପ୍ଲଟ୍ ନଂ.-୪, ମହାନଦୀ ବିହାର
ପୋ: ନୟାବଜାର, ଜିଲ୍ଲା: କଟକ, ପିନ୍-୭୫୩୦୦୪

## ଦଖଲ ନୋଟିସ୍

[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

**୧)** ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। **୨)** ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ଦଖଲ ତାରିଖ ସୁଦ୍ଧା ଥିବା ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମ୍ନରେ ଦର୍ଶିତ।
**୩) ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୮ ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| **ଟାଙ୍ଗୀ ଶାଖା** / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ଅମୂଲ୍ୟ କୁମାର ସାହୁ,** ପିତା: ଦୁର୍ଲ୍ଲଭ କୁମାର ସାହୁ, ସା/ପୋ: କୋଟସାହି (ଟାଙ୍ଗୀ), ଜିଲ୍ଲା: କଟକ, ପିନ୍-୭୫୪୦୨୨ / **ଜାମିନ୍‌ଦାର: ଶ୍ରୀମତୀ ନିରୂପମା ବେହେରା,** ପିତା: ବନମାଳୀ ବେହେରା, ସା/ପୋ: ଗରୁଡଗାଁ, ଭାୟା: ଟାଙ୍ଗୀ, ଜିଲ୍ଲା: କଟକ, ପିନ୍-୭୫୪୦୨୨ | ଅମୂଲ୍ୟ କୁମାର ସାହୁଙ୍କ ନାମରେ ଥିବା ଆଇନଗତ ସମ୍ପତ୍ତି ଯାହାର ଜିଲ୍ଲା: କଟକ, ମୌଜା: କୋଟସାହି, ଖାତା ନଂ: ୪୫୭/୩୦୪, ପ୍ଲଟ ନଂ.: ୪୩୩/୧୪୧୭, କ୍ଷେତ୍ର: ଏକର୦.୦୩୨୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୪୩୨/୧୪୧୬, କ୍ଷେତ୍ର: ଏକର୦.୦୧୬୦ ଡିସିମିଲି (**ସମୁଦାୟ** | ୩୦.୧୦.୨୦୨୫ ସୁଦ୍ଧା ଟ.୯,୪୧,୮୦୨.୦୦ / ୦୭.୦୧.୨୦୨୬ ସୁଦ୍ଧା ଟ.୯,୪୬,୧୦୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୩୦.୧୦.୨୦୨୫ / ୦୭.୦୧.୨୦୨୬ |

**କ୍ଷେତ୍ର: ଏକର୦.୦୪୮୦ ଡିସିମିଲି), ପ୍ଲଟ୍ ନଂ. ୪୩୩/୧୪୧୭**ର ଚାରିପାର୍ଶ୍ୱରେ- ଉତ୍ତର: ଅନନ୍ତ ସାହୁ ଏବଂ ଅନ୍ୟମାନେ, ଦକ୍ଷିଣ: ନିଜସ୍ୱ, ପୂର୍ବ: ପଦ୍ମିନୀ ସାହୁ, ପଶ୍ଚିମ: ପ୍ଲଟ୍ ନଂ. ୪୨୯, **ପ୍ଲଟ୍ ନଂ. ୪୩୨/୧୪୧୬**ର ଚାରିପାର୍ଶ୍ୱରେ- ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପୂର୍ବ: ପଦ୍ମିନୀ ସାହୁ, ପଶ୍ଚିମ: ପ୍ଲଟ୍ ନଂ. ୪୨୯

ସ୍ଥାନ: କଟକ, ତାରିଖ: ୦୭.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

---

## ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ – ଦେଶ ନିମନ୍ତେ ''ମଧ୍ୟସ୍ଥତା ୨.୦''

No. W-55: ''ମଧ୍ୟସ୍ଥତା'' ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।
ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଳତ ଓ ତାଲୁକ ଅଦାଲତରେ ବିରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:-

- ଘରୋଇ ହିଂସା ଓ ଯୌତୁକ ନିର୍ଯ୍ୟାତନା (ଧାରା ୪୯୮A/IPC/୮୫ BNS) ସମେତ ସମସ୍ତ ପାରିବାରିକ ବିବାଦ।
- ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ।
- ଚେକ୍ ବାଉନ୍ସ ମାମଲା।
- ଉଚ୍ଛେଦ ମାମଲା।
- ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା।
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା।
- ରଫାଯୋଗ୍ୟ ଫୌଜଦାରି ମାମଲା।
- ଶ୍ରମିକ ଅଧିନିୟମ ସମ୍ପର୍କୀୟ ମାମଲା।
- ଚୁକ୍ତି ଅଧିନିୟମ ସମ୍ପର୍କୀୟ ମାମଲା।
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ-ଅଧିଗ୍ରହଣଜନିତ ମାମଲା।
- ଖାଉଟି ଅଦାଲତରେ ଥିବା ବିବାଦ

ଓ ଉପଯୁକ୍ତ ଅନ୍ୟାନ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।
ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ପୁନର୍ବାର ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ ''ମଧ୍ୟସ୍ଥତା ୨.୦''** ନାମରେ ନାମିତ ହୋଇଛି। ଏହି ଅଭିଯାନ ୦୨।୦୧।୨୦୨୬ ତାରିଖଠାରୁ ଆରମ୍ଭ ହୋଇଛି। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।
ଅଧିକ ବିବରଣୀ ପାଇଁ ଦେୟ ମୁକ୍ତ ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
**ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ**
**ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ**
**ଯୋଗାଯୋଗ: ୯୪୩୮୫୬୮୫୮୬**
e-mail ID: **oslsa1997@gmail.com**

OIPR-

# ୧୫୦୦ ବୋତଲ କଫ୍ ସିରପ୍ ଜବତ, ୩ ଗିରଫ

■କାର୍‌ରେ ଜଗତପୁରରୁ ବଲାଙ୍ଗୀର ଚାଲାଣ ହେଉଥିଲା

■ଗୋଡ଼ାଇ ଧରିଲା ସୁବର୍ଣ୍ଣପୁର ଅବକାରୀ ଟିମ୍



ଗିରଫ ୩ ଅଭିଯୁକ୍ତ, ଜବତ କାର୍ ଓ କଫ୍ ସିରପ୍।

**ସୋନପୁର, ୭।୧(ମୃତ୍ୟୁଞ୍ଜୟ ଶତପଥୀ)**

ଅବକାରୀ ବିଭାଗର ସୁବର୍ଣ୍ଣପୁର ଜିଲା ମୋବାଇଲ ୟୁନିଟ୍ ଚଢ଼ାଉକରି ବୁଧବାର ୧୦୦ ମିଲିଲିଟର ବିଶିଷ୍ଟ ୧୫୦୦ବୋତଲ ଏସ୍‌କଫ୍ ସିରପ୍ ଜବତ କରିଛି। ନିଶା ପାଇଁ ବ୍ୟବହୃତ ହେଉଥିବା ଏହି କଫ୍ ସିରପ୍‌କୁ କଟକ ଜିଲା ଜଗତପୁରରୁ କାର୍(ନଂ. ଓଡି୦୨ଏୟୁ-୦୨୦୫) ଯୋଗେ ବଲାଙ୍ଗୀର ସହରସ୍ଥିତ ବରପାଲିପଡ଼ାକୁ ଚାଲାଣ ହେଉଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଅବକାରୀ ବିଭାଗ ଚୋରାଚାଲାଣରେ ବ୍ୟବହୃତ କାର୍‌କୁ ଜବତକରିବା ସହ ୩ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସହର ଗାନ୍ଧୀନଗର ପଡାର ଉଦ୍ଧବ ବଗର(୩୫), ବିଭୂତିପଡ଼ାର ଶିବୁ ମେହେର(୨୦) ଓ ବରପାଲିପଡ଼ାର ରାଜେନ୍ଦ୍ର ବାରିକ୍(୨୪)। ଅବକାରୀ ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ଏକ ମାମଲା(ନଂ. ୩୪୬/୨୬ ) ରୁଜୁ ହୋଇଛି।

ଏକ ସିଲ୍‌ଭର ରଙ୍ଗର କାର୍‌ରେ ବଲାଙ୍ଗୀରକୁ ବିପୁଳ ପରିମାଣର କଫ୍ ସିରପ୍ ଚାଲାଣ କରାଯାଉଥିବା ନେଇ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ଟିମ୍ ରାସ୍ତାରେ ଯାନବାହନ ତନଖି କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ସୁବର୍ଣ୍ଣପୁର ସହର ପଟାଭାଡ଼ି ଛକରେ ଉକ୍ତ କାର୍‌କୁ ସନ୍ଦେହରେ ଅଟକରଖିବା ସମୟରେ ଡ୍ରାଇଭର ଦ୍ରୁତବେଗରେ ଗାଡ଼ି ଚାଳନାକରି ଖସିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କାର୍ ଡ୍ରାଇଭର ଭାରସାମ୍ୟ ହରାଇ ଏକ ଅଟୋକୁ ଧକ୍କା ଦେଇଥିଲେ। ପରେ ପିଛା କରୁଥିବାର ଅବକାରୀ ଟିମ୍ ଦୁର୍ଘଟଣାଗ୍ରସ୍ତ କାର୍ ତନଖି ସମୟରେ ୬୦ଟି ପେଟି ମିଳିଥିଲା ଏବଂ ପ୍ରତି ପେଟିରେ ୨୫ଟି ଲେଖାଏ କଫ୍ ସିରପ୍ ଥିଲା। ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଜିଲା ମୋବାଇଲ ୟୁନିଟ୍ ଇନ୍ସପେକ୍ଟର ଗୋବିନ୍ଦ ନାଏକ, ରେଞ୍ଜ ଇନ୍ସପେକ୍ଟର ହରପ୍ରସାଦ ରଣା, ଏସ୍‌ଆଇ ବୁଦ୍ଧଦେବ ପୁଟେଲ, ଏଏସ୍‌ଆଇ ଅଭିଳାଷ ବେହେରା, ଲୋକନାଥ ବେହେରା ଓ ଦେବେନ୍ଦ୍ର ବରିହା ଓ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ବିଧବାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ପାଲଲହଡ଼ା,୭।୧(ଦିବ୍ୟଜ୍ୟୋତି ଦାଶ)**



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

୪ ବର୍ଷ ତଳେ ପରପାରିକୁ ଚାଲିଯାଇଥିଲେ ସ୍ୱାମୀ ଗୁରୁ ମୁଣ୍ଡା। ସେବେଠାରୁ ୩ ଝିଅ ଓ ଗୋଟିଏ ପୁଅର ବୋଝ ନିଜେ ଉଠାଉଥିଲେ ବିଧବା ଜାନ ମୁଣ୍ଡା। ଦୈନିକ ମୂଲ ମଜୁରି ଖଟି ପିଲାଙ୍କ ମୁହଁରେ ଦାନା ଦେଉଥିବା ଜାନ ଗତ ୫ ତାରିଖଠାରୁ ନିଖୋଜ ଥିଲେ। ୬ ତାରିଖ ସନ୍ଧ୍ୟାରେ ତାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ତାଙ୍କର ୪ ପିଲା ଅନାଥ ହୋଇଯାଇଛନ୍ତି। ତେବେ ମା' କାଳେ ବଞ୍ଚିଥିବେ, ତାହା ଭାବି ପିଲାମାନେ ମୃତଦେହ ଆଣି ଘରେ ରଖିବା ସହ ରାତିସାରା ଜଗିବସିବା ବୁଧବାର ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ପାଲଲହଡ଼ା ଥାନା ଖାରବେଡ଼ା ପଞ୍ଚାୟତ ସୁସବନାଳୀ ଗାଁର ବିଧବା ଜାନ ମଜୁରି ଖଟିବାକୁ ସୋମବାର ସକାଳେ ଘରୁ ବାହାରି ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ନ ଫେରିବାରୁ ପିଲାମାନେ

### ୪ ପିଲା ଅନାଥ, ମା' ବଞ୍ଚିଥିବେ ଭାବି ରାତିସାରା ଜଗିବସିଲେ

ବ୍ୟସ୍ତ ହୋଇ ଖୋଜାଖୋଜି କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଁ ମୁଣ୍ଡରେ ଥିବା ପରିତ୍ୟକ୍ତ କେନ୍ଦୁପତ୍ର ଫଡି ଘର ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତ ଜାନଙ୍କ ମୁହଁକୁ କୌଣସି ଭାରି ପଦାର୍ଥରେ ଆଘାତ କରାଯାଇଥିବା ବେଳେ ଗଳା ମଧ୍ୟ ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ମିଳିଥିଲା। ଜାନଙ୍କ ମୃତଦେହ ମିଳିବା ପରେ ତାହାକୁ ୪ ପିଲା ଘରକୁ ନେଇଯାଇଥିଲେ। ମା' କାଳେ ବଞ୍ଚିଥିବେ ତାହା ଭାବି ସାରା ରାତି ସେମାନେ ଜଗି ବସିଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ଗାଁରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅନୁଗୋଳରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାଣ୍ଡ ସମ୍ପର୍କରେ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ନଂ. ୬/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ପ୍ରକାଶ କରିଛନ୍ତି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା ଗଞ୍ଜାମ

ମୁଖ୍ୟ ରାସ୍ତା, ସୋରଡା, ପିନ୍ ନଂ.:୭୬୧୧୦୮, ଇମେଲ୍: suradanac2023@gmail.com, ଫୋନ ନଂ.୮୨୮୦୩୩୫୮୯୦

ସଂଖ୍ୟା ୩୧/ବି.ଅ.ପ, ତାରିଖ ୦୫.୦୧.୨୦୨୬

**ବିଜ୍ଞାପନ**

No.C-1995: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସୋରଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅବସ୍ଥିତ ୧୮ (ଅଠର) ଗୋଟି ଆବଣ୍ଟିତ ହୋଇନଥିବା ଗୃହକୁ ମ୍ୟୁନିସିପାଲ ଆଇନର ଧାରା ୩୩୭ ଓ ପରିଷଦ ନିର୍ଦ୍ଧାରଣ ନଂ-୧୬(୯), ତା.୨୬.୧୧.୨୦୨୫ ରିଖ ଅନୁସାରେ ଭଡ଼ା ସୂତ୍ରରେ ଜଡ଼ସୁଦ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରିବା ନିମନ୍ତେ ପରିଷଦରେ ବସବାସ କରୁଥିବା ବ୍ୟକ୍ତିବିଶେଷଠାରୁ ଆସନ୍ତା ତା.୦୬.୦୧.୨୦୨୬ ରିଖ ପୂର୍ବାହ୍ନ ଘ.୧୦.୦୦ମି. ଠାରୁ ତା.୨୦.୦୧.୨୦୨୬ ରିଖ ଅପରାହ୍ନ ଘ.୫.୩୦ ମି. ମଧ୍ୟରେ ଯେକୌଣସି ୦୧ (ଏକ) ଗୋଟି ଦୋକାନ ଗୃହ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ପ୍ରକ୍ରିୟାର ନିୟମାବଳୀ ନିମନ୍ତେ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ କିମ୍ବା ପରିଷଦ ସହ ଯୋଗାଯୋଗ କରି ଏହାର ସର୍ବାଙ୍ଗୀ ତଥ୍ୟ ଜାଣିପାରିବେ।

**ଦୋକାନ ଗୃହ ଆବଣ୍ଟନ ମୂଲ୍ୟାୟନ**

| କ୍ର. ନଂ. | ଦୋକାନ ଗୃହର ଅବସ୍ଥିତି | ଉପଲବ୍ଧ ଦୋକାନ ଗୃହ ସଂଖ୍ୟା | ପ୍ରତ୍ୟେକ ଦୋକାନ ଗୃହର ଧାର୍ଯ୍ୟ ଦର ଡାକରେ | ଅମାନତ ରାଶି ଡକାରେ |
|---|---|---|---|---|
| ୧ | ବିଜୁ ପଟ୍ଟନାୟକ ବଜାର ପ୍ରାଙ୍ଗଣ ଦୋକାନ ଗୃହ (ତଳ ମହଲା) | ୦୪ ଗୋଟି | ଟ.୧,୫୦,୦୦୦/- | ଟ.25,000/- |
| ୨ | ବିଜୁ ପଟ୍ଟନାୟକ ବଜାର ପ୍ରାଙ୍ଗଣ ଦୋକାନ ଗୃହ (ଉପର ମହଲା) | ୦୪ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| ୩ | ଶଶୀ ଭୂଷଣ ଛକ ନିକଟସ୍ଥ ଦୋକାନ ଗୃହ | ୦୭ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| ୪ | ବିନଦାସ୍ ଛକ ନିକଟସ୍ଥ ଦୋକାନ ଗୃହ | ୦୨ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| ୫ | ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ସମ୍ମୁଖ ଦୋକାନ ଗୃହ | ୦୧ ଗୋଟି | ଟ.୧,୦୦,୦୦୦/- | ଟ.25,000/- |
| | ସମୁଦାୟ | ୧୮ ଗୋଟି | | |

ବି.ଦ୍ର.: କୌଣସି ବ୍ୟକ୍ତି ବିଶେଷ ଆବଣ୍ଟନ ଦୋକାନ ଗୃହକୁ ଅନ୍ୟ ... ପ୍ରକାର ମାଛ, ମାଂସ, ମାଦକ ଦ୍ରବ୍ୟ, ବିସ୍ଫୋରକ ଦ୍ରବ୍ୟ ଏବଂ ରାସାୟନିକ ଦ୍ରବ୍ୟ ...

OIPR-13132/11/0029/2526 ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା, ଗଞ୍ଜାମ


# ଯୁବକଙ୍କ ଉନ୍ମତ୍ତକାଣ୍ଡ : ବାପା,ପଡ଼ୋଶୀଙ୍କୁ ହାଣି ହତ୍ୟା

**ବାରିପଦା/କରଞ୍ଜିଆ (ନୀଳାଦ୍ରି ବିହାରୀ ଦଣ୍ଡପାଟ/କବିତା ମହାନ୍ତ),୭।୧**

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ କୁଶପଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅ ଆକ୍ରମଣରେ ବାପାଙ୍କ ସହ ପଡ଼ୋଶୀଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ଅବସ୍ଥାରେ କରଞ୍ଜିଆ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ମୃତଦେହ ଜବତ କରିବା ସହିତ ଅଭିଯୁକ୍ତ ମଣ୍ଟୁ ପାତ୍ରଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ମୃତକ ଦ୍ୱୟ ହେଲେ ଅଭିଯୁକ୍ତଙ୍କ ବାପା ପ୍ରଫୁଲ୍ଲ ପାତ୍ର ଓ ପଡ଼ୋଶୀ ଗଣେଶ୍ୱର ପାତ୍ର। ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟାରେ ମଣ୍ଟୁ କୌଣସି କାରଣକୁ ନେଇ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ଏକ ଧାରୁଆ ଅସ୍ତ୍ରରେ ବାପା ପ୍ରଫୁଲ୍ଲଙ୍କୁ ହାଣି ପକାଇଥିଲେ। ପଡ଼ୋଶୀ ଗଣେଶ୍ୱର ପାତ୍ର ଏହି ଘଟଣା ଦେଖି ଦେବାରୁ ତାଙ୍କୁ ମଧ୍ୟ ସେ ହାଣି ହତ୍ୟା କରିଥିଲେ। ତେବେ ଏହାକୁ ବିରୋଧ କରିବାକୁ ଯାଇଥିବା ଗଣେଶ୍ୱରଙ୍କ ପୁଅ ମଧ୍ୟ ଆକ୍ରମଣର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଆକ୍ରମଣକାରୀଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ମାନସିକ ବିକୃତି କାରଣରୁ ଅଭିଯୁକ୍ତ ଏଭଳି ଘଟଣା ଘଟାଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ନକଲି ଇଣ୍ଟେଲିଜେନ୍ସ ଅଧିକାରୀ ଗିରଫ



ଗିରଫ ଅଭିଯୁକ୍ତ ବିଶ୍ୱବନ୍ଧୁ ଓଝା।

**ଯାଜପୁରରୋଡ୍,୭।୧ (ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁରରୋଡ୍ ଆଦର୍ଶ ଥାନା ପୋଲିସ ଜଣେ ନକଲି ଇଣ୍ଟେଲିଜେନ୍ସ ଅଧିକାରୀକୁ ଗିରଫକରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ତରିମୂଳ ଗ୍ରାମର ବିଶ୍ୱବନ୍ଧୁ ଓଝା(୨୦)। ଅଭିଯୁକ୍ତ ବିଶ୍ୱବନ୍ଧୁ ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଗୋପବନ୍ଧୁ ଛକ ନିକଟରେ ଥିବା ଆଇଡିବିଆଇ ବ୍ୟାଙ୍କରେ ଗତ ମାସ ୯ ତାରିଖରେ ଏକ ଆକାଉଣ୍ଟ ଖୋଲିଥିଲେ। ସେଠାରେ ସେ ବ୍ୟାଙ୍କ ମ୍ୟାନେଜର ଜୟନ୍ତ କୁମାର ବେହେରାଙ୍କୁ ନିଜ ପରିଚୟ ଦେଇ କହିଥିଲେ, ମହାରାଷ୍ଟ୍ର ରାଜ୍ୟ ସରକାରଙ୍କ ଇଣ୍ଟେଲିଜେନ୍ସ ବ୍ୟୁରୋର ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ଆକାଉଣ୍ଟକୁ ଅଧିକ ଟଙ୍କା ଆସିବ, ସେ ଟଙ୍କାକୁ ଏହିଠାରେ ଉଠାଣ କରିବେ। ସବୁ ଟଙ୍କା ଉଠାଇବାକୁ ମ୍ୟାନେଜର ଅନୁମତି ଦେବେ। ଏହାପରେ ବିଶ୍ୱବନ୍ଧୁଙ୍କ ଉପରେ ବ୍ୟାଙ୍କ ମ୍ୟାନେଜରଙ୍କ ସନ୍ଦେହହେବାରୁ ସେ ଯାଜପୁରରୋଡ୍ ଥାନା ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଥାନା ଅଧିକାରୀ ମ୍ୟାନେଜରଙ୍କୁ କହି କୌଶଳ କ୍ରମେ ଅଭିଯୁକ୍ତ ବିଶ୍ୱବନ୍ଧୁଙ୍କୁ ବ୍ୟାଙ୍କକୁ ଡକାଇଥିଲେ। ଏହାପରେ ପୋଲିସ ସେଠାରୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ବିଶ୍ୱବନ୍ଧୁଙ୍କ ନିକଟରୁ ନକଲି ପୋଲିସ ପୋଷାକ, ଆଇଡି କାର୍ଡ ଓ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ବ୍ୟାଙ୍କ ମ୍ୟାନେଜରଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ.୧୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

# ପ୍ରେମ ସମ୍ପର୍କରୁ ଗୁଳିମାଡ଼ ଘଟଣା, ଅଭିଯୁକ୍ତ ଗିରଫ

**ମୋହନା, ୭।୧(ମନ୍ମଥ ମିଶ୍ର)**

ପ୍ରେମ ସମ୍ପର୍କକୁ ନେଇ ଗଜପତି ଜିଲା ମୋହନାରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଚନ୍ଦ୍ରଗିରିରୁ ଗିରଫ କରିଛି। ସେହେଲେ ଲାଜାର ପ୍ରଧାନ(୨୨)। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସନ୍ତୋଷ ପ୍ରଧାନ(୩୦) ଫେରାର ଅଛନ୍ତି। ସନ୍ତୋଷଙ୍କ ସାନଭାଇ ଲାଜାରଙ୍କଠାରୁ ପୋଲିସ କୋରିଆ ନିର୍ମିତ ଏକ ମାଉଜର ଜବତ କରିଛି। ଲାଜାରଙ୍କୁ ମଙ୍ଗଳବାର ଆର.ଉଦୟଗିରି କୋର୍ଟ ଚାଲାଣ କରାଯାଇଛି। ପାରଳାଖେମୁଣ୍ଡି ସାଇଣ୍ଟିଫିକ୍ ଟିମ୍‌ର ଡ. ସୌମ୍ୟଦର୍ଶନ ମହାପାତ୍ରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଘଟଣାର ତଦନ୍ତ ଚଳାଇଥିବାବେଳେ ୩ଟି ଖୋକା ଜବତ କରାଯାଇଛି। ସନ୍ତୋଷଙ୍କ ନାମରେ ବାହାର ରାଜ୍ୟରେ ମଧ୍ୟ ମାମଲା ରହିଥିବା ପୋଲିସ କହିଛି। ଏସ୍‌ଆଇ ବି.ନୀଳମାଧବ ରେଡ୍ଡୀ ଘଟଣାର ତଦନ୍ତ କରୁଛନ୍ତି।

ଖବରରୁ ପ୍ରକାଶ, ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ପଞ୍ଚାୟତ ଢେପାସାହି ଗାଁର ଲାଜର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଏହାକୁ ନେଇ ଲାଜର ଓ ଯୁବତୀଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଯୁବତୀଙ୍କ ଅଭିଯୋଗକ୍ରମେ ସୋମବାର ଗ୍ରାମରେ ଏକ ବୈଠକ ବସିଥିଲା। ଲାଜର ଏକତରଫା ପ୍ରେମ କରି ଗ୍ରାମର ଜଣେ ଯୁବତୀଙ୍କୁ କିଛିଦିନ ତଳେ ଜୋର୍ କରି ଉଠାଇ ନେଇ ଗୋଟିଏ ଘରେ ବନ୍ଦୀ କରି ରଖିଥିବା ବୈଠକରେ ଅଭିଯୋଗ ହୋଇଥିଲା। ପରିବାର ଲୋକେ ସମ୍ପୃକ୍ତ ଯୁବତୀଙ୍କୁ ଖୋଜାଖୋଜି କରି ଆଣି ଅନ୍ୟତ୍ର ବିବାହ କରାଇଥିଲେ। କିଛି ଦିନ ପରେ ଯୁବତୀ ଜଣକ ଗାଁକୁ ଆସିଥିବାବେଳେ ଲାଜର ପୁଣି ତାଙ୍କୁ ଜୋର୍ କରି ଟେକି ନେଇ ଏକ ଘରେ ବନ୍ଦୀ କରି ରଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସମାଧାନ ପାଇଁ ଗାଁରେ ଜଣାଇବାରୁ ବୈଠକ ବସିଥିଲା। ବୈଠକରେ ସନ୍ତୋଷ ଓ ଲାଜାର ଉପସ୍ଥିତ ଥିଲେ। ତେବେ ଏହି ସମୟରେ ସନ୍ତୋଷ ପାଖରେ ରଖିଥିବା ମାଉଜରରୁ ୩ଟି ଗୁଳି ଫୁଟାଇଥିଲେ। ଫଳରେ ସେଠାରେ ଥିବା ଅନିଲ କରାଡଙ୍କ ଡାହାଣ ଗୋଡ଼ର ପାଦରେ ଗୁଳି ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚନ୍ଦ୍ରଗିରି ଡାକ୍ତରଖାନା ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।


## ODISHA STATE CIVIL SUPPLIES CORPORATION LTD., NUAPADA

Letter No.42/ Date 05.01.2026

**Re-Tender Call Notice**

No.CAD-2961: As per Corp. Head Office letter No.14955 dt.30.10.2025 & decision of Tender Committee re-tender for engagement of hired vehicle for office use (Category-I), sealed quotations are invited from Travel Agency/ Individual for hiring of 1 (One) Commercial Registration vehicle for office use in the office of the CSO-cum-District Manager, OSCSC Ltd., Nuapada on monthly rental basis.

The detailed Notice/Annexure inviting sealed tender will be available in the District website i.e. https://nuapada.odisha.gov.in. The intending Travel Agency/ Individual is requested to download the detailed notice from the above website.

i. Available of Tender Paper : 05.01.2026
ii. Receipt of Tender Paper : 12.1.2026 upto 5.30 PM
iii. Opening of Tender Paper : 13.1.2026 at 11.30 AM

Sd./- CSO-cum-District Manager
OSCSC Ltd., Nuapada

OIPR-07058/11/0012/2526



## GOVT. OF ODISHA
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI

AT/PO:PARALAKHEMUNDI, DIST:GAJAPATI
PHONE NO:06815-222365, e-mail:eemi_gajapati@yahoo.co.in
eemigajapatiparalakhemundi@gmail.com

**e-Procurement Notice No.66 Date. 06.01.2026**

**BID IDENTIFICATION NO. MIDGJP-07/2025-26**

No.A-1249:The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Single** Cover System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N.)** from the eligible class of contractors.

1. Name of the work:**Construction of Check Dam under MATY-3.0 Scheme/ 2025-26.**
2. No of works:**02 Nos. (Two)**
3. Estimated cost: Varies from **Rs.38.60 to 39.50 Lakhs.**
4. Period of completion: **3 (Three) Calendar months.**
5. Date and time of availability of bid documents in the portal: From **10.30 Hours of 09.01.2026 to 15.00 Hours of 19.01.2026.**
6. Last date/ time for receipt of bids in the portal: **15.00 Hours of 19.01.2026.**
7. Date of opening of Technical Bid:**17.00 Hours on 19.01.2026.**
8. Name and address of the Officer inviting Bid:Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200. Further details can be seen from the e-procurement portal**https://tendersodisha.gov.in**

Sd/- Er.Simachala Satapathy
Superintending Engineer, MI Division,
Gajapati, Paralakhemundi

OIPR-32555/11/0003/2526



## OFFICE OF THE PANCHAYAT SAMITI, KALYANSINGHPUR

Gmail: ori-kalyansinghpur@nic.in

No.11/2025 (Dev) Dated 02.01.2026

**CORRIGENDUM-II**

No.i-455: In partial modification of tender notification No.3605 dtd. 29.12.2025 and subsequently Corrigendum No.3623 dtd.31.12.2025 of the B.D.O., Kalyansinghpur towards construction of "Gram Panchayat Level Federation (GPLF) Building" work (Civil) in Kalyansinghpur Block & due to unavoidable circumstances, the date & time of available in website and receipt online will be 11.00 hrs of 05.01.2026 to 17.00 Hrs of 16.01.2026 instead of 04.01.2026 to 17.00 Hrs. of 16.01.2026.

Sd./- Smt. Manisha Das, OAS-I (SB)
Block Development Officer,
Kalyansinghpur

OIPR-19432/11/0007/2526



## Government of Odisha "E" Procurement Notice

No.B-921

E-mail ID: eepwd765017@gmail.com, Phone-(06856) 233066

## OFFICE OF THE SUPERINTENDING ENGINEER RAYAGADA (R&B) DIVISION NO.-II

**Short Bid Identification No.RC (RANDB) RGD No.II 16/2025-26 (Online Tender)**

No.6695 Dated 31.12.2025

1. Total No. of the works: - 2 Nos Work **(Double cover System)**
2. Approximate estimated Cost: - Rs 51.50 Lakhs & Rs 52.25 Lakhs
3. Period of completion : - 01 (One) Calendar month
4. Date & Time of availability of bid document in the portal:-**11.00 Hrs. of dated 09.01.2026 to 17.00 Hrs. of dated 16.01.2026 for online bidding.**
5. Last date/Time for receipt of bids in the portal: - **Up to 17.00 Hrs. of dated 16.01.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated 17.01.2026**
8. Further details can be seen from the e-Procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

Sd./- Superintending Engineer
Rayagada (R&B) Division No.-II

OIPR-34139/11/0034/2526



## ଓଡ଼ିଶା ସରକାର
## ଗ୍ରାମ୍ୟ ନିର୍ମାଣ ବିଭାଜନ-୨, କେନ୍ଦ୍ରାପଡ଼ା

No.O-1945

GOVERNMENT OF ODISHA

## OFFICE OF THE EXECUTIVE ENGINEER, RURAL WORKS DIVISION-II, KENDRAPARA

Pin-754212, Ph:06727-230427, eerw_kendraparat@yahoo.co.in

**1st Corrigendum to Bid Identification No.**

**'E' PROCUREMENT NOTICE NO.RWD-II/KPD-14/25-26**

1. The tender call Notice No. NOTICE NO.RWD-II/KPD-14/2025-26 is hereby **cancelled** due to non-avoidable circumstance.
2. All other term and condition in respect of the work invited vide above tender call notice remain unaltered.
3. Authority reserves the right to reject any or all the tenders without assigning any reasons thereof.

Sd./- Superintending Engineer
Rural Works Division-II, Kendrapara

OIPR-25098/11/0034/2526



## OFFICE OF THE CHIEF ENGINEER, MEGA LIFT, BHUBANESWAR

Plot No. A-8/2, Bhoinagar, Bhubaneswar, Odisha, PIN - 751022
E-Mail: cemlpwr.od@gmail.com

**Government of Odisha "e" Procurement Notice**

**Bid Identification No. 07ML/2025-26**

No. A-1220: The Chief Engineer, Mega lift on behalf of the Governor of Odisha invites online tender through "E" Procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the Work | Appointment of Third-Party Inspection Aency (TPIA) for implementation of Mega Lift Projects in Cluster No. XXVI |
| Cost of Tender Paper | Rs.10,000/- |
| EMD/Bid Security | Rs.1,35,000/- |
| Mode of Payment of Tender Paper Cost & EMD | Online |
| Period of Completion | 36 (Thirty Six) Calendar Months |
| Availability of Bid document for sale and receipt through Online | From Dt.08.01.2026, 10.00 A.M. to Dt.28.01.2026 upto 5.00 P.M. |
| Last date/time of receipt of bid in the portal | 28.01.2026 (5.00 P.M.) |
| Date of Pre-bid Conference | 17.01.2026, 11.00 A.M. |
| Date of opening of Techno-Commercial Bid through Online | On Dt.02.02.2026 at 11.00 A.M. in the Office of the Chief Engineer, Mega Lift |
| Class of Contractor | The bidder should be registered under the Companies Act. 1956 |
| Digital Signature Certificate of Bidder | The bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR Website https:/dowr.odisha.gov.in | |
| Name & Address of the OIT | Chief Engineer, Mega Lift<br>Plot No. A-8/2, Bhoi Nagar,<br>Bhubaneswar - 751022, Ph. No.: 0674-2567252<br>Email ID: cemlpwr.od@gmail.com |
| Further details can be seen from the e-Procurement market place. https://tendersodisha.gov.in. | |

OIPR-32504/11/0055/2526 Sd./- Chief Engineer, Mega Lift, Bhubaneswar



## ZILLA SWASTHYA SAMITI, KENDRAPARA

Chief District Medical & Public Health Officer, Kendrapara

**Tender Call Notice**

Advt.No.121 Date:05.01.26

No.E-658:Sealed tenders are invited from the registered Agencies/ Firms (A) for strengthening the sample transportation system in the district (B) for AMC of pest control activities including anti termite treatment in all public health facilties in the district. Interested bidders having requisite documents may apply to The CDM & PHO, Kendrapara, At/Po/Dist-Kendrapara, Pin-754221 on or before **27.01.26 by 4.00 PM** through speed post/Regd. Post/ Courier only. For details regarding eligibility criteria, specifications, terms & conditions may be downloaded from the website https://kendrapara.odisha.gov.in. Tender will be opened on **28.01.26 at 11.00 A.M.** The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical & PHO
cum District Mission Director,
Kendrapara

OIPR-10018/11/0029/2526



## O/o. SUPERINTENDENT-cum-BPHO, CHC, BALUGAON, KHORDHA

BLOCK PROGRAMME MANAGEMENT, UNIT
NATIONAL HEALTH MISSION

**TENDER CALL NOTICE**

No.E-659: Sealed quotations are invited from Travel Agencies/Private Organisations/ NGOs/ Individuals for hiring of vehicle on monthly basis under following schemes in CHC, Balugaon, Khordha. Interested Travel Agencies/ Private Organisations/ NGOs/ Individuals may submit offers mentioning per liter DOL consumption in Kms. and monthly hire charges. Details regarding application format, terms and conditions may be downloaded from www.khordha.odisha.gov.in.

| Sl. No. | Name of the Institute | Purpose of Requirement | No. of Vehicle Required |
|---|---|---|---|
| 1 | CHC, Balugaon | MHT | 01 |

The number of requirement may vary as per the need. The bids in the prescribed format alongwith all relevant documents should reach to the office of the undersigned on or before 16.01.2026 at 4 P.M. through Regd.Post/ Speed Post/ Courier only. The tender will open on 19.01.2026 at 12 P.M. on same date in the presence of bidders or their authorized representatives. The undersigned reserves the right to reject any or all the quotations without assigning any reason thereof.

Sd./- Superintendent
CHC, Balugaon, Khordha

OIPR-10147/11/0002/2526



## OFFICE OF THE ADDITIONAL CHIEF ENGINEER

V.N. Basin, Paralakhemundi, Dist.: Gajapati, PIN - 761200
e-mail: se_sicpkd@yahoo.com

**Cancel Notice of e-Procurement Notice No. ACE, VNB-02/2025-26**

No. A-1242: The tender invited vide e-procurement Notice No. ACE, VNB-02/2025-26 is hereby cancelled due to unavoidable reason.

Sd./- Additional Chief Engineer
Vansadhara Nagabali Basin
Paralakhemundi

OIPR-32417/11/0019/2526



## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
## OFFICE OF THE SUPERINTENDING ENGINEER, M.I. DIVISION, ANANDAPUR

At/P.O.: Salapada, Dist.: Keonjhar, PIN Code - 758020
E-mail ID: mianandapur@yahoo.co.in, eemidanandapur@gmail.com

No. 3457 **e-Procurement Notice** Date: 30.12.2025

**Bid Identification No. 16/MIDA/2025-26**
**e-mail ID: mianandapur@yahoo.co.in**

No. A-1229: The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the Work | : | Construction of New Check Dam under MATY Scheme and Repair in ERM Scheme |
| No. of works | : | 07 (Seven) Nos. only |
| Estimated Cost | : | Varies from 12.57 lakhs to 74.79 lakhs (Approximately) |
| Cost of Tender Paper | : | 6000/- & 10000/- (Non-refundable) |
| Period of Completion | : | 4 (Four) and 6 (Six) Calendar Months |
| Availability of bid documents for sale and receipt through Online | : | From Dt.07.01.2026, 10.00 A.M. to Dt.16.01.2026 upto 5.00 P.M. |
| Last date / time of receipt of bids in the portal | : | 16.01.2026 (5.00 P.M.) |
| Date of Technical bid opening through online | : | On Dt.17.01.2026 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O./ District: Keonjhar<br>Email ID: mianandapur@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

Sd./- Superintending Engineer
M.I. Division, Anandapur

OIPR-32108/11/0044/2526



## OFFICE OF THE EXECUTIVE OFFICER THE MUNICIPAL COUNCIL, DHENKANAL

DHENKANAL (ODISHA), PIN - 759001
E-mail: dhenkanalm.hud@gmail.com

No. 42 Date: 03.01.2026

**REQUEST FOR PROPOSAL (RFP) FOR SELECTION OF AN AGENCY FIRM FOR "SUPPLYING OF 1 NO. OF DOOR-TO-DOOR WASTE COLLECTION COMPARTMENTALZED LCV AND 1 NO. OF BOV INCLUDING DRIVERS AND LOADER, ON HIRING BASIS FOR DHENKANAL MUNICIPALITY"**

**TENDER SCHEDULE**

No. C-1996: The Executive Officer, Dhenkanal Municipality, invites Technical and Financial proposals from reputed implementing Agencies/Firms of National and International repute for selection of an Agency/Firm for "Supplying of 1 No. of Door-to-Door Waste Collection Compartmentalize LCV and 1 No. of BOV Vehicles including Drivers and Loader on Hiring Basis for Dhenkanal Municipality area in Dhenkanal district detailed in the Scope of Work in this DTCN. The interested and eligible firms with valid Registration Certificate as a Company, as detailed in DTCN may apply for the same in OFF-LINE mode on before 13.01.2026 at 01.00 P.M. by Regd. Post or Speed Post, which will be opened on the same date at 4.00 P.M. in presence of the bidders or their authorized representatives.

| | | |
|---|---|---|
| 01 | Nature of Works | Selection of an Agency/Firm for "Supplying of 1 No. of Door-to-Door Waste Collection Compartmentalized LCV and 1 No. of BOV Vehicles including Drivers and Loader on Hiring basis for Dhenkanal Municipality |
| 02 | EMD | Rs.5,000/- (Rupees Five Thousand) only for each Vehicle |
| 03 | Availability of RFP document in the website | Same Day |
| 04 | Last date of receipt of Bid | 13.01.2026 |
| 05 | Mode of Receipt of Bids | Speed/Regd. Post/Courier |
| 06 | Date of opening of Technical Bid & PPT (Methodology including Management) | 13.01.2026 at 4 P.M. |
| 07 | Financial Bid | Intimate latter |
| 08 | Address for Business query and Correspondence | Dhenkanal Municipality |

The bidders have to participate in OFF-LINE bidding only. Further details can be seen from the Dhenkanal District website.

Any addendum/corrigendum/cancellation of tender can also be seen in the said websites.

Sd./- Executive Officer
Dhenkanal Municipality

OIPR-13146/11/0058/2526

# ଛତ୍ରପୁର ପୌରପାଳିକାରେ ମିଶିବାକୁ ୫ ପଞ୍ଚାୟତ ନାରାଜ

ଛତ୍ରପୁର,୭।୧ (ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଡିସେମ୍ବର ୨୬ରେ ଏନେଇ ଆପତ୍ତି ଅଭିଯୋଗ ଗ୍ରହଣ ଲାଗି ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଛତ୍ରପୁର ପୌରପାଳିକା ପାଇଁ ୫ ପଞ୍ଚାୟତ ଏଥିରେ ମିଶ୍ରଣ କରିବା ଆବଶ୍ୟକ ପଡୁଥିବା ବେଳେ ସମ୍ପୃକ୍ତ ଅଗସ୍ତି ନୂଆଗାଁ, କଣମଣା, ଆର୍ଯ୍ୟପଲ୍ଲୀ, ଚିକଲଖଣ୍ଡି ଓ ପୋଢ଼ା ପଦର ପଞ୍ଚାୟତବାସୀ ଏହାକୁ ବିରୋଧ କରିଛନ୍ତି। ସେମାନେ ଏନେଇ ବୁଧବାର ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ ଭେଟି ନିଜ ମତ ଜଣାଇଛନ୍ତି। ଏକ ଶୋଭାଯାତ୍ରାରେ ସହର ପରିକ୍ରମାକରି ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉକରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। କେଉଁ ଭିତ୍ତିଭୂମିକୁ ଆଧାରକରି ବିନା ଜନଶୁଣାଣିରେ ୫ପଞ୍ଚାୟତକୁ ଛତ୍ରପୁର ପୌରାଞ୍ଚଳରେ ମିଶ୍ରଣ କରାଯିବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ସରକାରଙ୍କ ପକ୍ଷରୁ ଆପତ୍ତି ଅଭିଯୋଗ ଗ୍ରହଣ ପାଇଁ କୁହାଯାଉଥିବା ବେଳେ ୧୦ ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ପଞ୍ଚାୟତଗୁଡିକୁ ଚିଠି ପଠାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପୁନର୍ବିଚାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମ୍ପୃକ୍ତ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ପ୍ରାରମ୍ଭରେ ପଞ୍ଚାୟତବାସୀ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶୋଭାଯାତ୍ରାରେ ସହର ପରିକ୍ରମାକରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିରେ ଛତ୍ରପୁର ବ୍ଲକ୍ ଅଧ୍ୟକ୍ଷା କିରନ କୁମାରୀ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ, ୨୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡ୍ଡୀ, କଣମଣା ସରପଞ୍ଚ ବି. ଦମୟନ୍ତୀ, ପୂର୍ବତନ ସରପଞ୍ଚ ତଥା ଶ୍ରମିକ ନେତା ଏସ୍. ଚକ୍ରପାଣି ରେଡ୍ଡୀ, ଶ୍ରମିତ ନେତା ଶଙ୍କର ପ୍ରସାଦ ଦାଶ, ବିଜେଡି ନେତା ପ୍ରଶାନ୍ତ କର, କଂଗ୍ରେସ ନେତା ଭାଗୀରଥି ବେହେରା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡୀ,ଟି. ଗାଉରିଆ ରେଡ୍ଡୀ, ନାରୀନେତ୍ରୀ ଏନ୍. ଭାନୁମତୀ ରେଡ୍ଡୀ, ସିପିଆଇ ନେତା ନୀଳକଣ୍ଠ ଦାଶ, ସିଏଚ୍. ଜନାର୍ଦ୍ଦନ ରେଡ୍ଡୀ, ଆଇନଜୀବୀ ଡି. ଆଦିନାରାୟଣ ରେଡ୍ଡୀ, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ କମିଟି ସମ୍ପାଦକ ଏମ୍.ଦିଲ୍ଲୀପଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ, ବିଜ୍ଞପ୍ତି ନେଇ ପ୍ରଶ୍ନ ଉଠାଇଲେ



ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ଯୁବକଙ୍କ ମୃତଦେହ ଜବତ

ଖଜୁରିପଡ଼ା,୭।୧ (ବିଦୁର ବେହେରା):

ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୁଣ୍ଡିବାଡ଼ି ଛକ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଟିଟ୍ରାପଙ୍ଗା ଗ୍ରାମର ଲିଙ୍ଗରାଜ କହଁର (୩୦)। ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ଖଜୁରିପଡ଼ା ପୋଲିସ। ଏ ନେଇ ଥାନାରେଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡ଼ିବ ବୋଲି ପୋଲିସ କହିଛି।

# ବିଦ୍ୟୁତ୍ ଆଘାତରେ ହୋମ୍‌ଗାର୍ଡ ମୃତ

ଛତ୍ରପୁର,୭।୧ (ଦିଲୀପ ସାମଲ)

ବିଦ୍ୟୁତ୍ ଆଘାତରେ ବୁଧବାର ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ପୁରୁଣାପାଟଣା ଗ୍ରାମର ଦିବାକର ଗୌଡ଼। ନିଜ ଘର ସମ୍ମୁଖରେ ଚାଲିଥିବା ଭୋଜିରେ ଯୋଗ ଦେବାକୁ ଦିବାକର ଯାଇଥିଲେ। ସେଠାରେ କିଛି କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା । ପରେ ତାଙ୍କୁ ପରିବାର ଲୋକେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ଦିବାକରଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

# ଆଜିଠୁ ଶୀତ ମହୋତ୍ସବ

## ପଡ଼ିଆ ପରିଦର୍ଶନ କଲେ ଉପଜିଲାପାଳ



ଦାରିଙ୍ଗବାଡ଼ି, ୭।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ିରେ ଗୁରୁବାର ଠାରୁ ଶୀତ ମହୋତ୍ସବ ଆରମ୍ଭ ହେବ। ଏଥିପାଇଁ ସ୍ଥାନୀୟ ଓ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ବୁଧବାର ଅପରାହ୍ନରେ ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ ମହୋତ୍ସବ ପଡ଼ିଆକୁ ଆସି ପରିଦର୍ଶନ କରିଛନ୍ତି। ଏଥିସହ ମହୋତ୍ସବ କମିଟିର ସମ୍ପାଦକ ପ୍ରୀତିରଞ୍ଜନ ରଥ ଓ କୋଷାଧ୍ୟକ୍ଷ ଧୀରଜ ପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏବେ ମହୋତ୍ସବ ପଡ଼ିଆରେ କରାଯାଇଥିବା ସମସ୍ତ ୯୦ଟି ଷ୍ଟଲ ଅଗ୍ରିମ ବୁକିଂ ସରିଛି। ଫଳରେ ଆହୁରି ଷ୍ଟଲର ଆବଶ୍ୟକତା ଥିବାରୁ ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ପାଇଁ ଆଲୋଚନା ଚାଲିଛି। ସେହିପରି ମହୋତ୍ସବ ଦେଖିବାକୁ ଦୂର ଦୁରାନ୍ତରୁ ବନ୍ଧୁ ପରିଜନ ମାନେ ଦାରିଙ୍ଗବାଡିରେ ପହଞ୍ଚିଲେଣି। ଏହାସହ ପର୍ଯ୍ୟଟକମାନେ ମଧ୍ୟ ଆଗୁଆ ହୋଟେଲ ବୁକିଂ କରିଛନ୍ତି। ଏଥିରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ପ୍ରତିଦିନ ସନ୍ଧ୍ୟାରେ ମଞ୍ଚ ଦୁଲୁକିବ। ପ୍ରଥମ ଦିନରେ ମୁଖ୍ୟ ଆକର୍ଷଣ କଳାହାଣ୍ଡି କଟପ୍ପା ଯୋଗଦେଇ ଅତିଥିମାନଙ୍କୁ ଶୋଭାଯାତ୍ରାରେ ମହୋତ୍ସବ ପଡିଆରେ ପହଞ୍ଚାଇବା କାର୍ଯ୍ୟକ୍ରମ ରହିଛି।

# ୮୦ ବସ୍ତା ଧାନ ଖାଇଦେଲେ ହାତୀପଲ



ହାତୀପଲ ନଷ୍ଟ କରିଥିବା ଧାନ।

ଭଞ୍ଜନଗର,୭।୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ହାତୀପଲଙ୍କ ଉପଦ୍ରବ କମିବା ନାଁ ଧରୁନାହିଁ। ଦିନକୁ ଦିନ ଏହା ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଏବଂ ଚାଷୀଙ୍କ ଚିନ୍ତା ବଢ଼ାଇ ଚାଲିଛି। ମଙ୍ଗଳବାର ରାତିରେ ପ୍ରାୟ ୨୨ ଟିକିଆ ହାତୀପଲ କୁଲାଡ଼ ନିକଟସ୍ଥ ନାରାୟଣପାଟଣା ଅଭିମୁଖେ ଆସି ବ୍ୟାପକ କ୍ଷତି ଘଟାଇଛନ୍ତି। କୁଲାଡ ଗ୍ରାମର ଚାଷୀ ଭଗବାନ ପାତ୍ରଙ୍କ ବିଲରେ ଅମଳ ହୋଇଥିବା ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଧାନ ବସ୍ତା ହାତୀପଲ ଖାଇ ନଷ୍ଟ କରିଛନ୍ତି। ଆଉ କିଛି ଧାନ ବସ୍ତାକୁ ହାତୀ ବୋହି ନେଇଥିବା ଜଣାପଡିଛି। ସେଠାରେ ଥିବା ୩ଟି ପାଣିପମ୍ପ ଓ ଜଟେଶ୍ୱର ପରିଚ୍ଛାଙ୍କ କଦଳୀ ବଗିଚାକୁ ମଧ୍ୟ ହାତୀ ନଷ୍ଟ କରିଛନ୍ତି। ଏ ସମ୍ପର୍କରେ ଭଗବାନ ବନ ବିଭାଗ ଅଧିକାରୀଙ୍କୁ ଜଣାଇବା ପରେ ଅଧିକାରୀମାନେ ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ଫେରିଛନ୍ତି। ତେବେ ତଦନ୍ତ ବେଳେ ବନ ବିଭାଗ କର୍ମଚାରୀ ଚାଷୀଙ୍କୁ ଆଶ୍ୱାସନା ଦେବା ବଦଳରେ କଷ୍ଟ ହେବା ପରି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ କ୍ଷତିପୂରଣ ପାଇଁ ଆସୁଥିବା ଅଭିଯୋଗଗୁଡ଼ିକର ତୁରନ୍ତ ତଦନ୍ତ ରିପୋର୍ଟ ମଧ୍ୟ ପ୍ରସ୍ତୁତିରେ ବିଳମ୍ବ କରାଯାଉଛି। ତଦନ୍ତରେ ବିଳମ୍ବ ଯୋଗୁ ଜମିର ଚିତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ବଦଳିଯାଉଛି। ପରେ ବିଭିନ୍ନ ବାହାନା ଦେଖାଇ ଚାଷୀଙ୍କ ଆବେଦନପତ୍ରକୁ ବିଭାଗୀୟ ଅଧିକାରୀ ଅନୁମୋଦନ କରିବାରେ ଅଙ୍କୁଶ ଲଗାଉଛନ୍ତି। ଏହା ଜାରି ରହିଲେ ଆଗାମୀ ଦିନରେ ଚାଷୀ ଏବଂ ବନ ବିଭାଗ ମଧ୍ୟରେ ବଡ଼ଧରଣର ବିବାଦ ମୁଣ୍ଡ ଟେକିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ଚାଷୀଙ୍କ କଷ୍ଟ ଆମେ ହୃଦ୍‌ବୋଧ କରୁଛୁ। ସରକାର ନୀତିନିୟମ ଅନୁସାରେ ଯାହା ସମ୍ଭବ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି। ବହୁ ଚାଷୀ ମଧ୍ୟ ଚାଷ କ୍ଷତି ଉପରେ ସହାୟତା ପାଉଛନ୍ତି ବୋଲି ଡିଏଫ୍‌ଓ ମହାନ୍ତି କହିଛନ୍ତି।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଆସିକା,୭।୧ (ସୁରେନ୍ଦ୍ର ନାଥ ସାହୁ):

ଆସିକା କଲେଜ ଛକସ୍ଥିତ ଟେକନିକାଲ ହାଇସ୍କୁଲରେ ମଙ୍ଗଳବାରଠାରୁ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଛି। ବିଭିନ୍ନ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ, କବାଡି, ଖୋଖୋ, କ୍ରିକେଟ, ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତାରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାରିଆ ସରପଞ୍ଚ ଜୟନ୍ତୀ ସାହୁ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତି ମୁଖ୍ୟବକ୍ତା ଏବଂ ସମିତି ସଭ୍ୟା ସୌଦାମିନୀ ନାହାକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡା, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପଦ୍ମଚରଣ ବିଷୋୟୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ କୈଳାସ ଗୌଡଙ୍କ ତତ୍ତ୍ୱାବଧାନରେ ପଦ୍ମଚରଣ ବିଷୋୟୀ, ଧିରେନ୍ଦ୍ର ସ୍ୱାଇଁ, ଦୀପାଳୀ ବେହେରା, ସ୍ୱପ୍ନାରାଣୀ ନାହାକ, ଲିଜା ପାତ୍ର ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ହାଇସ୍କୁଲ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

# ସଂସ୍କୃତି ଭବନ ଉଦ୍‌ଘାଟିତ

ଗୁମ୍ମା,୭।୧ (ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଭୁବନୀ ପଞ୍ଚାୟତ ଅନ୍ତର୍ଗତ ସାଣ୍ଡାଙ୍ଗ ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନସ୍ଥ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଏକ ସଂସ୍କୃତି ଭବନ ଉଦ୍‌ଘାଟିତ ହୋଇଛି। ଏହାକୁ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ଗାବାରା ତିରୁପତି ରାଓ, ବ୍ଲକ୍ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜନଜାତି ସମ୍ପ୍ରଦାୟ ଲୋକଙ୍କ ସଂସ୍କୃତିର ପ୍ରଗତି ନିମନ୍ତେ ଏହି ସଂସ୍କୃତି ଭବନ ବେଶ ଉପଯୋଗୀ ହୋଇପାରିବ ବୋଲି ବିଧାୟକ କହିଥିଲେ। ସେହିପରି ତରଭା ପଞ୍ଚାୟତ ନର୍ସରୀ ଗ୍ରାମରେ ସାଂସ୍କୃତିକ ଭବନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ରେଣୁକା ପାତ୍ର, ସମିତିସଭ୍ୟା ଅନିତା ଭୂୟାଁ, ସରପଞ୍ଚ ପ୍ରଦୀପ ମଣ୍ଡଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ସହକାରୀ ଯନ୍ତ୍ରୀ ରହିତ ବେହେରା, କନିଷ୍ଠ ଯନ୍ତ୍ରୀ ଶିବ ବେହେରା, ପ୍ରିତମ ପାଳ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

# ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବିପତ୍ର

କବିସୂର୍ଯ୍ୟନଗର,୭।୧ (କୃପାସିନ୍ଧୁ ସ୍ୱାଇଁ):

ଗଞ୍ଜାମ ଜିଲାରେ ଧାନକିଣା ସୁରୁଖୁରୁରେ କରିବା ପାଇଁ ଋଷିକୁଲ୍ୟା ରୟତ ମହାସଂଘ ପକ୍ଷରୁ ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଶତାଧିକ ଚାଷୀ କବିସୂର୍ଯ୍ୟନଗର ବିଡିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ନାରାୟଣ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅସାଧୁ ମିଲର ଓ ଦୁର୍ନୀତିଗ୍ରସ୍ତ କେତେଜଣ କର୍ମଚାରୀଙ୍କ ଯୋଗୁ ସାଧାରଣ ଚାଷୀ ହଇରାଣ ହେଉଛନ୍ତି। କଟନୀ ଛଟନୀ ନାଁରେ ୫ରୁ୭ କେଜିପର୍ଯ୍ୟନ୍ତ ଧାନ ଠକିନିଆଯାଉଛି। ଏସବୁ ବନ୍ଦ କରିବା ସହ ପଞ୍ଜୀକୃତ ଚାଷୀଙ୍କ ତାଲିକା ସାର୍ବଜନୀନ କରିବା, ଜଲାସ୍ତରରେ ଧାନକ୍ରୟ ଲାଗି ନୋଡାଲ ଅଫିସର ନିଯୁକ୍ତି, ପ୍ରତି ପଞ୍ଚାୟତରେ ୩ଟି ଧାନ କିଣା କେନ୍ଦ୍ର ଖୋଲିବା, ଚାଷୀଙ୍କୁ ଅଖା ପ୍ରଦାନ, ଏପ୍ରିଲ ଯାଏ ଧାନ କିଣା ଅବଧି ବୃଦ୍ଧି, ମଣ୍ଡି ସମ୍ପର୍କିତ ଅଭିଯୋଗ ପାଇଁ ଟୋଲ ଫ୍ରି ନଂ ରଖିବା ଆଦି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ରର ନକଲ ଡିପିସି, ସିସିଏସ୍‌ଓ, ସିଆର୍‌ସିଏସ୍‌ଙ୍କୁ ପ୍ରେରଣ କରିବା ଲାଗି ପତ୍ରରେ ଉଲ୍ଲେଖ ରହିଛି । ବାଉରୀବନ୍ଧୁ ସ୍ୱାଇଁ, ଯୋଗୀନ୍ଦ୍ର ନାଥ ନାୟକ, କୈଳାଶ ସିଂ, ବିଜୟ କୁମାର ନାହାକ, ରବୀନ୍ଦ୍ର ନାଥ ପୋଲାଇ, ବିପ୍ର ଚରଣ ନାହାକ, ତ୍ରିନାଥ ମହାନ୍ତି ପ୍ରମୁଖଙ୍କ ଶତାଧିକ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଘାଟି ରାସ୍ତାରୁ ଅଧାପୋଡ଼ା ମୃତଦେହ ଜବତ

ଚକାପଦା,୭।୧ (ପ୍ରତାପ କିଶୋର ବେହେରା)–

କନ୍ଧମାଳ ଜିଲା ଖଜୁରିପଡା ଥାନା ଅନ୍ତର୍ଗତ ଖନିବେରଣା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଲାଇନପଡା–ପସରା ଘାଟିରାସ୍ତା ପାର୍ଶ୍ୱରୁ ବୁଧବାର ଜବତ ହୋଇଛି। ସେ ହେଲେ ଦୁର୍ଯ୍ୟୋଧନ ବଗର୍ତ୍ତି(୩୫)। ଏହି ସୂଚନା ପାଇ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ଖବରରୁ ପ୍ରକାଶ, ଦୁର୍ଯ୍ୟୋଧନ ଖନିବେଣଣା ଗ୍ରାମ ନିକଟସ୍ଥ ଏକ ଗ୍ରାମକୁ ରବିବାର କୁକୁଡା ନେବାକୁ ଆସିଥିଲେ। ତା' ପରଠାରୁ ସେ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଟିକାବାଲି ଥାନାରେ ଜଣାଇଥିଲେ। ଏନେଇ ଖଜୁରିପଡା ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ବୁଧବାର ଟିକାବାଲି ଥାନା ଅନ୍ତର୍ଗତ ଲାଇନପଡା–ପସରାଘାଟି ରାସ୍ତା ପାର୍ଶ୍ୱରେ ଏକ ଦରପୋଡା ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ସୂଚନା ପାଇ ଦୁର୍ଯ୍ୟୋଧନଙ୍କ ବାପା ଦାଶରଥୀ ବଗର୍ତ୍ତି ଗ୍ରାମବାସୀଙ୍କ ସହ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଘଟଣା ସ୍ଥଳରେ ଜି. ଉଦୟଗିରି ଏସ୍‌ଡିପିଓ ହରିଶ ବିଶି, ଟିକାବାଲି ଆଇଆଇସି ପ୍ରଜ୍ଞା ରୀତାମ୍ବର କର ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ମଶାଲ ଶୋଭାଯାତ୍ରାରେ କମ୍ପିଲା ପାରଳାଖେମୁଣ୍ଡି



ଗଜପତି ମହୋତ୍ସବ ପାଇଁ ମହେନ୍ଦ୍ରଗିରିରୁ ଆସିଥିବା ମଶାଲକୁ ଜଗନ୍ନାଥ ମନ୍ଦିରରେ ରଖିବାକୁ ହସ୍ତାନ୍ତର କରାଯାଉଛି।

ପାରଳାଖେମୁଣ୍ଡି/ମୋହନା,୭।୧ (ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର)

ଗଜପତି ମହୋତ୍ସବ–୨୦୨୫ ପାଇଁ ବିଗୁଲ ବାଜିଛି। ପରମ୍ପରା ଅନୁସାରେ ମହେନ୍ଦ୍ରଗିରିଶିଖରରୁ ବୁଧବାର ମଶାଲ ଅଣାଯାଇଛି। ଫଳରେ ଏହି ଉତ୍ସବ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ୮ ତାରିଖରୁ ଜିଲାର ବିଭିନ୍ନ ବ୍ଲକସ୍ତରୀୟ ଉତ୍ସବ ଆରମ୍ଭ ହେବ। ୧୮ତାରିଖରୁ ପାଞ୍ଚଦିନ ଧରି ୨୨ ତାରିଖ ପର୍ଯ୍ୟନ୍ତ ସଦର ମହକୁମାରେ ଗଜପତି ମହୋତ୍ସବ ପାଳନ ହେବ ବୋଲି ଭାରପ୍ରାପ୍ତ ଜିଲାପାଳ ମୁନିନ୍ଦ୍ର ହେନେନେଗା କହିଛନ୍ତି । ବୁଧବାର ମଶାଲ ଜିଲାର ବିଭିନ୍ନ ବ୍ଲକ ବୁଲି ପାରଳାଖେମୁଣ୍ଡିଠାରେ ପହଞ୍ଚିଛି।

ମହେନ୍ଦ୍ରଗିରି ପାଦଦେଶରୁ ନୂଆଗଡ, ଆର. ଉଦୟଗିରି, ମୋହନା ବ୍ଲକସ୍ତରୀୟ ମହୋତ୍ସବ ପାଇଁ ମଶାଲ ମଧ୍ୟ ସମ୍ପୃକ୍ତ ବ୍ଲକରେ ପହଞ୍ଚିଛି। ମୋହନାରେ ଚଳିତ ମାସ ୧୫ ଓ ୧୬ ଦୁଇ ଦିନ ଧରି ମୋହନା ମହୋତ୍ସବ ହେବ। ମଶାଲ ପହଞ୍ଚିବା ବେଳେ ବ୍ଲକ ଜିପିଡ଼ିଓ ଦୀପକ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର, ଏମ୍‌ଜିଏନ୍ ଆର୍‌ଇଜିଏସର ସହକାରୀ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ପେସା ସଂଯୋଜକ ବିଶ୍ୱଜିତ ନାୟକ, ବିପିସି ଶିବାନନ୍ଦ ଉଠାଣସିଂ ଓ ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀ ଉପସ୍ଥିତ ରହି ମଶାଲକୁ ସ୍ୱାଗତ କରିଥିଲେ।ରାୟଗଡ ବ୍ଲକରେ ବ୍ଲକସ୍ତରୀୟ ଉତ୍ସବ ପାଇଁ ବ୍ଲକ କର୍ତ୍ତୃପକ୍ଷ ଜିଲାସ୍ତରୀୟ ଉତ୍ସବର ମଶାଲ ବ୍ଲକକୁ ନେଇଛନ୍ତି। ପରେ ଗୋସାଣି ବ୍ଲକଠାରେ ଗୁରୁବାରଠାରୁ ଆରମ୍ଭ ହେଉଥିବା ମହେନ୍ଦ୍ରତନୟା ଉତ୍ସବ ପାଇଁ ମଶାଲ ନିଆଯାଇ ସ୍ଥାନୀୟ ଦୁର୍ଗା ମନ୍ଦିରରେ ରଖାଯାଇଛି। ପାରଳାଖେମୁଣ୍ଡିରେ ମଶାଲ ପହଞ୍ଚିବା ପରେ ବହୁସଂଖ୍ୟକ ଲୋକଙ୍କ ଗହଣରେ ମଶାଲ ସହର ପରିକ୍ରମା କରିଛି। ସେସମୟରେ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ମଶାଲକୁ ସ୍ୱାଗତ କରିଥିଲେ। ପରେ ଏକ ପଟୁଆରରେ ମଶାଲକୁ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ନିକଟକୁ ଅଣାଯାଇଥିଲା। ସେଠାରୁ ବ୍ଲକସ୍ତରୀୟ ମହୋତ୍ସବ ଗୁମ୍ମା ବ୍ଲକର ଦେବଗିରି ମହୋତ୍ସବ ଓ କାଶୀନାଗରର ବାରଣାସୀ ମହୋତ୍ସବ ଲାଗି ମଶାଲର ଶିଖାନେଇ ଆୟୋଜକମାନେ ବ୍ଲକ ଅଭିମୁଖେ ଯାତ୍ରା କରିଛନ୍ତି। ଶୋଭାଯାତ୍ରା ପରେ ଜଗନ୍ନାଥ ମନ୍ଦିରରେ ଜିଲାସ୍ତରୀୟ ଗଜପତି ଉତ୍ସବର ମଶାଲକୁ ରଖାଯାଇଥିଲା। ତେବେ ଜିଲାସ୍ତରୀୟ ମହୋତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଉପଜଲାପାଳ ଅନୁପ ପଣ୍ଡା କହିଛନ୍ତି। ଏହି ସମୟରେ ତହସିଲଦାର ନାରାୟଣ ବେହେରା ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି**

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛିଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ **"ଯାହା ଯେପରି ଅଛି" "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା"** ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ । ଅନ୍‌ଲାଇନ୍ ନିଲାମ https://www.bankeauctions.com ମାଧ୍ୟମରେ ଅନୁଷ୍ଠିତ ହେବ ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୦୧.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା**
**ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୧.୦୧.୨୦୨୬ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ**
**ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୧.୦୧.୨୦୨୬ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମରେ) |
|---|---|---|---|---|
| **ଅଡଶପୁର ଶାଖା (୦୨୮୩), ମୋ.: ୭୬୦୫୦୦୯୦୪୭, IFSC CODE - CNRB0000283** | | | | |
| ୧. | **ସୁନନ୍ଦ କୁମାର ରାଉତରାୟ,** ପିତା: ରଘୁନାଥ ରାଉତରାୟ, ସା/ପୋ.: ଅଡଶପୁର, ଜିଲ୍ଲା: କଟକ, ଓଡିଶା-୭୫୪୦୧୧ / ୧୮୦୧୨୮୯୯୩୭୫୫ | ଟ.୯୫,୨୭୩.୭୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୮୫,୧୦୫/- | ୧୬.୪ ଏବଂ ୧୪.୭୬ |
| **ଓସ୍ତପୁର ଶାଖା (୪୯୬୭), ମୋ.: ୭୬୦୫୦୦୯୦୯୧, IFSC CODE - CNRB0004967** | | | | |
| ୧. | **ଝୁନୁଲତା ସ୍ୱାଇଁ,** ମାର୍ଫତ: ସୁକଦେବ ସ୍ୱାଇଁ, ପାଟେଣିଗାଁ, ତୋଟାପଡା, କଟକ, ଓଡିଶା-୭୫୪୧୩୧ / ୧୮୦୩୯୩୦୮୫୨୩୩ | ଟ.୮୧,୭୮୨.୭୧ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୧୬,୬୩୧/- | ୧୧.୪ ଏବଂ ୯.୩ |
| **ନୂଆପଡା ଶାଖା (୬୦୪୬), ମୋ.: ୭୬୦୫୦୦୯୧୧୪, IFSC CODE - CNRB0006046** | | | | |
| ୧. | **ଚିତ୍ତରଞ୍ଜନ ଦାସ,** ପିତା: ମୋହନ ଚରଣ ସେଠୀ, ସା/ପୋ.: ପିକାରାଲି, ଭାୟା: ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା-୭୫୪୨୧୩ / ୧୮୦୧୨୦୦୩୪୭୩୨ | ଟ.୧,୪୧,୯୭୬.୨୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୯୬,୮୯୪/- | ୧୭.୭୯ ଏବଂ ୧୫.୭ |
| **ସୁକରପଡା ଶାଖା (୧୮୦୨୪), ମୋ.: ୯୮୫୩୨୮୫୯୧୫, IFSC CODE - CNRB0018024** | | | | |
| ୧. | **ଦୀପା ବେହେରା,** ମାର୍ଫତ: ବସନ୍ତ ବେହେରା, ସା: ଅଇଣ୍ଡା, ପୋ.: ସୁକରପଡା, ସାଲେପୁର, ଜିଲ୍ଲା: କଟକ, ଓଡିଶା - ୭୫୪୨୦୯ / ୧୬୪୦୨୮୯୮୭୫୦୨ | ଟ.୧୬,୨୭୮/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୧,୭୭୨/- | ୩.୭୧ ଏବଂ ୩.୩୩ |
| **ଦାଣ୍ଡିସାହି ଶାଖା (୧୮୦୩୩), ମୋ.:୯୪୩୭୫୭୯୫୭୨, IFSC CODE - CNRB0018033** | | | | |
| ୧. | **ଝୁନୁ ମଲିକ,** ସ୍ୱା: ଜୟନ୍ତ ମଲିକ, ସା: କୃଷ୍ଣଦାଶପୁର, ପୋ.: ଦାଣ୍ଡିସାହି, ଥାନା: ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା-୭୫୪୨୪୦ / ୧୮୦୧୩୦୩୪୧୦୬୨ | ଟ.୭୩୩୭.୯୬ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧୬,୯୩୦/- | ୧.୮ ଏବଂ ୧.୩୫ |
| ୨. | **ରମା ବାରିକ,** ସ୍ୱା: ନିତ୍ୟାନନ୍ଦ ବାରିକ, ସା/ପୋ.: ଆଳପୁଆ, ଭାୟା: ଇନ୍ଦୁପୁର, କେନ୍ଦ୍ରାପଡା, ଓଡିଶା-୭୫୪୨୧୪ / ୧୮୦୧୨୭୭୬୬୨୯୭୬ | ଟ.୭୫୧୩.୭୨ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨୦,୬୯୩/- | ୨.୨ ଏବଂ ୧.୭୫ |
| **ସିଡିଏ ଶାଖା (୧୮୦୯୪), ମୋ.:୯୪୩୭୪୯୬୦୨୧, IFSC CODE - CNRB0018094** | | | | |
| ୧. | **ଦିପକ ରଞ୍ଜନ ପଲେଇ,** ପିତା: ସନନ୍ଦ ପଲେଇ, ମାର୍ଫତ: ମିନକେତନ ମହାନ୍ତି, ପ୍ଲଟ ୪ଜିଏଚ/୯୨୯/୨୬, ସେକ୍ଟର-୧୦, ସିଡିଏ, କଟକ, ଓଡିଶା-୭୫୩୦୧୪/ ୧୬୪୦୫୦୧୪୩୫୬୨ | ଟ.୨୩,୩୮୦/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫୦,୧୬୪/- | ୪.୫୬ ଏବଂ ୪ |
| **ଲିଙ୍କରୋଡ ଶାଖା (୧୮୦୯୫), ମୋ.:୯୪୩୭୫୬୯୫୧୫, IFSC CODE - CNRB0018095** | | | | |
| ୧. | **ଦେବେନ୍ଦ୍ର ନାଥ ନନ୍ଦ,** ସା: ମେରିଆ ବଜାର, ପୋ.: ବକ୍ସି ବଜାର, କଟକ ସଦର, କଟକ, ଓଡିଶା-୭୫୩୦୦୧ / ୧୮୦୩୯୩୦୬୬୩୬୨ | ଟ.୪,୧୮,୬୫୮.୩୬ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୫୯,୨୨୧/- | ୨୧.୧୨ ଏବଂ ୧୨.୭ |
| **ଓଥକା ଶାଖା (୧୮୦୯୮), ମୋ.:୯୪୩୭୫୬୧୧୦୬, IFSC CODE - CNRB0018098** | | | | |
| ୧. | **ଏସ୍ କେ ସାଇଫନ୍ ଅଲି,** ଏସ୍‌କେ ମନୁଆର ଅଲି, ସା: ପ୍ରହରାଜପୁର, ପୋ.: ଗୋତର, ଥାନା: ମାହାଙ୍ଗା, କଟକ, ଓଡିଶା-୭୫୪୨୦୭ / ୧୮୦୨୫୪୪୮୪୭୪୨ | ଟ.୧,୩୬,୨୮୧.୨୯ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୩,୬୪୩/- | ୪.୩୫ ଏବଂ ୩.୪୮ |
| ୨. | **ଏସ୍ କେ ସାଇଫନ୍ ଅଲି,** ଏସ୍‌କେ ମନୁଆର ଅଲି, ସା: ପ୍ରହରାଜପୁର, ପୋ.: ଗୋତର, ଥାନା: ମାହାଙ୍ଗା, କଟକ, ଓଡିଶା-୭୫୪୨୦୭ / ୧୮୦୨୫୯୨୬୨୩୯୩ | ଟ.୧,୩୬,୨୮୧.୨୯ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫୮,୧୯୦/- | ୫.୮ ଏବଂ ୪.୬୪ |

**ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.-୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK**
**IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-**

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ । ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ । ଅଧିକ ସୂଚନା ପାଇଁ ଦୟାକରି **M/S C1 INDIA PVT. LTD.,** ମୋ.: **7291981126 / 7291981125 / 7291981124** ରେ ଯୋଗାଯୋଗ କରନ୍ତୁ । ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି **https://www.bankeauctions.com** ଦେଖନ୍ତୁ ।

ତାରିଖ: ୦୭.୦୧.୨୦୨୬, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No.37 Date : 02.01.2026

**2nd Corrigendum**

**No.O-1956** : In continuation to this office Bid Identification No. CCERWCSBD-Online-23/2025-26 invited vide this office Notice No.5576 Dtd.30.10.2025, partial modification of NCB has been made as follows :-

1. Availability of Tender online for bidding Extended up to Dtd.29.01.2026 at 5.00 PM
2. Date and Time of seeking tender clarification if any on or before Dtd.28.01.2026 up to 2.00 P.M.
3. Date & Time of opening of tender (Technical Bid) on Dtd.30.01.2026 at 11.00 A.M.
4. Date & Time of opening of tender (Price Bid) will be intimated later

All other terms and conditions will remain unaltered.

OIPR-
Sd./- Chief Construction Engineer
Rural Works Circle, Sunabeda



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No.73 Date : 02.01.2026

**1st Corrigendum**

**No.O-1960** : In continuation to this office Bid Identification No. CCERWCSBD-Online-31/2025-26 invited vide this office Notice No.6235 Dtd.28.11.2025, partial modification of NCB has been made as follows :-

1. Availability of Tender online for bidding Extended up to Dtd.29.01.2026 at 5.00 PM
2. Date and Time of seeking tender clarification if any on or before Dtd.28.01.2026 up to 2.00 P.M
3. Date & Time of opening of tender (Technical Bid) on Dtd.30.01.2026 at 11.00 A.M.
4. Date & Time of opening of tender (Price Bid) will be intimated later

All other terms and conditions will remain unaltered.

OIPR-
Sd./- Chief Construction Engineer
Rural Works Circle, Sunabeda



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୩୮ ତା:୩୦।୧୨।୨୫

**ବିଜ୍ଞାପନ**

No. CAD-2946: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଇଏମ୍–୫୦ (EM-50), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍–୨ (ବୋର୍ଡ଼) ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଚନ୍ଦାଦେବୀ ଅଗ୍ରୱାଲ, ସ୍ୱାମୀ: ଶମ୍ଭୁଦୟାଲ ଅଗ୍ରୱାଲ, ସା: ଇଏମ୍–୫୦, ବାସନ୍ତୀ କଲୋନୀ, ପୋ: ରାଉରକେଲା–୧୨, ଥାନା: ଉଦିତ୍‌ନଗର, ଜିଲ୍ଲା: ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଚନ୍ଦାଦେବୀ ଅଗ୍ରୱାଲ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀମତୀ ନିଶି ଭଜିକା, ସ୍ୱାମୀ: ୰ମନୀଷ କୁମାର ଭଜିକା, ସା: ଇଏମ୍–୫୦, ବାସନ୍ତୀ କଲୋନୀ, ପୋ: ରାଉରକେଲା–୧୨, ଥାନା: ଉଦିତ୍‌ନଗର, ଜିଲ୍ଲା: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

OIPR-
ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**PANCHAYAT RAJ & DRINKING WATER DEPARTMENT**
GOVT. OF ODISHA
**OFFICE OF THE PANCHAYAT SAMITI, UMERKOTE**
**INVITATION FOR BIDS**

No. BDO/EDU/UKT/02/2025-26/07 Date: 01.01.26

No. i-454: The Block Development Officer, Umerkote on behalf of the Panchayat Samiti, Umerkote invited Percentage Rate Bids by e-tender through e-procurement portal.

1. Name of the Works : As Mentioned in Table-A
2. No. of Works : 01 (One) No. (Detailed in Tender Call Notice available in the website)
3. Estimated Costs : As mentioned in Table-A
4. Tender Paper Cost : Rs.6000/- per work
5. Class of Contractor : B Class
6. Period of Completion : 180 days
7. Critial dates : * Further details can be seen in the bidding documents, which is available in the portal
* Subsequent corrigendum if any shall be appeared in the website www.tendersodisha.gov.in.
* Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of tender online for bidding | | Last date of seeking clarification | Date of Opening of Bid |
|---|---|---|---|---|---|
| | | From | To | | |
| BDO, Umerkote | BDO/EDU/ UKT/02/2025-26 | At 10.00 A.M. of 05.01.2026 | At 16.00 hours of 21.01.2026 | 21.01.2026 | 22.01.2026 |

OIPR: Sd./- Block Development Officer, Umerkote

## ସଂକ୍ଷେପରେ

### ନଦୀ ବାଲି ପାଇଁ ହାତାହାତି, ଥାନାରେ ୨ ମାମଲା

ହିଞ୍ଜିଳିକାଟୁ,୭।୧( ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ଅନ୍ତର୍ଗତ ଖରିଡା ନିକଟ ଋଷିକୁଲ୍ୟା ନଦୀ ବାଲିଘାଟରୁ ବାଲି ଉତ୍ତୋଳନ ନେଇ ମଙ୍ଗଳବାର ୨ ଗୋଷ୍ଠୀ ମଧ୍ୟରେ ହାତାହାତି ଓ ଗଣ୍ଡଗୋଳ ହୋଇଛି। ଏ ନେଇ ୨ ଗୋଷ୍ଠୀ ପରସ୍ପର ବିରୋଧରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କଂଗ୍ରେସ ନେତା ରଜନୀ କାନ୍ତ ପାଢ଼ୀ ଓ ତାଙ୍କ ସହଯୋଗୀ ମଙ୍ଗଳବାର ଖରିଡା ନିକଟ ଋଷିକୂଲ୍ୟା ନଦୀରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ କରି ବାଲିଘାଟ ରାସ୍ତା ଖୋଳି ଦେଇଥିଲେ। ଏହାକୁ ବିରୋଧ କରି ବିପକ୍ଷ ଗୋଷ୍ଠୀର କହ୍ନେୟା ପ୍ରଧାନ ଓ ଅନ୍ୟମାନେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଓ ହାତାହାତି ହୋଇଥିଲା। ଏ ନେଇ ଉଭୟ ପକ୍ଷଙ୍କ ପକ୍ଷରୁ ହିଞ୍ଜିଳି ଥାନାରେ ଅଭିଯୋଗ ପରେ ପୋଲିସ ପୃଥକ ୨ ମାମଲା (ନଂ.୧୮ ଓ ୧୯/୨୬)ରେ ରୁଜୁ କରିଛି। ହିଞ୍ଜିଳିକାଟୁ ଅଞ୍ଚଳରେ ଗତକିଛି ଦିନ ଧରି ହିଞ୍ଜିଳିକାଟୁ ନିକଟ ନୂଆଗଡ, ଖରିଡା ଋଷିକୂଲ୍ୟା ନଦୀ ଘାଟ ଇତ୍ୟାଦିକୁ ନେଇ ଗଣ୍ଡଗୋଳ ଓ ମାରାତ୍ମକ ଧମକ ଚାଲିଛି। ଆଇନ ଶୃଙ୍ଖଳା ପରିସ୍ଥିତି ନଦୀ ବାଲିକୁ ନେଇ ଦିନକୁ ଦିନ ଜଟିଳ ହେଉଛି।

#### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା, ଜଣେ ଗିରଫ

### ୫ ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର,୭।୧(ସୁବାସ ଚନ୍ଦ୍ର ପାଢ଼ୀ): ବଡବଜାର ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିରେ ଥିବା ଏକ ମଦ ଦୋକାନ ନିକଟରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତେଇର ହେମନ୍ତ ସେଠୀ(୨୮)ଙ୍କୁ ଗୋଡ଼ାଇ ଖଣ୍ଡାରେ ହାଣିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ନିଳାଞ୍ଚଳ ଚୌଧୁରୀ(୪୬)। ଏହି ଘଟଣାରେ ୫ ନାବାଳକଙ୍କ ସମ୍ପୃକ୍ତି ଥିବାରୁ ସେମାନଙ୍କୁ କିଶୋର ନ୍ୟାୟ ବୋର୍ଡ(ଜେଜେବି)ରେ ହଜାର କରାଯାଇଛି । ସେଠାରୁ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ପୋଲିସ ନାବାଳକଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ୨ଟି ଖଣ୍ଡା ଜବତ କରିଛି। ହେମନ୍ତ ବ୍ରହ୍ମପୁରର ଗ୍ରାମଦେବତୀ ସାହି ସ୍ଥିତ ମଦ ଦୋକାନକୁ ଯାଇଥିବା ବେଳେ ସେଠାରେ କୌଣସି କାରଣକୁ ନେଇ କେତେଜଣ ନାବାଳକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । କିଛିସମୟ ପରେ ନିଳାଞ୍ଚଳ ଓ ତାଙ୍କ ନାବାଳକ ପୁଅ ସହ ଅନ୍ୟ ୪ ଜଣ ନାବାଳକ ଖଣ୍ଡା ସହ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ହେମନ୍ତଙ୍କୁ ଆକ୍ରମଣ କରିଥିଲେ । ଘଟଣାକୁ ନେଇ ହେମନ୍ତଙ୍କ ସ୍ତ୍ରୀ ବଡବଜାର ଥାନାରେ ଅଭିଯୋଗ କରିଥିଲେ।

#### ଦିଗପହଣ୍ଡି ତହସିଲର ପଟ୍ଟା ବଣ୍ଟନ ମେଳା

### ୪୦୯ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କଲେ ବିଧାୟକ

ଦିଗପହଣ୍ଡି,୭।୧(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ଗ୍ରାମରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ପଟ୍ଟା ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମରୁ ଆସିଥିବା ୩୮୯ ହିତାଧିକାରୀଙ୍କୁ ଦ୍ୱିତୀୟ ଖାନା ସଂଶୋଧିତ ପଟ୍ଟା ଏବଂ ୨୦ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ପଟ୍ଟା ବଣ୍ଟନ ସହ ବ୍ଲକ କାର୍ଯ୍ୟାଳୟ ଯୋଗାଣ ବିଭାଗ ପକ୍ଷରୁ ପ୍ରସ୍ତୁତ ୨୧ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ପ୍ରଥମେ ବିଧାୟକ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ନୂତନ ପଞ୍ଚାୟତ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଆମ ବ୍ୟାଙ୍କର ନୂତନ କୋଠାର ଶୁଭ ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ଏବିଡିଓ ଉମେଶ ଚନ୍ଦ୍ର ସେଠୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରୟ, ରାଜସ୍ୱ ନୀରିକ୍ଷକ ସୁଶାନ୍ତ କୁମାର ବେହେରା, ସରପଞ୍ଚ ପ୍ରିୟଙ୍କା ନାୟକ, ସମିତି ସଭ୍ୟା ଶୈଳ ବେହେରା, ବ୍ଲକ ସରପଞ୍ଚ ସଂଘ ସଭାପତି ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ସରପଞ୍ଚ ଲିଙ୍ଗରାଜ ଦୋରା, ଗିତାଞ୍ଜଳୀ ଜାନୀ, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁପ୍ତେଶ୍ୱରୀ ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ଇଂ. ଗିରିଜା ରାଣୀ ସାହୁ, ସାମାଜିକ କର୍ମୀ ମନୋଜ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ।

# ସମସ୍ତ ପରୀକ୍ଷା କେନ୍ଦ୍ର ସିସିଟିଭି ନଜରରେ ରହିବ

ବ୍ରହ୍ମପୁର, ୭।୧(ସୁବାସ ଚନ୍ଦ୍ର ପାଢ଼ୀ)

- ଗଞ୍ଜାମରେ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି
- ୪୫୨୧୯ ପରୀକ୍ଷାର୍ଥୀ, ୨୧୭ କେନ୍ଦ୍ର
- ୧୬ ନୋଡାଲ ସେଣ୍ଟର୍

ଆସନ୍ତା ମାସ ୧୯ ତାରିଖରୁ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୨ ତାରିଖରେ ପରୀକ୍ଷା ଶେଷ ହେବ। ଏଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଚଳିତବର୍ଷ ଗଞ୍ଜାମ ଜିଲାର ମୋଟ ୪୫,୨୧୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିଲାଗି ମାଧ୍ୟମିକ ଶିକ୍ଷା ବୋର୍ଡ ନିର୍ଦ୍ଦେଶକ୍ରମେ ଜିଲାର ୨୨ ବ୍ଲକରେ (ପତ୍ରବିନିମୟ ପାଇଁ ୩କୁ ମିଶାଇ)୨୧୭ ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିପରି ପ୍ରଶ୍ନପତ୍ର ରଖିବା ପାଇଁ ୧୬ ନୋଡାଲ ସେଣ୍ଟର୍ କରାଯାଇଛି। ମାଟ୍ରିକ ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ପାଇଁ ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି। ସିସିଟିଭି ସର୍ଭେଲାନ୍ସରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷାକାରୀ ଅଜୟ କୁମାର ପାତ୍ର ସୂଚନା ଦେଇଛନ୍ତି ।

ଗତବର୍ଷ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବେସଡ ୱେବ କାଷ୍ଟିଂ କରାଯାଇଥିଲା। ତେବେ ଏଥର ଏଆଇ ବେସଡ ୱେବ କାଷ୍ଟିଂ ନେଇ ଆଗକୁ ବୋର୍ଡ ନିଷ୍ପତ୍ତି ନେବ। ଏଥର ବି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଚିହ୍ନଟ କରାଯାଇ ବିଭାଗ ଓ ପ୍ରଶାସନକୁ ଅବଗତ କରାଯାଇଛି। ଜିଲାରେ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ସ୍ୱୀକୃତିପ୍ରାପ୍ତ ଘରୋଇ ବିଦ୍ୟାଳୟ, ବ୍ଲକ ଗ୍ରାଣ୍ଟ ସ୍କୁଲ୍‌କୁ ମିଶାଇ ମୋଟ ୬୩୮ ହାଇସ୍କୁଲ ରହିଛି। ରେଗୁଲାର୍ ପରୀକ୍ଷାର୍ଥୀ ୪୪,୨୦୬, ସିସ ରେଗୁଲାର୍‌ରେ ୮୬, ସିସି ଏକ୍ସରେଗୁଲାରରେ ୯୨, ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର (ଏସ ଓ ଏସ ସି ) ରେଗୁଲାର ୬୩୫, ଏ ଓ ଏସ ସି ଏକ୍ସ-ରେଗୁଲାର୍‌ରେ ୧୦୭, ମଧ୍ୟମା ରେଗୁଲାର ୮୫ ଛାତ୍ରୀଛାତ୍ର ରହିଛନ୍ତି। ଯେଉଁଥିରେ ୩୮୪ ସରକାରୀ ହାଇସ୍କୁଲ, ଅନୁଦାନପ୍ରାପ୍ତ ସ୍କୁଲ ୩୬, ବ୍ଲକଗ୍ରାଣ୍ଟ ସ୍କୁଲ ୧୭୯, ସ୍ୱୀକୃତିପ୍ରାପ୍ତ ଘରୋଇ ସ୍କୁଲ ୩୨ ଟି ରହିଛି। ପ୍ରଶ୍ନପତ୍ର ସୁରକ୍ଷା ପାଇଁ ଜିଲାରେ ୧୬ ନୋଡାଲ ସେଣ୍ଟର୍ କରାଯାଇଥିବା ଜିଲା ଶିକ୍ଷା ବିଭାଗ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ କେନ୍ଦ୍ରର ଦୂରତାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ବନିମ୍ନ ସ୍ତରକୁ ଖସାଇବା ପାଇଁ ଚେଷ୍ଟା କରାଯାଇଛି। ପରୀକ୍ଷା କେନ୍ଦ୍ରର ସର୍ବାଧିକ ଦୂରତା ୨୦ କିମି ରହିଛି। ଏହି ଭଳି ଗୋଟିଏ ମାତ୍ର ସ୍କୁଲ ମୂଳ ସ୍କୁଲରୁ ୦-୧ କିମି ଭିତରେ ରହିଛି । ଏଭଳି ପରିସ୍ଥିତିରେ ୬୮ କେନ୍ଦ୍ର ରହିଥିବାବେଳେ ୧-୬ କିମି ମଧ୍ୟରେ ୪୪୯ ପରୀକ୍ଷା କେନ୍ଦ୍ର ଚିହ୍ନଟ କରାଯାଇଛି। ଅର୍ଥାତ ସର୍ବାଧିକ ପରୀକ୍ଷା କେନ୍ଦ୍ର ୬ କିମି ଦୂରତା ମଧ୍ୟରେ ରଖାଯାଇଛି । ଅନ୍ୟପକ୍ଷରେ ୬-୧୦ କିମି ମଧ୍ୟରେ ୧୧୭ ପରୀକ୍ଷା କେନ୍ଦ୍ର, ୧୦-୧୨ କିମି ଦୂରତା ମଧ୍ୟରେ ଗୋଟିଏ ଦୂରତାରେ ୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ସେହିପରି ୧୨-୧୫ ଓ ୧୫ ରୁ ୨୦ କିମି ଦୂରତା ମଧ୍ୟରେ ଗୋଟିଏ ଲେଖାଏଁ କେନ୍ଦ୍ର ରହିଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ପଚାରିବାରେ ସମସ୍ତ ପ୍ରସ୍ତୁତି ଚାଲିଛି। ଏନେଇ ବୋର୍ଡ କର୍ତ୍ତପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର



ଉପସ୍ଥିତ ଆଇନ ଛାତ୍ରୀଛାତ୍ର।

ବ୍ରହ୍ମପୁର,୭।୧(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶଶାଙ୍କ କୁମାର ଦାସଙ୍କ ନିର୍ଦ୍ଦେଶରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରୋହିତ୍ୟରେ ଲିଙ୍ଗରାଜ ଆଇନ କଲେଜରେ ବୁଧବାର ସଚେତନତା, ସମର୍ଥନ, ସାହାଯ୍ୟ ନେଇ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥି ସହ ବାଲ୍ୟବିବାହ ଦୂର କରିବା ଦିଗରେ ମାନକ କାର୍ଯ୍ୟ ପ୍ରଣାଳୀ, ୨୦୨୫ ଯୋଜନା ଏବଂ ପରିବେଶଗତ ନ୍ୟାୟ ସଚେତନତା ଅଭିଯାନ 'ଆଜିକୁ ସୁରକ୍ଷିତ ରଖନ୍ତୁ କାଲିକୁ ସୁରକ୍ଷିତ କରନ୍ତୁ, ପରିବେଶଗତ ଆଇନଗତ ସାକ୍ଷରତା' ଏବଂ ସମ୍ପ୍ରଦାୟ ସୁରକ୍ଷା ପଦକ୍ଷେପ' ଉପରେ ଆଲୋଚନା ହୋଇଥିଲା। ଉକ୍ତ କଲେଜର ଅଧ୍ୟକ୍ଷ ଏନ.ସି ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଡିପିଓ ରାଜଶ୍ରୀ ଦାସ ଏବଂ ଡ଼ିଏସଡବ୍ଲୁଓ ବିଜୟ ଲକ୍ଷ୍ମୀ ବେହେରା ଉପସ୍ଥିତ ରହି ନିଜ ମତ ରଖିଥିଲେ। ମହାବିଦ୍ୟାଳୟର ପ୍ରତ୍ୟେକ ଅଧ୍ୟାପିକା ଅଧ୍ୟାପକ ଏବଂ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଗୋପାଳପୁର ବେଳାଭୂମି ମହୋତ୍ସବ ନେଇ ସମୀକ୍ଷା ବୈଠକ

ଗୋପାଳପୁର,୭।୧(ନବୀନରାଜ୍ ଆଚାରୀ) ଗୋପାଳପୁରସ୍ଥିତ ପୁରୁଣା ସର୍କିଟ୍ ହାଉସରେ ବୁଧବାର ଗୋପାଳପୁର ବେଳାଭୂମି ମହୋତ୍ସବ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିବା ବେଳେ ଜିଲାପାଳ ଭି. କିର୍ତ୍ତୀ ଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ୍ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ମହୋତ୍ସବ ଶାନ୍ତି ଶୃଙ୍ଖଳା ନେଇ ଆଲୋଚନା ହୋଇଥିଲା। କୁଲାଡ଼ ବାଗଦେବୀ, ବାଳକୁମାରୀ ଓ ତାରାତାରଣୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ସ୍ଥଳରେ ପହଞ୍ଚିବ। ଖେଳ, ନୌକା, ଝୋଟି,



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ ଓ ଅଧିକାରୀ

ପିଠାପଣା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୌନ୍ଦର୍ଯ୍ୟ ସୁନାମୀ ଓ ସ୍ୱଚ୍ଛ ବେଳାଭୂମି ଗଠନ କରାଯିବ। ସ୍ଥାନୀୟ କଳାକାର ସମେତ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ବାହାର ରାଜ୍ୟରୁ କଳାକାରମାନେ ଯୋଗଦେବେ ବୋଲି ସ୍ଥିର ହୋଇଛି। ଜାତୀୟ ପୁରସ୍କାର ପାଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ। ଏହି ଅବସରରେ ଗୋପାଳପୁର ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ୍ ରାୟ, ଏନଏସି ଅଧ୍ୟକ୍ଷ ଏ.ଜାନକୀରାମ, ପର୍ଯ୍ୟଟନ ଅଧିକାରୀ ତନୁଜା ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମିକା, ଗୋପାଳପୁର ଏନ୍‌ଏସି ମନ୍ତ୍ରୀଙ୍କ ପ୍ରତିନିଧି ପଞ୍ଚୁ ବେହେରା, ଗୌରୀ ସାମନ୍ତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲାସ୍ତରୀୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

#### ଏମ୍‌କେସିଜିର ୧୫୯ ନର୍ସିଂ ଅଫିସରଙ୍କ ଅଦଳବଦଳ

### ପର୍ଯ୍ୟାୟକ୍ରମେ ବଦଳି କରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୭।୧(ସୁବାସ ଚନ୍ଦ୍ର ପାଢ଼ୀ) ଏମକେସିଜି ମେଡିକାଲର ୧୫୯ ଜଣ ନର୍ସିଂ ଅଫିସରଙ୍କୁ ବଦଳି କରାଯାଇଛି । ଏଥିଯୋଗୁ ବିଭିନ୍ନ ବିଭାଗରେ ରୋଗୀ ସେବା ବ୍ୟାହତ ଅଭିଯୋଗ ପରେ ବଦଳି ନିର୍ଦ୍ଦେଶନାମାର ପୁନଃସମୀକ୍ଷା କରିବାକୁ ଏମକେସିଜି ଅଧୀକ୍ଷକ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟାୟକ୍ରମେ ନର୍ସିଂ ଅଫିସରଙ୍କ ବିଭିନ୍ନ ୱାର୍ଡକୁ ବଦଳି କରିବାକୁ ପରାମର୍ଶ ଦେଇଛନ୍ତି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗ, ୱାର୍ଡ, ଆଇସିୟୁ ଏବଂ ଅସ୍ତ୍ରୋପଚାର ଗୃହରେ ପ୍ରାୟ ୫୦୦ ନର୍ସିଂ ଅଫିସର କାର୍ଯ୍ୟ କରୁଛନ୍ତି । ନିକଟରେ ନର୍ସିଂ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବଦଳି ଆଦେଶନାମା ବାହାର କରାଯାଇ ୧୫୯ ନର୍ସିଂ ଅଫିସରଙ୍କୁ ବିଭିନ୍ନ ୱାର୍ଡ ଓ ବିଭାଗକୁ ବଦଳି କରାଯାଇଥିଲା । ହେଲେ ଗୋଟିଏ ସ୍ଥାନରୁ ଏକାଧିକ ନର୍ସିଂ ଅଫିସରଙ୍କୁ ବଦଳି କରାଯାଇଥିବାରୁ ସେଠାରେ ପରିଚାଳନାଗତ ସମସ୍ୟା ଉପୁଜିଥିଲା। ବିଶେଷକରି ଅସ୍ତ୍ରୋପଚାର ଗୃହ, ଆଇସିୟୁରେ ଅଭିଜ୍ଞତାର ସହ କାର୍ଯ୍ୟ କରୁଥିବା ନର୍ସିଂ ଅଫିସର ଅନ୍ୟ ବିଭାଗକୁ ଚାଲିଯିବା ପରେ ସେଠାରେ ରୋଗୀ ସେବା ବ୍ୟାହତ ହେବା ସହ ବିଭିନ୍ନ ସମସ୍ୟା ଦେଖା ଦେଇଥିଲା । ଏ ସମ୍ପର୍କରେ କିଛି ବିଭାଗର ମୁଖ୍ୟ ଏବଂ ଇନଚାର୍ଜ ନର୍ସିଂ ଅଫିସରମାନେ ଏମକେସିଜି ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥିଙ୍କ ନିକଟରେ ଅଭିଯୋଗ କରିଥିଲେ। ତେଣୁ ଅଧୀକ୍ଷକ ପ୍ରଫେସର ଶତପଥି ଏମକେସିଜିର ନର୍ସିଂ ଅଧୀକ୍ଷକଙ୍କୁ ଚିଠି ଲେଖି ବଦଳି ଆଦେଶର ପୁନଃସମୀକ୍ଷା କରି କରିବାକୁ କହିଛନ୍ତି।

## 'ଉଲ୍ଲାସ' ପାଳିଲା ଟିପିଏସ୍‌ଓଡିଏଲ୍




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୭।୧(ସ୍ମୃତି ରଞ୍ଜନ ମହାଲିକ) ଟିପିଏସଓଡିଏଲ ପକ୍ଷରୁ ସ୍ଥାପନା ଦିବସ ଓ ବାର୍ଷିକ କର୍ମଚାରୀ ମେଳା ଉଲ୍ଲାସ-୨୦୨୬ ପାଳନ କରାଯାଇଛି। ବ୍ରହ୍ମପୁର କର୍ପୋରେଟ ଅଫିସ, ସିଟି ସର୍କଲ, ବ୍ରହ୍ମପୁର ସର୍କଲ ଓ ଆସିକା ସର୍କଲର କର୍ମଚାରୀ ଓ ପରିବାର ଏଥିରେ ସାମିଲ ଥିଲେ। ସେହିପରି ରାୟଗଡ଼ା ସର୍କଲ, ଭଞ୍ଜନଗର ସର୍କଲ ଏବଂ ଜୟପୁର ସର୍କଲର କର୍ମଚାରୀମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଏହି ଉତ୍ସବ ପାଳନ କରାଯାଇଛି। ସଂସ୍କୃତିର ତରଙ୍ଗ ବିଷୟ ଏହାର ଆଧାର ହୋଇଥିଲା। ଭାରତର ସମୃଦ୍ଧି ଏବଂ ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶନ କରାଯାଇଥିଲା। ନବୀକରଣ ଯୋଗ୍ୟ ଶକ୍ତି ଏବଂ ଶକ୍ତି ସଂରକ୍ଷଣକୁ ନେଇ ବିଶେଷ କାର୍ଯ୍ୟକ୍ରମ ହୋଇଥିଲା। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କର୍ପୋରେଟ ଅଫିସ, ସିଟି ସର୍କଲ, ବ୍ରହ୍ମପୁର ସର୍କଲ ଓ ଆସିକା ସର୍କଲକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଲେ, କର୍ମଚାରୀମାନେ ହେଉଛନ୍ତି ଟିପିଏସଓଡିଏଲର ପ୍ରମୁଖ ଶକ୍ତି। ଆମ ସଂସ୍କୃତି ଓ ପରସ୍ପର ପ୍ରତି ଥିବା ସମ୍ମାନର ପ୍ରତିଫଳନ ହେଉଛି ଉଲ୍ଲାସ। ତେଣୁ ଏହି କାର୍ଯ୍ୟକ୍ରମ କରାଯାଛି ବୋଲି ସେ କହିଛନ୍ତି।

## କଳା ପ୍ରଦର୍ଶନ ପାଇଁ ମଞ୍ଚ ନାହିଁ

ବ୍ରହ୍ମପୁର,୭।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ହେଉଛି ମଞ୍ଚ ନାଟକର ଏନ୍ତୁଡିଶାଳ। କିନ୍ତୁ କଳା ପ୍ରଦର୍ଶନ ପାଇଁ ଉପଯୁକ୍ତ ମଞ୍ଚଟିଏ ନାହିଁ । ଆନୁସଙ୍ଗିକ ବ୍ୟବସ୍ଥା ନଥାଇ ଯେଉଁ ମଞ୍ଚ ଅଛି ତା'ର ଦର ଆକାଶ ଛୁଆଁ । ସୌଖିନ ନାଟ୍ୟସଂସ୍ଥା ପାଇଁ ଏହା କଷ୍ଟସାଧ । ଭଲ ମଞ୍ଚଟିଏ ନଥିବା ଯୋଗୁଁ ଆଶିଷ ଅଂଶୁମାନ ସୌଖିନ କଳାକାର ସଂଘ ତରଫରୁ ଆୟୋଜିତ ବାର୍ଷିକ ଉତ୍ସବରେ ସହରର ଅନେକ କଳାକାର କ୍ଷୋଭ ପ୍ରକାଶ କରିଛନ୍ତି। ରାଜଗୋପାଳ ପାଢ଼ୀଙ୍କ ପୋରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚ ନାଟକ ସହିତ ଜଡିତ ବହୁ ନାଟ୍ୟକାର, ନିର୍ଦ୍ଦେଶକ, ନାଟ୍ୟସଂଗଠକ, କଳାକାରଙ୍କ ଉପସ୍ଥିତିରେ ସମସ୍ତ ବ୍ୟବସ୍ଥା ଥିବା ମଞ୍ଚ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ହୋଇଥିଲା। ସହରରେ ବହୁ ନାଟ୍ୟ



ଜଣେ ନାଟ୍ୟକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅନୁଷ୍ଠାନ ରହିଛି। କଳାକାରଙ୍କ ମଧ୍ୟରେ ଏକତା ଅଭାବ ସାଙ୍ଗକୁ ରାଜନୈତିକ ଏବଂ ପ୍ରଶାସନିକ ଇଚ୍ଛା ଶକ୍ତିର ଅଭାବକୁ ଆଲୋଚକ ଦାୟୀ କରିଥିଲେ । ଆଲୋଚନାଚକ୍ରକୁ ନାଟ୍ୟକାର ବିପିନ ମହାପାତ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ରୂପେ ଭରତପତି କଲେଜ ଅଧ୍ୟକ୍ଷ ଡ ଗିରିଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ରୂପେ ଇଂ ଯାମିନି କାନ୍ତ ଦାସ ,ସମ୍ମାନନୀୟ ଅତିଥି ରୂପେ ଓଡିଶା ନାଟ୍ୟ ସଂଘର ଦକ୍ଷିଣାଞ୍ଚଳ ଉପସଭାପତି ଭବାନୀ ଶଙ୍କର ମିଶ୍ର, ଦଣ୍ଡନାଚ ମହାସଂଘ ସଭାପତି ବ୍ରଜସୁନ୍ଦର ମଲିକ, ବ୍ରହ୍ମପୁର କଳାକାର ଏକତା ମଂଚର ସଭାପତି ଅନିଲ ପାତ୍ର ଓ ସଂଘ ଉପଦେଷ୍ଟା କେ. କୃଷ୍ଣମୂର୍ତ୍ତି ଯୋଗ ଦେଇଥିଲେ । ନାଟ୍ୟକାର ସୁବାସ ମହାରଣା ଓ ଅଭିନେତା ସନ୍ଦୀପ ପଟ୍ଟନାୟକଙ୍କୁ ଆଶିଷ ଅଂଶୁମାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୁଗୁଡା,୭।୧(କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ୍‌ର କଞ୍ଚୁରୁ ଗ୍ରାମ ନିକଟସ୍ଥ ଏକ କଲଭର୍ଟକୁ ଧକ୍କା ଦେଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଞ୍ଚୁରୁ ଗ୍ରାମର କାମେଶ୍ୱର ସ୍ୱାଇଁ(୨୮)। ଏନେଇ ଥାନାରେ କେଶ୍ ନଂ ୧୧/୨୬ ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ସୁରଟରେ ଦାଦନ ଖଟୁଥିବା କାମେଶ୍ୱର ତାଙ୍କ ମାଆଙ୍କ ଅନ୍ତେଷ୍ଟି କାର୍ଯ୍ୟରେ ଯୋଗ ଦେବା ପାଇଁ ଗତ ମାସରେ ଗାଁକୁ ଆସିଥିଲେ ହେଁ ସେ ତାଙ୍କ ଶ୍ୱଶୁର ଘର ପଙ୍କଲସାହିରେ ରହୁଥିଲେ। ବୁଧବାର ଅପରାହ୍ନରେ ସେ ବାଇକରେ ତାଙ୍କ ଗାଁକୁ ଯାଉଥିବା ବେଳେ ଅସାବଧାନତା ବଶତଃ ଏକ କଲଭର୍ଟକୁ ଧକ୍କା ଦେଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୧୮୨ କେଜି ଭାଙ୍ଗ, ୬ କେଜି ଗଞ୍ଜେଇ ଜବତ: ୩ ଗିରଫ

ବ୍ରହ୍ମପୁର,୭।୧(ସୁବାସ ଚନ୍ଦ୍ର ପାଢ଼ୀ)

ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ବ୍ରହ୍ମପୁର ଓ ଦିଗପହଣ୍ଡିର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୮୨ କେଜି ଭାଙ୍ଗ ଓ ୬ କେଜି ଗଞ୍ଜେଇ ଜବତ କରାଯାଇଛି। ବ୍ରହ୍ମପୁର ରେଳଷ୍ଟେଶନ ଦେଇ ଜଣେ ଯୁବକ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ଖବର ମିଳିଥିଲା। ଅବକାରୀ ଇନ୍ସପେକ୍ଟର ମନିଷା ଭୋଳଙ୍କ ନେତୃତ୍ୱରେ ଏକ ଟିମ୍ ରେଳଷ୍ଟେଶନ ରୋଡରେ ଯାଞ୍ଚ କରିଥିଲା। ସେ ସମୟରେ କନ୍ଧମାଳ ଜିଲା ଟିକାବାଲିର ସିକୁ ପ୍ରଧାନ ଏକ ବ୍ୟାଗ ଧରି ଷ୍ଟେଶନ ଆଡକୁ ଯାଉଥିବା ବେଳେ ତାଙ୍କୁ ଅଟକାଇ ଯାଞ୍ଚ କରାଯିବାରୁ ବ୍ୟାଗରୁ ୬ କେଜି ଗଞ୍ଜେଇ ମିଳିଥିଲା। ସେହିପରି ଅବକାରୀ ବିଭାଗ ପକ୍ଷରୁ ଦିଗପହଣ୍ଡି-ଚଷାନିମଖଣ୍ଡି ରାସ୍ତାରେ ଯାଞ୍ଚ ଚାଲୁଥିବା ବେଳେ ଏକ ଅଟୋରୁ ୧୩୨ କେଜି ଭାଙ୍ଗ ଜବତ ହୋଇଥିଲା। ଏହି ଭାଙ୍ଗ ଚାଲାଣ ପାଇଁ ଅବକାରୀ ଟିକସ ପ୍ରଦାନ କରାଯାଇ ନ ଥିବା ଜଣାପଡିଥିଲା । ଅଟୋରେ ପୁରୀ ଜିଲାକୁ ଭାଙ୍ଗ ଚାଲାଣ କରୁଥିବା ପୁରୀ ବଳିଆପଣ୍ଡାର ଭାସ୍କର ବେହେରାଙ୍କୁ ଗିରଫ କରାଯାଇଥିଲା। ସେହିପରି ଚଷାନିମଖଣ୍ଡି ଅଞ୍ଚଳରୁ ଏକ ବାଇକରେ ଚାଲାଣ ହେଉଥିବା ୫୦ କେଜି ଭାଙ୍ଗ ଜବତ କରାଯାଇଛି। ଭାଙ୍ଗ ଚାଲାଣକାରୀ ଚଷାନିମଖଣ୍ଡିର ଏମ. ବଲ୍ଲଭ ମୁଲିଙ୍କୁ ଗିରଫ କରାଯାଇଛି ।

## ବିଦ୍ୟାଳୟ ମରାମତି ନେଇ ଆଲୋଚନା



ଆଲୋଚନାଚକ୍ରରେ ୧୯୭୪ ମାଟ୍ରିକ ଛାତ୍ର ସଂସଦର ପ୍ରତିନିଧି।

ବ୍ରହ୍ମପୁର,୭।୧(ସ୍ମୃତି ରଞ୍ଜନ ମହାଲିକ) ପୁରୁଣା ବ୍ରହ୍ମପୁର ଉଚ୍ଚବିଦ୍ୟାଳୟ ଛାତ ମରାମତି ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ୧୯୭୪ ମାଟ୍ରିକ ଛାତ୍ର ସଂସଦ ପ୍ରତିନିଧି ଆଲୋଚନା କରିଛନ୍ତି। ପ୍ରତିନିଧିମାନେ ପ୍ରମିଳା କୁମାରୀ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ସହ ବିଦ୍ୟାଳୟ କୋଠା ଉପର ମହଲା ଛାତର ତଳ ପଲସ୍ତରା ଝଡି ପଡୁ ଥିବାରୁ ମରାମତି ସମ୍ପର୍କରେ ଆଲୋଚନା କରିଥିଲେ। ନଭେମ୍ବର ମାସରେ ବ୍ରହ୍ମପୁର ଏମପି ଡ ପ୍ରଦୀପ କୁମାର ପାଣିଗ୍ରାହୀ ଓ ବିଧାୟକ କେ. ଅନିଲ କୁମାର ବିଦ୍ୟାଳୟ ପରିଦର୍ଶନରେ ଆସି ଏହାର ଦୁରାବସ୍ଥା ଦେଖି ଯଥାଶୀଘ୍ର ଏହାର ମରାମତି ସହ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ ବୋଲି କହିଥିବା ପ୍ରଧାନ ଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି। ଏଥିସହ ଗତ ୨୦୨୫ ନଭେମ୍ବର ୨୪ ତାରିଖରେ ଏମପି ଓ ବିଧାୟକଙ୍କୁ ଶିକ୍ଷକ ସମସ୍ୟା ସଂପର୍କରେ ଜଣାଇବା ପରେ ଜଣେ ଆଡହକ ଶିକ୍ଷକ ଏବଂ ସ୍ଥାୟୀ ବିଜ୍ଞାନ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଥିବାରୁ ଶିକ୍ଷାଦାନ ସମସ୍ୟା ସାମାନ୍ୟ ଦୂର ହୋଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଥିବା ଛାତ୍ର ପ୍ରତିନିଧିମାନେ କହିଛନ୍ତି। ଆଲୋଚନାରେ ଛାତ୍ର ସଂସଦର ଆବାହକ ନିରଞ୍ଜନ ମହାପାତ୍ର, ସଭାପତି ଅକ୍ଷୟ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ, ଉପଦେଷ୍ଟା ମହେନ୍ଦ୍ର କୁମାର ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ବେହେରା ସଦସ୍ୟ ସୀମାଞ୍ଚଳ ସାହୁ ଉପସ୍ଥିତ ଥିଲେ।

### ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ

ରମ୍ଭା,୭।୧(ବନବାସୀ ସେଠୀ) ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷ ରାମଚନ୍ଦ୍ର ନାହାକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରମ୍ଭା ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଛତ୍ରପୁର ବିଜ୍ଞାନ କଲେଜ ଅଧ୍ୟକ୍ଷ ଡ.ଅଜୟ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ.ରଞ୍ଜନ ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ ଦାସ, ପ୍ରାକ୍ତନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଗୌଡ଼, ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ମଞ୍ଚ ପରିଚାଳନା ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ କରିଥିଲେ। ଅଧ୍ୟାପକ ବିଚିତ୍ରାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ଡାଟା ଅପରେଟର କାଳିଆ ବେହେରା, ଅଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ଅମର ନାୟକ, ଡ଼ି.ତ୍ରିନାଥ ପ୍ରଧାନ, ରୀନା ପାଣିଗ୍ରାହୀ, ପ୍ରମୋଦ ବେହେରା, ବୈକୁଣ୍ଠ ନାହାକ, ଶିବ ଶଙ୍କର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ସନ୍ଧ୍ୟାରେ ଥୁଣ୍ଟା ବରଗଛ ଓ ବସୁଧା ନାଟକ ମଞ୍ଚସ୍ଥ

ବ୍ରହ୍ମପୁର,୭।୧(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ମଂଚ କଳାକାର ସମ୍ମିଳନୀ ପକ୍ଷରୁ ଗୋସାଣୀନୂଆଗାଁ ଗୋପାଳକୃଷ୍ଣ ରଂଗମଞ୍ଚରେ ବୁଧବାର ୯ମ ରାଜ୍ୟସ୍ତରୀୟ ତଥା ୩୫ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଉଦଘାଟିତ ହୋଇଛି । ନାଟ୍ୟକାର ଡା ତିରୁପତି ସାହୁ ଏହାକୁ ଉଦଘାଟନ କରିଥିଲେ। ବିଏମସି ମେୟର ସଂଘମିତ୍ରା ଦଳାଇ ମୁଖ୍ୟ ଅତିଥି , ମୁଖ୍ୟବକ୍ତା ଭାବେ ସଂସ୍କୃତି ଓ ସାହିତ୍ୟପ୍ରେମୀ ଯାମିନୀ କାନ୍ତ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମିଳନୀ ସଭାପତି ବଳରାମ ଦାସଙ୍କ ପୋରୋହିତ୍ୟରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ରମେଶ ମହାରଣା, ଡି ସୋମେୟା, ସପନ ପ୍ରଧାନ ଉପସ୍ଥିତ ଥିଲେ । ଚଳିତ ବର୍ଷ ମହୋତ୍ସବରେ ପ୍ରତ୍ୟହ ଦୁଇଟି ଲେଖାଏଁ



ମଞ୍ଚସ୍ଥ ନାଟକରେ ଅଭିନୟରତ କଳାକାର।

ନାଟକ ହେବ। ପ୍ରଥମ ସନ୍ଧ୍ୟାରେ ଭଞ୍ଜନଗର ଲୁଦୁଲୁଦି ଗୁରୁନାଥ ସାଂସ୍କୃତିକ ପରିଷଦ ବିଜୟ କୁମାର ପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଥୁଣ୍ଟା ବରଗଛ ଓ ଖୋର୍ଦ୍ଧା ଆଦର୍ଶ କଳାକାର ନାଟ୍ୟ ଅନୁଷ୍ଠାନ ରମେଶ ପରିଡାଙ୍କ ରଚିତ ଓ ରତ୍ନାକର ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ ବସୁଧା ମଂଚସ୍ଥ କରିଥିଲେ । ସୀମାଞ୍ଚଳ ବେହେରା ଅତିଥି ପରିଚୟ ଓ ସଂଜ୍ଞା ସମାହିତ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଡ଼ ବିଜୟ ଚନ୍ଦ୍ର ମହାରଣା, ଇଂ.ଆଶୁତୋଷ ପାତ୍ର, ପ୍ରଶାନ୍ତ ମହାରଣା, ନବୀନ ହୋତା, ସୁଶାନ୍ତ ରାଉଳ, କାହ୍ନୁ ଚୌଧୁରୀ, କୈଳାସ ପାଣିଗ୍ରାହୀ , ଯଶୋଦା ବେହେରାଙ୍କ ସମେତ ସମ୍ମିଳନୀର ସମସ୍ତ ସଭ୍ୟା ସଭ୍ୟ ସହଯୋଗ କରିଥିଲେ।

## ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ

ଜି.ଉଦୟଗିରି, (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ) କନ୍ଧମାଳ ଜିଲା ଜି.ଉଦୟଗିରି ସହରରେ ଶୀତର ଲହରି ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ବୁଧବାର ଜି.ଉଦୟଗିରି ସହରର ତାପମାତ୍ରା ୩ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ଫୁଲବାଣୀ ୫ ଡିଗ୍ରୀ ଓ ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ ରେକର୍ଡ ହୋଇଛି। ପୂର୍ବରୁ ତାପମାତ୍ରା ୩.୧ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିଥିଲା। ପ୍ରବଳ ଶୀତ ସାଙ୍ଗକୁ ଘନକୁହୁଡ଼ି ଯୋଗୁ ଲୋକେ ଘରୁ ବାହାରିବା କଷ୍ଟ ହେଉଛି। ଅନ୍ୟପଟେ ଘନକୁହୁଡ଼ି ଯୋଗୁ ଘାଟିରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଏଠାରେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି।



# ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ

ବାଲିଗୁଡ଼ା, ୭।୧
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଏନ୍‌ଏସି ବଡଗାଁ ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ବାଲିଗୁଡା ବ୍ଲକ ଏମ୍‌ପି ପ୍ରତିନିଧି ରଞ୍ଜିତ ସାହୁ, ମୁଖ୍ୟବକ୍ତା ଭାବେ ବାଲିଗୁଡା ଏନଏସି ଏମ୍‌ପି ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମନୋଜ କୁମାର ରଥ, ବାଲିଗୁଡା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସ୍ମିତା ନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ସାହୁ, ସିପାଞ୍ଜିରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିଲି ମଲିକ, ସିଆରସିସି ସୌଦାମିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ଜିତେନ୍ଦ୍ର ନାଥ ପାତ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ ସଭା ପରିଚାଳନା କରିଥିଲେ। ସଭା ପରେ ଅତିଥି ଗଣ ବିଦ୍ୟାଳୟର ଆକାଂକ୍ଷୀ ପରିଷଦ ଦ୍ୱାରା ଟ୍ୟାଲେଣ୍ଟ ଗ୍ୟାଲେରୀ, ଇନ୍ସପାଏରିଂ ଓଡିଶା, ଦୋକାନ ଯାତ୍ରା ଆଦି ବିଭିନ୍ନ ଷ୍ଟଲ ବୁଲି କେନ୍ଦ୍ର ସରକାରଙ୍କ ପିଏମଶ୍ରୀ ଉତ୍ସବକୁ ଉଚ୍ଚ ପ୍ରଶଂସା କରିଥିଲେ।

# କଳା ସଂସ୍କୃତି ଐତିହ୍ୟକୁ ଉପଭୋଗ କରିବା ହେଉଛି ମହୋତ୍ସବ

## କନ୍ଧମାଳ ମହୋତ୍ସବ ଉଦ୍‌ଘାଟିତ

ଫୁଲବାଣୀ,୭।୧
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର କଳା, ସଂସ୍କୃତି ନିଆରା। ହଜି ଯାଉଥିବା କଳା, ସଂସ୍କୃତି ଏବଂ ଐତିହ୍ୟକୁ ଉଜ୍ଜୀବିତ କରିବାକୁ ମହୋତ୍ସବ ମାଧ୍ୟମ। ମହୋତ୍ସବ ହେଲେ ଆମେ ଏସବୁ ବିଷୟରେ ଜାଣିବା ସହ ଅନ୍ୟକୁ ଅବଗତ କରିବା। ପ୍ରାକୃତିକ ଶୋଭାରାଜିରେ କନ୍ଧମାଳ ବିମଣ୍ଡିତ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜିଲାରେ ବହୁ ସ୍ଥାନ ରହିଛି। ସାରା ଦେଶ ବିଦେଶରୁ ପର୍ଯ୍ୟଟକମାନେ ଏଠାକୁ ଆସି ଆମ ପରମ୍ପରାକୁ ଉପଭୋଗ କରୁଛନ୍ତି। ଆମକୁ ମଧ୍ୟ ଏକାଠି ହେବାର ଅବସର ମିଳୁଛି। ମିଳି ମିଶି କଳା ସଂସ୍କୃତି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଏବଂ ଐତିହକୁ ଉପଭୋଗ କରିବା ହେଉଛି ଏହି ମହୋତ୍ସବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଭାବେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜିଲାପାଳ ବେଦଭୁଷଣ ଯୋଗ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ତଥା ପିଏ ଆଇଟିଡ଼ିଏ ଗଦାଧର ପାତ୍ର ଅଥିତି ମାନଙ୍କୁ ସମ୍ମାନିତ କରିଥିଲେ। ସଭା କାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ପପୁ ପପ୍‌ପପ୍ କମେଡି ଏବଂ ନୃତ୍ୟ ଗୀତରେ ଦର୍ଶକ ବିଭୋର ହୋଇଥିଲେ। ସକାଳେ ମଶାଲ ଶୋଭାଯାତ୍ରା ମା'ନାରାୟଣୀଙ୍କ ମନ୍ଦିରରୁ ବାହାରି ସହର ପରିକ୍ରମା ପରେ ମହୋତ୍ସବ ପଡିଆକୁ ଆସିଥିଲା। ସେହିପରି ଏହି ଅବସରରେ କରୋନେଶନ ପଡିଆରେ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନସିପ ଅନୁଷ୍ଠିତ ହୋଇଥିଲା।

# ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଭାଗ ନେବେ ସୁଶାନ୍ତୀ



ସୁଶାନ୍ତୀ ପ୍ରଧାନଙ୍କ ସହ ସହପାଠୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ରାଇକିଆ,୭।୧ (ପ୍ରଦୀପ ବେହେରା)

ଆସନ୍ତା ୧୬ ତାରିଖରୁ ରାଜସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ୬୯ ତମ ଜାତୀୟ ବିଦ୍ୟାଳୟ କ୍ରୀଡାରେ ରାଇକିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୁଶାନ୍ତୀ ପ୍ରଧାନ ପ୍ରତିନିଧିତ୍ୱ କରିବେ। ବିଦ୍ୟାଳୟର ପୂର୍ବତନ କ୍ରୀଡା ଶିକ୍ଷୟିତ୍ରୀ ସେବତୀ ପ୍ରଧାନଙ୍କ ଦ୍ୱାରା ପ୍ରଶିକ୍ଷିତ ସୁଶାନ୍ତୀ କେନ୍ଦୁଝର ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଉଲେଖନୀୟ ପ୍ରଦର୍ଶନ କରି ଜାତୀୟସ୍ତରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ପୁରୀରେ ହେବାକୁ ଥିବା ୫ ଦିନିଆ ପ୍ରଶିକ୍ଷଣ ଶିବିର ଯୋଗଦାନ କରିବା ପରେ ରାଜସ୍ଥାନ ଗସ୍ତ କରିବେ ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ ସାହୁ କହିଛନ୍ତି।

## ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

## ଘୋଷଣା

No. 5276/2025 — Date: 03.12.2025

No. X-21: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: କାମରା, ଥାନା: ବୋରିଗୁମ୍ମା, ତହସିଲ: ବୋରିଗୁମ୍ମା ଜିଲ୍ଲା: କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା: 496/22 ତା: 18.06.2022ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27753 ତା: 28.07.2025ରିଖ ଅନୁଯାୟୀ ୩୧।୧୨।୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: କାମରା, ଥାନା: ବୋରିଗୁମ୍ମା, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟର ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ https://koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି।

### ତଫସିଲ – 'କ'
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ବୋରିଗୁମ୍ମା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କାମରା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | | | | ୧୪.୬୯୦ ଏକର | ଏଥି ସହ ସଂଲଗ୍ନ କରାଗଲା |

### ତଫସିଲ – 'ଖ'
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ବୋରିଗୁମ୍ମା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: 31.12.2025

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ
### ମୌଜା: କାମରା, ଥାନା: ବୋରିଗୁମ୍ମା, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ
### ଜୟପୁର – ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ୦ | ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | କାମରା | ଗ୍ରାମାଞ୍ଚଳ | ୫୬ | ୧୫ | ଧାନ – ୨ | ୧.୦୪୮ | ୦.୭୭୭ | ବଳଭଦ୍ର ମାଝୀ, ପି.: ସାମ ମାଝୀ, ଜା: ଗଉଡ଼, ବା: ନିଜଗାଁ, ଗୁଡ଼ା-ବାଲିଗୁଡ଼ା |
| ୨ | କାମରା | ଗ୍ରାମାଞ୍ଚଳ | ୫୬ | ୧୬ | ଧାନ – ୧ | ୦.୩୩ | ୦.୧୦୬ | ବଳଭଦ୍ର ମାଝୀ, ପି.: ସାମ ମାଝୀ, ଜା: ଗଉଡ଼, ବା: ନିଜଗାଁ, ଗୁଡ଼ା-ବାଲିଗୁଡ଼ା |
| ୩ | କାମରା | ଗ୍ରାମାଞ୍ଚଳ | ୧୦୮/୧୮୯ | ୧୬/୭୨୬ | ଧାନ – ୧ | ୧.୦୨ | ୦.୬୭୦ | ସୁଶାନ୍ତ କୁମାର ସାମଲ, ପି.: ନଟବର ସାମଲ, ଜା: ଖଣ୍ଡାୟତ, ବା: ଚାଲାଣଗୁଡ଼ା |
| ୪ | କାମରା | ଗ୍ରାମାଞ୍ଚଳ | ୧୦୮/୪୨୬ | ୧୮ | ବନ୍ଧ | ୧.୧୦ | ୦.୨୨୮ | କଳମଣି ଗାଦବା, ସ୍ୱା.: ରତନ ଗାଦବା, ମାଣିକ ଗାଦବା, ପି.: ରତନ ଗାଦବା, ଜା: ଗାଦବା, ବା: କନ୍ଦେଇକଟା |
| ୫ | କାମରା | ଗ୍ରାମାଞ୍ଚଳ | ୯୦ | ୧୪୦ | ଡଙ୍ଗର – ୨ | ୨.୪୨ | ୦.୫୨ | ବିମଳା ଅମନାତ୍ୟ, ସ୍ୱା.: ବଳିଭଦ୍ର ଅମନାତ୍ୟ, ଖଗପତି ଅମନାତ୍ୟ, ପି.: ବଳିଭଦ୍ର ଅମନାତ୍ୟ, କମଲୁ ଅମନାତ୍ୟ, ପି.: ହରି ଅମନାତ୍ୟ, ଭଗବତୀ ଅମନାତ୍ୟ, ସ୍ୱା.: ଖଗପତି ଅମନାତ୍ୟ, ରଘୁନାଥ ଅମନାତ୍ୟ, ପି.: ହରି ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ବୃନ୍ଦା ଅମନାତ୍ୟ, ପି.: ଗୋବିନ୍ଦ ଅମନାତ୍ୟ, ଜା: ଅମନାତ୍ୟ, ବା: ନବରଙ୍ଗପୁର, କୁସୁମା ଅମନାତ୍ୟ, ଚନ୍ଦ୍ରମା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ପୂଜାରିପୁଟ, ଧନାଇ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ଧନମତୀ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମୁଣ୍ଡାଗୁଡ଼ା, ପାକଲି ଅମନାତ୍ୟ, ସ୍ୱା.: ଦିନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଭଗବାନ ଅମନାତ୍ୟ, ଦିବା ଅମନାତ୍ୟ, ପି.: ବୁଦୁ ଅମନାତ୍ୟ, ଜା: ଅମନାତ୍ୟ, ବା: ସନ୍ତୋଷପୁର, ହଳଧର ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଭୁବନ ଅମନାତ୍ୟ, ସ୍ୱା.: ଅଚ୍ୟୁତ ଅମନାତ୍ୟ, ଜା: ଅମନାତ୍ୟ, ବା: ବଣିଆ, ରାଧା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମନ୍ତ୍ରୀଗୁଡ଼ା, ଗୌରୀ ଅମନାତ୍ୟ, ସ୍ୱା.: ଧନ ଅମନାତ୍ୟ, ନୀଳକଣ୍ଠ ଅମନାତ୍ୟ, ସଦା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, କମଳା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପାତ୍ରପୁଟ, ସୂର୍ଯ୍ୟ ଅମନାତ୍ୟ, ପି.: ଜଗବନ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗା, ନନ୍ଦାଇ ଅମାନତ୍ୟ, ପି.: ସୋନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ନୂଆଗୁଡ଼ା, ନବରଙ୍ଗପୁର, ଜଗ ଅମନାତ୍ୟ, ମଙ୍ଗଲୁ ଅମନାତ୍ୟ, କମଲୋଚନ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ଫୁଲମା ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପୁପୁଗାଁ, ରେବତୀ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ବିମଳା ପୂଜାରୀ, ସ୍ୱା.: ପଦଲାମ ପୂଜାରୀ, ସୁନାମଣି ଅମନାତ୍ୟ, ପି.: ପରମାନନ୍ଦ ଅମନାତ୍ୟ, ମାଣିକ ଅମନାତ୍ୟ, ପି.: ଦୈନ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମା ଅମନାତ୍ୟ, ପି.: ସୁକୁ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡି, ଉର୍ଦ୍ଧବ ଅମନାତ୍ୟ, ମଣି ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଡମାଇ ଅମନାତ୍ୟ, ପି.: ପିତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ଇନାନପୁର, ସନାଦେଇ ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ପଦ୍ମାବୁଳା ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ଜୈନ, ରବି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସୋନୁ ଅମନାତ୍ୟ, ପି.: କମଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବଡ଼ାସନା, ନବୀନ ରନ୍ଧାରୀ, ପି.: ଜଗଦୀଶ ରନ୍ଧାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଗୋମାରୀ ଅମନାତ୍ୟ, ପି.: ଜମୁନା ଅମନାତ୍ୟ, ଜା: ଅମନାତ୍ୟ, ବା: ଇନ୍ଦ୍ରାବତୀ, ପବିତ୍ର ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: ସେବତୀଗୁଡ଼ା, ପୂର୍ଣ୍ଣୀ ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା |
| ୬ | କାମରା | ଗ୍ରାମାଞ୍ଚଳ | ୧୦୮/୪୦୯ | ୧୪୦/୯୨୦ | ଡଙ୍ଗର – ୨ | ୦.୪୩ | ୦.୩୩୪ | ସୁନାମଣି ଅମନାତ୍ୟ, ସ୍ୱା.: ଘନ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା |
| ୭ | କାମରା | ଗ୍ରାମାଞ୍ଚଳ | ୯୦ | ୧୮୮ | ଡଙ୍ଗର – ୨ | ୩.୦୮ | ୦.୯୭ | ବିମଳା ଅମନାତ୍ୟ, ସ୍ୱା.: ବଳିଭଦ୍ର ଅମନାତ୍ୟ, ଖଗପତି ଅମନାତ୍ୟ, ପି.: ବଳିଭଦ୍ର ଅମନାତ୍ୟ, କମଲୁ ଅମନାତ୍ୟ, ପି.: ହରି ଅମନାତ୍ୟ, ଭଗବତୀ ଅମନାତ୍ୟ, ସ୍ୱା.: ଖଗପତି ଅମନାତ୍ୟ, ରଘୁନାଥ ଅମନାତ୍ୟ, ପି.: ହରି ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ବୃନ୍ଦା ଅମନାତ୍ୟ, ପି.: ଗୋବିନ୍ଦ ଅମନାତ୍ୟ, ଜା: ଅମନାତ୍ୟ, ବା: ନବରଙ୍ଗପୁର, କୁସୁମା ଅମନାତ୍ୟ, ଚନ୍ଦ୍ରମା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ପୂଜାରିପୁଟ, ଧନାଇ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ଧନମତୀ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମୁଣ୍ଡାଗୁଡ଼ା, ପାକଲି ଅମନାତ୍ୟ, ସ୍ୱା.: ଦିନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଭଗବାନ ଅମନାତ୍ୟ, ଦିବା ଅମନାତ୍ୟ, ପି.: ବୁଦୁ ଅମନାତ୍ୟ, ଜା: ଅମନାତ୍ୟ, ବା: ସନ୍ତୋଷପୁର, ହଳଧର ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଭୁବନ ଅମନାତ୍ୟ, ସ୍ୱା.: ଅଚ୍ୟୁତ ଅମନାତ୍ୟ, ଜା: ଅମନାତ୍ୟ, ବା: ବଣିଆ, ରାଧା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମନ୍ତ୍ରୀଗୁଡ଼ା, ଗୌରୀ ଅମନାତ୍ୟ, ସ୍ୱା.: ଧନ ଅମନାତ୍ୟ, ନୀଳକଣ୍ଠ ଅମନାତ୍ୟ, ସଦା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, କମଳା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପାତ୍ରପୁଟ, ସୂର୍ଯ୍ୟ ଅମନାତ୍ୟ, ପି.: ଜଗବନ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗା, ନନ୍ଦାଇ ଅମାନତ୍ୟ, ପି.: ସୋନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ନୂଆଗୁଡ଼ା, ନବରଙ୍ଗପୁର, ଜଗ ଅମନାତ୍ୟ, ମଙ୍ଗଲୁ ଅମନାତ୍ୟ, କମଲୋଚନ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ଫୁଲମା ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପୁପୁଗାଁ, ରେବତୀ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ବିମଳା ପୂଜାରୀ, ସ୍ୱା.: ପଦଲାମ ପୂଜାରୀ, ସୁନାମଣି ଅମନାତ୍ୟ, ପି.: ପରମାନନ୍ଦ ଅମନାତ୍ୟ, ମାଣିକ ଅମନାତ୍ୟ, ପି.: ଦୈନ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମା ଅମନାତ୍ୟ, ପି.: ସୁକୁ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡି, ଉର୍ଦ୍ଧବ ଅମନାତ୍ୟ, ମଣି ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଡମାଇ ଅମନାତ୍ୟ, ପି.: ପିତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ଇନାନପୁର, ସନାଦେଇ ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ପଦ୍ମାବୁଳା ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ଜୈନ, ରବି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସୋନୁ ଅମନାତ୍ୟ, ପି.: କମଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବଡ଼ାସନା, ନବୀନ ରନ୍ଧାରୀ, ପି.: ଜଗଦୀଶ ରନ୍ଧାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଗୋମାରୀ ଅମନାତ୍ୟ, ପି.: ଜମୁନା ଅମନାତ୍ୟ, ଜା: ଅମନାତ୍ୟ, ବା: ଇନ୍ଦ୍ରାବତୀ, ପବିତ୍ର ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: ସେବତୀଗୁଡ଼ା, ପୂର୍ଣ୍ଣୀ ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା |
| ୮ | କାମରା | ଗ୍ରାମାଞ୍ଚଳ | ୧୦୮/୧୯୪ | ୧୮୮/୭୩୩ | ଡଙ୍ଗର – ୨ | ୦.୫୦ | ୦.୨୨୫ | ବର୍ଣ୍ଣ ଅମନାତ୍ୟ, ପି.: ନରସିଂହ ଅମନାତ୍ୟ, ଜା: ଅମନାତ୍ୟ, ବା: ନିଜଗାଁ |
| ୯ | କାମରା | ଗ୍ରାମାଞ୍ଚଳ | ୮୯ | ୧୪୧ | ଧାନ – ୩ | ୦.୨୩ | ୦.୧୦୩ | ବିମଳା ଅମନାତ୍ୟ, ସ୍ୱା.: ବଳିଭଦ୍ର ଅମନାତ୍ୟ, ଖଗପତି ଅମନାତ୍ୟ, ପି.: ବଳିଭଦ୍ର ଅମନାତ୍ୟ, କମଲୁ ଅମନାତ୍ୟ, ପି.: ହରି ଅମନାତ୍ୟ, ଭଗବତୀ ଅମନାତ୍ୟ, ସ୍ୱା.: ଖଗପତି ଅମନାତ୍ୟ, ରଘୁନାଥ ଅମନାତ୍ୟ, ପି.: ହରି ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ବୃନ୍ଦା ଅମନାତ୍ୟ, ପି.: ଗୋବିନ୍ଦ ଅମନାତ୍ୟ, ଜା: ଅମନାତ୍ୟ, ବା: ନବରଙ୍ଗପୁର, କୁସୁମା ଅମନାତ୍ୟ, ଚନ୍ଦ୍ରମା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ପୂଜାରିପୁଟ, ଧନାଇ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ଧନମତୀ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମୁଣ୍ଡାଗୁଡ଼ା, ପାକଲି ଅମନାତ୍ୟ, ସ୍ୱା.: ଦିନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଭଗବାନ ଅମନାତ୍ୟ, ଦିବା ଅମନାତ୍ୟ, ପି.: ବୁଦୁ ଅମନାତ୍ୟ, ଜା: ଅମନାତ୍ୟ, ବା: ସନ୍ତୋଷପୁର, ହଳଧର ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଭୁବନ ଅମନାତ୍ୟ, ସ୍ୱା.: ଅଚ୍ୟୁତ ଅମନାତ୍ୟ, ଜା: ଅମନାତ୍ୟ, ବା: ବଣିଆ, ରାଧା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମନ୍ତ୍ରୀଗୁଡ଼ା, ଗୌରୀ ଅମନାତ୍ୟ, ସ୍ୱା.: ଧନ ଅମନାତ୍ୟ, ନୀଳକଣ୍ଠ ଅମନାତ୍ୟ, ସଦା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, କମଳା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପାତ୍ରପୁଟ, ସୂର୍ଯ୍ୟ ଅମନାତ୍ୟ, ପି.: ଜଗବନ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗା, ନନ୍ଦାଇ ଅମାନତ୍ୟ, ପି.: ସୋନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ନୂଆଗୁଡ଼ା, ନବରଙ୍ଗପୁର, ଜଗ ଅମନାତ୍ୟ, ମଙ୍ଗଲୁ ଅମନାତ୍ୟ, କମଲୋଚନ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ଫୁଲମା ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପୁପୁଗାଁ, ରେବତୀ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ବିମଳା ପୂଜାରୀ, ସ୍ୱା.: ପଦଲାମ ପୂଜାରୀ, ସୁନାମଣି ଅମନାତ୍ୟ, ପି.: ପରମାନନ୍ଦ ଅମନାତ୍ୟ, ମାଣିକ ଅମନାତ୍ୟ, ପି.: ଦୈନ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମା ଅମନାତ୍ୟ, ପି.: ସୁକୁ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡି, ଉର୍ଦ୍ଧବ ଅମନାତ୍ୟ, ମଣି ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଡମାଇ ଅମନାତ୍ୟ, ପି.: ପିତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ଇନାନପୁର, ସନାଦେଇ ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ପଦ୍ମାବୁଳା ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ଜୈନ, ରବି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସୋନୁ ଅମନାତ୍ୟ, ପି.: କମଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବଡ଼ାସନା, ନବୀନ ରନ୍ଧାରୀ, ପି.: ଜଗଦୀଶ ରନ୍ଧାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଗୋମାରୀ ଅମନାତ୍ୟ, ପି.: ଜମୁନା ଅମନାତ୍ୟ, ଜା: ଅମନାତ୍ୟ, ବା: ଇନ୍ଦ୍ରାବତୀ, ପବିତ୍ର ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: ସେବତୀଗୁଡ଼ା, ପୂର୍ଣ୍ଣୀ ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା |
| ୧୦ | କାମରା | ଗ୍ରାମାଞ୍ଚଳ | ୮୯ | ୧୪୨ | ଧାନ – ୨ | ୦.୬୬୯ | ୦.୧୮୮ | ବିମଳା ଅମନାତ୍ୟ, ସ୍ୱା.: ବଳିଭଦ୍ର ଅମନାତ୍ୟ, ଖଗପତି ଅମନାତ୍ୟ, ପି.: ବଳିଭଦ୍ର ଅମନାତ୍ୟ, କମଲୁ ଅମନାତ୍ୟ, ପି.: ହରି ଅମନାତ୍ୟ, ଭଗବତୀ ଅମନାତ୍ୟ, ସ୍ୱା.: ଖଗପତି ଅମନାତ୍ୟ, ରଘୁନାଥ ଅମନାତ୍ୟ, ପି.: ହରି ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ବୃନ୍ଦା ଅମନାତ୍ୟ, ପି.: ଗୋବିନ୍ଦ ଅମନାତ୍ୟ, ଜା: ଅମନାତ୍ୟ, ବା: ନବରଙ୍ଗପୁର, କୁସୁମା ଅମନାତ୍ୟ, ଚନ୍ଦ୍ରମା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ପୂଜାରିପୁଟ, ଧନାଇ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ଧନମତୀ ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମୁଣ୍ଡାଗୁଡ଼ା, ପାକଲି ଅମନାତ୍ୟ, ସ୍ୱା.: ଦିନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଭଗବାନ ଅମନାତ୍ୟ, ଦିବା ଅମନାତ୍ୟ, ପି.: ବୁଦୁ ଅମନାତ୍ୟ, ଜା: ଅମନାତ୍ୟ, ବା: ସନ୍ତୋଷପୁର, ହଳଧର ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଭୁବନ ଅମନାତ୍ୟ, ସ୍ୱା.: ଅଚ୍ୟୁତ ଅମନାତ୍ୟ, ଜା: ଅମନାତ୍ୟ, ବା: ବଣିଆ, ରାଧା ଅମନାତ୍ୟ, ପି.: ମାଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ମନ୍ତ୍ରୀଗୁଡ଼ା, ଗୌରୀ ଅମନାତ୍ୟ, ସ୍ୱା.: ଧନ ଅମନାତ୍ୟ, ନୀଳକଣ୍ଠ ଅମନାତ୍ୟ, ସଦା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, କମଳା ଅମନାତ୍ୟ, ପି.: ରଇଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପାତ୍ରପୁଟ, ସୂର୍ଯ୍ୟ ଅମନାତ୍ୟ, ପି.: ଜଗବନ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗା, ନନ୍ଦାଇ ଅମାନତ୍ୟ, ପି.: ସୋନୁ ଅମନାତ୍ୟ, ଜା: ଅମନାତ୍ୟ, ବା: ନୂଆଗୁଡ଼ା, ନବରଙ୍ଗପୁର, ଜଗ ଅମନାତ୍ୟ, ମଙ୍ଗଲୁ ଅମନାତ୍ୟ, କମଲୋଚନ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ଫୁଲମା ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ପୁପୁଗାଁ, ରେବତୀ ଅମନାତ୍ୟ, ପି.: ଡମ୍ବରୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ବିମଳା ପୂଜାରୀ, ସ୍ୱା.: ପଦଲାମ ପୂଜାରୀ, ସୁନାମଣି ଅମନାତ୍ୟ, ପି.: ପରମାନନ୍ଦ ଅମନାତ୍ୟ, ମାଣିକ ଅମନାତ୍ୟ, ପି.: ଦୈନ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମା ଅମନାତ୍ୟ, ପି.: ସୁକୁ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡି, ଉର୍ଦ୍ଧବ ଅମନାତ୍ୟ, ମଣି ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଡମାଇ ଅମନାତ୍ୟ, ପି.: ପିତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ଇନାନପୁର, ସନାଦେଇ ଅମନାତ୍ୟ, ପି.: ପୀତାମ୍ବର ଅମନାତ୍ୟ, ଜା: ଅମନାତ୍ୟ, ବା: ବୁଢ଼ାହାଣ୍ଡି, ପଦ୍ମାବୁଳା ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ଜୈନ, ରବି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସୋନୁ ଅମନାତ୍ୟ, ପି.: କମଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବଡ଼ାସନା, ନବୀନ ରନ୍ଧାରୀ, ପି.: ଜଗଦୀଶ ରନ୍ଧାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ଗୋମାରୀ ଅମନାତ୍ୟ, ପି.: ଜମୁନା ଅମନାତ୍ୟ, ଜା: ଅମନାତ୍ୟ, ବା: ଇନ୍ଦ୍ରାବତୀ, ପବିତ୍ର ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: ସେବତୀଗୁଡ଼ା, ପୂର୍ଣ୍ଣୀ ଅମନାତ୍ୟ, ପି.: ଟଙ୍କଧର ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା |
| ୧୧ | କାମରା | ଗ୍ରାମାଞ୍ଚଳ | ୧୦୮/୧୦ | ୧୪୩ | ଧାନ – ୧ | ୦.୨୮୦ | ୦.୨୪୫ | ଭଗବାନ ଅମନାତ୍ୟ, ପି.: ମଙ୍ଗଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ନିଜଗାଁ, ଗୁଡ଼ା-ବାଲିଗୁଡ଼ା |
| ୧୨ | କାମରା | ଗ୍ରାମାଞ୍ଚଳ | ୧୦୮/୫୧ | ୧୪୪/୫୯୧ | ଧାନ – ୧ | ୦.୧୬ | ୦.୧୬ | ସୋନୁ ଅମନାତ୍ୟ, ପି.: ଭଗବାନ ଅମନାତ୍ୟ, ଜା: ଅମନାତ୍ୟ, ବା: କମରା |
| ୧୩ | କାମରା | ଗ୍ରାମାଞ୍ଚଳ | ୧୦୮/୫୩ | ୧୪୪/୫୯୫ | ଧାନ – ୧ | ୦.୫୨ | ୦.୩୧୨ | ଗୋପବନ୍ଧୁ ପୂଜାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପ୍ରତିମା ରନ୍ଧାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଆମଡା, କୁସୁମା ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଜଗନ୍ନାଥପୁର, ନବରଙ୍ଗପୁର |
| ୧୪ | କାମରା | ଗ୍ରାମାଞ୍ଚଳ | ୧୦୮/୫୧ | ୧୪୫/୫୯୨ | ଧାନ – ୨ | ୦.୨୩ | ୦.୨୩ | ସୋନୁ ଅମନାତ୍ୟ, ପି.: ଭଗବାନ ଅମନାତ୍ୟ, ଜା: ଅମନାତ୍ୟ, ବା: କମରା |
| ୧୫ | କାମରା | ଗ୍ରାମାଞ୍ଚଳ | ୧୦୮/୧୦ | ୧୪୬ | ଧାନ – ୨ | ୦.୦୯ | ୦.୦୭୬ | ଭଗବାନ ଅମନାତ୍ୟ, ପି.: ମଙ୍ଗଲୁ ଅମନାତ୍ୟ, ଜା: ଅମନାତ୍ୟ, ବା: ନିଜଗାଁ, ଗୁଡ଼ା-ବାଲିଗୁଡ଼ା |
| ୧୬ | କାମରା | ଗ୍ରାମାଞ୍ଚଳ | ୨୩ | ୧୪୭ | ଧାନ – ୩ | ୦.୧୨ | ୦.୦୮୯ | ସଦାଶିବ ଚଲାଣ, ପି.: ଲକ୍ଷ୍ମୀଚନ୍ଦ୍ର ଚଲାଣ, ଜା: ଗଉଡ଼, ବା ; ନିଜଗାଁ |
| ୧୭ | କାମରା | ଗ୍ରାମାଞ୍ଚଳ | ୧୦୮/୩୯୬ | ୧୫୩ | ଡଙ୍ଗର – ୨ | ୫.୬୨ | ୦.୧୩୮ | ଦୁର୍ଗା ପ୍ରସାଦ ମହାପାତ୍ର, ପି.: ଅଗାଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୧୮ | କାମରା | ଗ୍ରାମାଞ୍ଚଳ | ୧୦୮/୪୦୨ | ୧୫୬ | ଡଙ୍ଗର – ୨ | ୨.୩୯ | ୦.୧୯୫ | ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି.: ଭୀମସେନ ମିଶ୍ର, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୧୯ | କାମରା | ଗ୍ରାମାଞ୍ଚଳ | ୧୦୮/୪୪୪ | ୧୫୭ | ଡଙ୍ଗର – ୨ | ୩.୮୩ | ୦.୯୨୮ | ଲଳିତ ମହାପାତ୍ର, ପି.: ଜଗନ୍ନାଥ ମହାପାତ୍ର, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୨୦ | କାମରା | ଗ୍ରାମାଞ୍ଚଳ | ୧୦୮/୪୪୩ | ୧୬୧ | ଡଙ୍ଗର – ୨ | ୦.୮୬ | ୦.୩୮୭ | ସୁବ୍ରତ ମହାପାତ୍ର, ପି.: ଜଗନ୍ନାଥ ମହାପାତ୍ର, ଜା: ବ୍ରାହ୍ମଣ, ବା: ନବରଙ୍ଗପୁର |
| ୨୧ | କାମରା | ଗ୍ରାମାଞ୍ଚଳ | ୧୦୮/୪୩୬ | ୧୮୨/୯୩୭ | ଧାନ – ୩ | ୦.୩୦ | ୦.୦୩୯ | ଲକି ଚନ୍ଦ୍ର ପୂଜାରୀ, ପି.: ଗୋପବନ୍ଧୁ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା |
| ୨୨ | କାମରା | ଗ୍ରାମାଞ୍ଚଳ | ୨୦ | ୧୮୯ | ଧାନ – ୩ | ୦.୬୩୯ | ୦.୨୯୫ | ବୃନ୍ଦା ଗଉଡ଼, ସ୍ୱା.: ପରମାନନ୍ଦ ଗଉଡ଼, ଚକ୍ର ଗଉଡ଼, ଜିତେନ୍ଦ୍ର ଗଉଡ଼, ପି.: ପରମାନନ୍ଦ ଗଉଡ଼, ଜା: ଗଉଡ଼, ବା: ଇନ୍ଦ୍ରାବତୀ, ନବରଙ୍ଗପୁର, ତିଲୋତ୍ତମା ଗଉଡ଼, ପି.: ଖଗ ଗଉଡ଼, ଜା: ଗଉଡ଼, ବା: ବଙ୍ଗାଲଗୁଡ଼ା, ନବରଙ୍ଗପୁର, ବଳିଭଦ୍ର ଗଉଡ଼, ଚନ୍ଦ୍ରମା ଗଉଡ଼, ପି.: ଡମ୍ବୁ ଗଉଡ଼, ଜା: ଗଉଡ଼, ବା: ଧୁବକୀ, ତୁଳସୀ ଗଉଡ଼, ପି.: ପଦଲାମ ଗଉଡ଼, ଗୋମତୀ ଗଉଡ଼, ସ୍ୱା.: ଭଗବାନ ଗଉଡ଼, କର୍ଣ୍ଣ ଗଉଡ଼, ଚନ୍ଦ୍ର ଗଉଡ଼, ଚୈତନ ଗଉଡ଼, ପି.: ଭଗବାନ ଗଉଡ଼, ଜା: ଗଉଡ଼, ବା: ବାଲିଗୁଡ଼ା, ସନାଦେଇ ଗଉଡ଼, ସ୍ୱା.: ଦଇତାରୀ ଗଉଡ଼, ଜା: ଗଉଡ଼, ବଡ଼ ଧୁବକୀ, ସେବତୀ ଗଉଡ଼, ସ୍ୱା.: ନୀଳାମ୍ବର ଗଉଡ଼, ଜା: ଗଉଡ଼, ବା: ବାଲିଗୁଡ଼ା, ମନମତୀ ଗଉଡ଼, ପି.: ଲଇଖଣ ଗଉଡ଼, ଜା: ଗଉଡ଼, ବା: କୁନ୍ଦ୍ରାଗୁଡ଼ା, ଦହଣୀ ଗଉଡ଼, ସ୍ୱା.: ଟଙ୍କଧର ଗଉଡ଼, ରାମ ଗଉଡ଼, ପି.: ଟଙ୍କଧର ଗଉଡ଼, ଜା: ଗଉଡ଼, ବା: ବାଲିଗୁଡ଼ା, ସମାରୀ ଗଉଡ଼, ପି.: ଟଙ୍କଧର ଗଉଡ଼, ଜା: ଗଉଡ଼, ବା: କୁରମାକୋଟ, କୋଟପାଡ଼ |
| ୨୩ | କାମରା | ଗ୍ରାମାଞ୍ଚଳ | ୧୦୮/୨୫୮ | ୧୯୦/୫୪୨ | ଧାନ – ୨ | ୦.୫୨ | ୦.୦୨୩ | ରାମଚନ୍ଦ୍ର ହରିଜନ, ପି.: ସଦନ ହରିଜନ, ଜା: ଡମ, ବା: କାମରା |
| ୨୪ | କାମରା | ଗ୍ରାମାଞ୍ଚଳ | ୯୮ | ୧୯୨ | ଧାନ – ୧ | ୦.୮୨ | ୦.୦୪୮ | ସୁନାଧର ଗଣ୍ଡା, ଧୋବୁଲୁ ଗଣ୍ଡା, ରଘୁନାଥ ଗଣ୍ଡା, ପି.: ଚୈତନ୍ୟ ଗଣ୍ଡା, ଜା: ଡମ, ବା: ନିଜଗାଁ |
| ୨୫ | କାମରା | ଗ୍ରାମାଞ୍ଚଳ | ୧୦୮/୨୦୩ | ୧୯୨/୭୪୧ | ଧାନ – ୧ | ୦.୫ | ୦.୦୮ | ଦଇମତି ହରିଜନ, ପି.: ରଘୁନାଥ ଗଣ୍ଡା, ଦରମତି ହରିଜନ, ସ୍ୱା.: ଖଗପତି ହରିଜନ, ଜା: ଡମ, ବା: କୁପିଆ |
| ୨୬ | କାମରା | ଗ୍ରାମାଞ୍ଚଳ | ୯୮ | ୧୯୪ | ଧାନ – ୩ | ୦.୪୬୭ | ୦.୩୪୫ | ସୁନାଧର ଗଣ୍ଡା, ଧୋବୁଲୁ ଗଣ୍ଡା, ରଘୁନାଥ ଗଣ୍ଡା, ପି.: ଚୈତନ୍ୟ ଗଣ୍ଡା, ଜା: ଡମ, ବା: ନିଜଗାଁ |
| ୨୭ | କାମରା | ଗ୍ରାମାଞ୍ଚଳ | ୧୦୮/୨୦୫ | ୧୯୪/୭୪୩ | ଧାନ – ୩ | ୦.୧୦ | ୦.୧୦ | ପ୍ରତିମା ହରିଜନ, ପି.: ରଘୁନାଥ ଗଣ୍ଡା, ଜା: ଡମ, ବା: ନିଜଗାଁ |
| ୨୮ | କାମରା | ଗ୍ରାମାଞ୍ଚଳ | ୯୯ | ୧୯୭ | ଡଙ୍ଗର – ୨ | ୦.୬୬୯ | ୦.୩୪୭ | ସୁନାଧର ଗଣ୍ଡା, ଧୋବୁଲୁ ଗଣ୍ଡା, ରଘୁନାଥ ଗଣ୍ଡା, ପି.: ଚୈତନ୍ୟ ଗଣ୍ଡା, ଜା: ଡମ, ବା: ନିଜଗାଁ |
| ୨୯ | କାମରା | ଗ୍ରାମାଞ୍ଚଳ | ୬୨ | ୨୦୨ | ଡଙ୍ଗର – ୨ | ୨.୪୦ | ୦.୩୮ | ତୁଳା ଅମନାତ୍ୟ, ପି.; ଜୟରାମ ପୂଜାରୀ, ମତୀ ଅମନାତ୍ୟ, ସ୍ୱା.: ଟଙ୍କଧର ପୂଜାରୀ, ଜା:ଅମନାତ୍ୟ, ବା: ବାଲିଗୁଡ଼ା, ଚଞ୍ଚଳା ଅମନାତ୍ୟ, ସ୍ୱା.: ଉର୍ଦ୍ଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ପୂର୍ଣ୍ଣ ଅମନାତ୍ୟ, ସ୍ୱା.: ମକର ଅମନାତ୍ୟ, ଜା: ଅମନାତ୍ୟ, ବା: ଭଗବତୀସାହି, ନବରଙ୍ଗପୁର, ଗୋପବନ୍ଧୁ ପୂଜାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପ୍ରତୀ ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଆମତା, କୋଟପାଡ଼, କୁସୁମା ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଜଗନ୍ନାଥପୁର, ନବରଙ୍ଗପୁର, ପୁଣୀ ପୂଜାରୀ, ସ୍ୱା.: କମଲୋଚନ ପୂଜାରୀ, ଚମ୍ପା ପୂଜାରୀ, ସ୍ୱା.: ତ୍ରିନାଥ ପୂଜାରୀ, ଗିରିଧର ପୂଜାରୀ, ପି.: ବେନୁ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସନମତୀ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ନବରଙ୍ଗପୁର, ପଦ୍ମା ଅମନାତ୍ୟ, ସ୍ୱା.: ବୁଦ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ଗୁରୁବାରୀ ପୂଜାରୀ, ସ୍ୱା.: ଦୁର୍ଯ୍ୟୋଧନ ପୂଜାରୀ, ଅଭି ପୂଜାରୀ, ଧନପତି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ମାଣିକ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡ଼ି, ନବରଙ୍ଗପୁର, ବ୍ରତ ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମାବୁଳା ଅମନାତ୍ୟ, ସ୍ୱା.: ପର୍ଶୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ନୀଳା ଅମନାତ୍ୟ, ସ୍ୱା.: ନବୀନ ଅମନାତ୍ୟ, ବା: ପାପଡ଼ାହାଣ୍ଡି, ରୁକୁଣା ଅମନାତ୍ୟ, ସ୍ୱା.: ଅର୍ଜ୍ଜୁନ ଅମନାତ୍ୟ, ଜା: ଅମନାତ୍ୟ, ବା: ଚଲାଣଗୁଡ଼ା, ଖଗପତି ଅମନାତ୍ୟ, ମୋତୀରାମ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: ମଝିଆ, ଗୋରୀ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା |
| ୩୦ | କାମରା | ଗ୍ରାମାଞ୍ଚଳ | ୧୦୮/୪୨୪ | ୨୦୨/୯୨୯ | ଡଙ୍ଗର – ୨ | ୦.୩୦ | ୦.୨୦୮ | ଦୁରାବତୀ ଅମନାତ୍ୟ, ସ୍ୱା.: ପଦଲାମ ଅମନାତ, ଜା: ଅମନାତ୍ୟ, ବା: କାମରା |
| ୩୧ | କାମରା | ଗ୍ରାମାଞ୍ଚଳ | ୬୧ | ୨୦୪ | ଧାନ – ୧ | ୨.୩୩ | ୦.୯୮୭ | ତୁଳା ଅମନାତ୍ୟ, ପି.; ଜୟରାମ ପୂଜାରୀ, ମତୀ ଅମନାତ୍ୟ, ସ୍ୱା.: ଟଙ୍କଧର ପୂଜାରୀ, ଜା:ଅମନାତ୍ୟ, ବା: ବାଲିଗୁଡ଼ା, ଚଞ୍ଚଳା ଅମନାତ୍ୟ, ସ୍ୱା.: ଉର୍ଦ୍ଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ପୂର୍ଣ୍ଣ ଅମନାତ୍ୟ, ସ୍ୱା.: ମକର ଅମନାତ୍ୟ, ଜା: ଅମନାତ୍ୟ, ବା: ଭଗବତୀସାହି, ନବରଙ୍ଗପୁର, ଗୋପବନ୍ଧୁ ପୂଜାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପ୍ରତୀ ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଆମତା, କୋଟପାଡ଼, କୁସୁମା ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଜଗନ୍ନାଥପୁର, ନବରଙ୍ଗପୁର, ପୁଣୀ ପୂଜାରୀ, ସ୍ୱା.: କମଲୋଚନ ପୂଜାରୀ, ଚମ୍ପା ପୂଜାରୀ, ସ୍ୱା.: ତ୍ରିନାଥ ପୂଜାରୀ, ଗିରିଧର ପୂଜାରୀ, ପି.: ବେନୁ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସନମତୀ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ନବରଙ୍ଗପୁର, ପଦ୍ମା ଅମନାତ୍ୟ, ସ୍ୱା.: ବୁଦ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ଗୁରୁବାରୀ ପୂଜାରୀ, ସ୍ୱା.: ଦୁର୍ଯ୍ୟୋଧନ ପୂଜାରୀ, ଅଭି ପୂଜାରୀ, ଧନପତି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ମାଣିକ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡ଼ି, ନବରଙ୍ଗପୁର, ବ୍ରତ ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମାବୁଳା ଅମନାତ୍ୟ, ସ୍ୱା.: ପର୍ଶୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ନୀଳା ଅମନାତ୍ୟ, ସ୍ୱା.: ନବୀନ ଅମନାତ୍ୟ, ବା: ପାପଡ଼ାହାଣ୍ଡି, ରୁକୁଣା ଅମନାତ୍ୟ, ସ୍ୱା.: ଅର୍ଜ୍ଜୁନ ଅମନାତ୍ୟ, ଜା: ଅମନାତ୍ୟ, ବା: ଚଲାଣଗୁଡ଼ା, ଖଗପତି ଅମନାତ୍ୟ, ମୋତୀରାମ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: ମଝିଆ, ଗୋରୀ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା, ବୁଝ ଅମନାତ୍ୟ, ପି:ପେଡେଇ ଅମନାତ୍ୟ, ଜା:ଅମନାତ୍ୟ, ବା:ବଡାସନା, କୋଟପାଡ, ମୁସରୀଗୁଲି ଅମନାତ୍ୟ, ସ୍ୱା:ବଳରାମ ଅମନାତ୍ୟ, ଜା:ଅମନାତ୍ୟ, ବା:ତୁରୁଣ୍ଡୀ, ନବରଙ୍ଗପୁର |
| ୩୨ | କାମରା | ଗ୍ରାମାଞ୍ଚଳ | ୧୦୮/୪୨୪ | ୨୦୪/୯୩୨ | ଧାନ – ୧ | ୦.୩୦ | ୦.୩୦ | ତୁଳାବତୀ ଅମନାତ୍ୟ, ସ୍ୱା.: ପଦଲାମ ଅମନାତ୍ୟ, ଜା: ଅମନାତ୍ୟ, ବା: କାମରା |
| ୩୩ | କାମରା | ଗ୍ରାମାଞ୍ଚଳ | ୬୧ | ୨୦୫ | ବନ୍ଧ | ୦.୦୬ | ୦.୦୪୪ | ତୁଳା ଅମନାତ୍ୟ, ପି.; ଜୟରାମ ପୂଜାରୀ, ମତୀ ଅମନାତ୍ୟ, ସ୍ୱା.: ଟଙ୍କଧର ପୂଜାରୀ, ଜା:ଅମନାତ୍ୟ, ବା: ବାଲିଗୁଡ଼ା, ଚଞ୍ଚଳା ଅମନାତ୍ୟ, ସ୍ୱା.: ଉର୍ଦ୍ଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ପୂର୍ଣ୍ଣ ଅମନାତ୍ୟ, ସ୍ୱା.: ମକର ଅମନାତ୍ୟ, ଜା: ଅମନାତ୍ୟ, ବା: ଭଗବତୀସାହି, ନବରଙ୍ଗପୁର, ଗୋପବନ୍ଧୁ ପୂଜାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପ୍ରତୀ ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଆମତା, କୋଟପାଡ଼, କୁସୁମା ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଜଗନ୍ନାଥପୁର, ନବରଙ୍ଗପୁର, ପୁଣୀ ପୂଜାରୀ, ସ୍ୱା.: କମଲୋଚନ ପୂଜାରୀ, ଚମ୍ପା ପୂଜାରୀ, ସ୍ୱା.: ତ୍ରିନାଥ ପୂଜାରୀ, ଗିରିଧର ପୂଜାରୀ, ପି.: ବେନୁ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସନମତୀ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ନବରଙ୍ଗପୁର, ପଦ୍ମା ଅମନାତ୍ୟ, ସ୍ୱା.: ବୁଦ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ଗୁରୁବାରୀ ପୂଜାରୀ, ସ୍ୱା.: ଦୁର୍ଯ୍ୟୋଧନ ପୂଜାରୀ, ଅଭି ପୂଜାରୀ, ଧନପତି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ମାଣିକ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡ଼ି, ନବରଙ୍ଗପୁର, ବ୍ରତ ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମାବୁଳା ଅମନାତ୍ୟ, ସ୍ୱା.: ପର୍ଶୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ନୀଳା ଅମନାତ୍ୟ, ସ୍ୱା.: ନବୀନ ଅମନାତ୍ୟ, ବା: ପାପଡ଼ାହାଣ୍ଡି, ରୁକୁଣା ଅମନାତ୍ୟ, ସ୍ୱା.: ଅର୍ଜ୍ଜୁନ ଅମନାତ୍ୟ, ଜା: ଅମନାତ୍ୟ, ବା: ଚଲାଣଗୁଡ଼ା, ଖଗପତି ଅମନାତ୍ୟ, ମୋତୀରାମ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: ମଝିଆ, ଗୋରୀ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା, ବୁଝ ଅମନାତ୍ୟ, ପି:ପେଡେଇ ଅମନାତ୍ୟ, ଜା:ଅମନାତ୍ୟ, ବା:ବଡାସନା, କୋଟପାଡ, ମୁସରୀଗୁଲି ଅମନାତ୍ୟ, ସ୍ୱା:ବଳରାମ ଅମନାତ୍ୟ, ଜା:ଅମନାତ୍ୟ, ବା:ତୁରୁଣ୍ଡୀ, ନବରଙ୍ଗପୁର |
| ୩୪ | କାମରା | ଗ୍ରାମାଞ୍ଚଳ | ୬୧ | ୨୦୬ | ବନ୍ଧଗୁଡ଼ା | ୦.୦୪ | ୦.୦୩୬ | ତୁଳା ଅମନାତ୍ୟ, ପି.; ଜୟରାମ ପୂଜାରୀ, ମତୀ ଅମନାତ୍ୟ, ସ୍ୱା.: ଟଙ୍କଧର ପୂଜାରୀ, ଜା:ଅମନାତ୍ୟ, ବା: ବାଲିଗୁଡ଼ା, ଚଞ୍ଚଳା ଅମନାତ୍ୟ, ସ୍ୱା.: ଉର୍ଦ୍ଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ପୂର୍ଣ୍ଣ ଅମନାତ୍ୟ, ସ୍ୱା.: ମକର ଅମନାତ୍ୟ, ଜା: ଅମନାତ୍ୟ, ବା: ଭଗବତୀସାହି, ନବରଙ୍ଗପୁର, ଗୋପବନ୍ଧୁ ପୂଜାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପ୍ରତୀ ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଆମତା, କୋଟପାଡ଼, କୁସୁମା ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଜଗନ୍ନାଥପୁର, ନବରଙ୍ଗପୁର, ପୁଣୀ ପୂଜାରୀ, ସ୍ୱା.: କମଲୋଚନ ପୂଜାରୀ, ଚମ୍ପା ପୂଜାରୀ, ସ୍ୱା.: ତ୍ରିନାଥ ପୂଜାରୀ, ଗିରିଧର ପୂଜାରୀ, ପି.: ବେନୁ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସନମତୀ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ନବରଙ୍ଗପୁର, ପଦ୍ମା ଅମନାତ୍ୟ, ସ୍ୱା.: ବୁଦ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ଗୁରୁବାରୀ ପୂଜାରୀ, ସ୍ୱା.: ଦୁର୍ଯ୍ୟୋଧନ ପୂଜାରୀ, ଅଭି ପୂଜାରୀ, ଧନପତି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ମାଣିକ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡ଼ି, ନବରଙ୍ଗପୁର, ବ୍ରତ ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମାବୁଳା ଅମନାତ୍ୟ, ସ୍ୱା.: ପର୍ଶୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ନୀଳା ଅମନାତ୍ୟ, ସ୍ୱା.: ନବୀନ ଅମନାତ୍ୟ, ବା: ପାପଡ଼ାହାଣ୍ଡି, ରୁକୁଣା ଅମନାତ୍ୟ, ସ୍ୱା.: ଅର୍ଜ୍ଜୁନ ଅମନାତ୍ୟ, ଜା: ଅମନାତ୍ୟ, ବା: ଚଲାଣଗୁଡ଼ା, ଖଗପତି ଅମନାତ୍ୟ, ମୋତୀରାମ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: ମଝିଆ, ଗୋରୀ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା, ବୁଝ ଅମନାତ୍ୟ, ପି:ପେଡେଇ ଅମନାତ୍ୟ, ଜା:ଅମନାତ୍ୟ, ବା:ବଡାସନା, କୋଟପାଡ, ମୁସରୀଗୁଲି ଅମନାତ୍ୟ, ସ୍ୱା:ବଳରାମ ଅମନାତ୍ୟ, ଜା:ଅମନାତ୍ୟ, ବା:ତୁରୁଣ୍ଡୀ, ନବରଙ୍ଗପୁର |
| ୩୫ | କାମରା | ଗ୍ରାମାଞ୍ଚଳ | ୬୧ | ୨୦୭ | ଧାନ–୨ | ୦.୦୩ | ୦.୦୨୩ | ତୁଳା ଅମନାତ୍ୟ, ପି.; ଜୟରାମ ପୂଜାରୀ, ମତୀ ଅମନାତ୍ୟ, ସ୍ୱା.: ଟଙ୍କଧର ପୂଜାରୀ, ଜା:ଅମନାତ୍ୟ, ବା: ବାଲିଗୁଡ଼ା, ଚଞ୍ଚଳା ଅମନାତ୍ୟ, ସ୍ୱା.: ଉର୍ଦ୍ଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ପୂର୍ଣ୍ଣ ଅମନାତ୍ୟ, ସ୍ୱା.: ମକର ଅମନାତ୍ୟ, ଜା: ଅମନାତ୍ୟ, ବା: ଭଗବତୀସାହି, ନବରଙ୍ଗପୁର, ଗୋପବନ୍ଧୁ ପୂଜାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପ୍ରତୀ ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଆମତା, କୋଟପାଡ଼, କୁସୁମା ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଜଗନ୍ନାଥପୁର, ନବରଙ୍ଗପୁର, ପୁଣୀ ପୂଜାରୀ, ସ୍ୱା.: କମଲୋଚନ ପୂଜାରୀ, ଚମ୍ପା ପୂଜାରୀ, ସ୍ୱା.: ତ୍ରିନାଥ ପୂଜାରୀ, ଗିରିଧର ପୂଜାରୀ, ପି.: ବେନୁ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସନମତୀ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ନବରଙ୍ଗପୁର, ପଦ୍ମା ଅମନାତ୍ୟ, ସ୍ୱା.: ବୁଦ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ଗୁରୁବାରୀ ପୂଜାରୀ, ସ୍ୱା.: ଦୁର୍ଯ୍ୟୋଧନ ପୂଜାରୀ, ଅଭି ପୂଜାରୀ, ଧନପତି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ମାଣିକ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡ଼ି, ନବରଙ୍ଗପୁର, ବ୍ରତ ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମାବୁଳା ଅମନାତ୍ୟ, ସ୍ୱା.: ପର୍ଶୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ନୀଳା ଅମନାତ୍ୟ, ସ୍ୱା.: ନବୀନ ଅମନାତ୍ୟ, ବା: ପାପଡ଼ାହାଣ୍ଡି, ରୁକୁଣା ଅମନାତ୍ୟ, ସ୍ୱା.: ଅର୍ଜ୍ଜୁନ ଅମନାତ୍ୟ, ଜା: ଅମନାତ୍ୟ, ବା: ଚଲାଣଗୁଡ଼ା, ଖଗପତି ଅମନାତ୍ୟ, ମୋତୀରାମ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: ମଝିଆ, ଗୋରୀ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା, ବୁଝ ଅମନାତ୍ୟ, ପି:ପେଡେଇ ଅମନାତ୍ୟ, ଜା:ଅମନାତ୍ୟ, ବା:ବଡାସନା, କୋଟପାଡ, ମୁସରୀଗୁଲି ଅମନାତ୍ୟ, ସ୍ୱା:ବଳରାମ ଅମନାତ୍ୟ, ଜା:ଅମନାତ୍ୟ, ବା:ତୁରୁଣ୍ଡୀ, ନବରଙ୍ଗପୁର |
| ୩୬ | କାମରା | ଗ୍ରାମାଞ୍ଚଳ | ୬୨ | ୨୦୮ | ଡଙ୍ଗର – ୨ | ୦.୫୮୯ | ୦.୫୦୯ | ତୁଳା ଅମନାତ୍ୟ, ପି.; ଜୟରାମ ପୂଜାରୀ, ମତୀ ଅମନାତ୍ୟ, ସ୍ୱା.: ଟଙ୍କଧର ପୂଜାରୀ, ଜା:ଅମନାତ୍ୟ, ବା: ବାଲିଗୁଡ଼ା, ଚଞ୍ଚଳା ଅମନାତ୍ୟ, ସ୍ୱା.: ଉର୍ଦ୍ଧବ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ପୂର୍ଣ୍ଣ ଅମନାତ୍ୟ, ସ୍ୱା.: ମକର ଅମନାତ୍ୟ, ଜା: ଅମନାତ୍ୟ, ବା: ଭଗବତୀସାହି, ନବରଙ୍ଗପୁର, ଗୋପବନ୍ଧୁ ପୂଜାରୀ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପ୍ରତୀ ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଆମତା, କୋଟପାଡ଼, କୁସୁମା ଅମନାତ୍ୟ, ପି.: ଧନ ପୂଜାରୀ, ଜା: ଅମନାତ୍ୟ, ବା: ଜଗନ୍ନାଥପୁର, ନବରଙ୍ଗପୁର, ପୁଣୀ ପୂଜାରୀ, ସ୍ୱା.: କମଲୋଚନ ପୂଜାରୀ, ଚମ୍ପା ପୂଜାରୀ, ସ୍ୱା.: ତ୍ରିନାଥ ପୂଜାରୀ, ଗିରିଧର ପୂଜାରୀ, ପି.: ବେନୁ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ସନମତୀ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: କୋଇଗୁଡ଼ା, ନବରଙ୍ଗପୁର, ପଦ୍ମା ଅମନାତ୍ୟ, ସ୍ୱା.: ବୁଦ୍ଧୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜୟନ୍ତୀଗିରି, ଗୁରୁବାରୀ ପୂଜାରୀ, ସ୍ୱା.: ଦୁର୍ଯ୍ୟୋଧନ ପୂଜାରୀ, ଅଭି ପୂଜାରୀ, ଧନପତି ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ମାଣିକ ଅମନାତ୍ୟ, ସ୍ୱା.: ମଦନ ଅମନାତ୍ୟ, ଜା: ଅମନାତ୍ୟ, ବା: ମିନିଗୁଡ଼ି, ନବରଙ୍ଗପୁର, ବ୍ରତ ପୂଜାରୀ, ପି.: ଦୁର୍ଯ୍ୟୋଧନ ପୂଜାରୀ, ଜା: ଅମନାତ୍ୟ, ବା: ବାଲିଗୁଡ଼ା, ପଦ୍ମାବୁଳା ଅମନାତ୍ୟ, ସ୍ୱା.: ପର୍ଶୁ ଅମନାତ୍ୟ, ଜା: ଅମନାତ୍ୟ, ବା: ଜେନା, ଜୟପୁର, ନୀଳା ଅମନାତ୍ୟ, ସ୍ୱା.: ନବୀନ ଅମନାତ୍ୟ, ବା: ପାପଡ଼ାହାଣ୍ଡି, ରୁକୁଣା ଅମନାତ୍ୟ, ସ୍ୱା.: ଅର୍ଜ୍ଜୁନ ଅମନାତ୍ୟ, ଜା: ଅମନାତ୍ୟ, ବା: ଚଲାଣଗୁଡ଼ା, ଖଗପତି ଅମନାତ୍ୟ, ମୋତୀରାମ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: ମଝିଆ, ଗୋରୀ ଅମନାତ୍ୟ, ପି.: କୃଷ୍ଣନ ଅମନାତ୍ୟ, ଜା: ଅମନାତ୍ୟ, ବା: କଙ୍ଗାରଗୁଡ଼ା, ବୁଝ ଅମନାତ୍ୟ, ପି:ପେଡେଇ ଅମନାତ୍ୟ, ଜା:ଅମନାତ୍ୟ, ବା:ବଡାସନା, କୋଟପାଡ, ମୁସରୀଗୁଲି ଅମନାତ୍ୟ, ସ୍ୱା:ବଳରାମ ଅମନାତ୍ୟ, ଜା:ଅମନାତ୍ୟ, ବା:ତୁରୁଣ୍ଡୀ, ନବରଙ୍ଗପୁର |
| ୩୭ | କାମରା | ଗ୍ରାମାଞ୍ଚଳ | ୧୦୧ | ୨୧୧ | ଡଙ୍ଗର – ୨ | ୧.୧୨୮ | ୦.୦୧୩ | ଜମୁନା ଅମନାତ୍ୟ, ସ୍ୱା.: ରାଧାନାଥ ଅମନାତ୍ୟ, ଭଗବାନ ଅମନାତ୍ୟ, ପି.: ରାଧାନାଥ ଅମନାତ୍ୟ, ଜା: ଅମନାତ୍ୟ, ବା: ବାଲିଗୁଡ଼ା |
| ୩୮ | କାମରା | ଗ୍ରାମାଞ୍ଚଳ | ୧୦୮/୧୬୪ | ୨୬୯ | ଡଙ୍ଗର – ୨ | ୦.୬୯ | ୦.୨୫୦ | ହୀରାବତୀ ପଣ୍ଡା, ସ୍ୱା.: ଭାସ୍କର ପଣ୍ଡା, ଗୀତାଞ୍ଜଳୀ ପଣ୍ଡା, ସ୍ୱା.: ସାହେବ ପଣ୍ଡା, କେଶବ ପଣ୍ଡା, ବୃନ୍ଦାବନ ପଣ୍ଡା, ସୁରେନ୍ଦ୍ର ପଣ୍ଡା, ପି.: ଭାସ୍କର ପଣ୍ଡା, ଜା: ବ୍ରାହ୍ମଣ, ବା: କାମରା, ଗାୟତ୍ରୀ ପଣ୍ଡା, ପି.: କାର୍ତ୍ତିକ ପଣ୍ଡା, ଜା: ବ୍ରାହ୍ମଣ, ବା: ବୋରିଗୁମ୍ମା |
| ୩୯ | କାମରା | ଗ୍ରାମାଞ୍ଚଳ | ୧୦୮/୧୧୩ | ୨୬୯/୬୬୨ | ଡଙ୍ଗର – ୨ | ୦.୬୩ | ୦.୧୫୪ | ଆମୁଲୁ ପଟ୍ଟନାୟକ, ପି.: ଆପୁଲୁସ୍ୱାମୀ ପଟ୍ଟନାୟକ, ଜା: କରଣ, ବା: କାମରା |
| ୪୦ | କାମରା | ଗ୍ରାମାଞ୍ଚଳ | ୭୦ | ୨୮୨ | ଧାନ – ୧ | ୧.୪୪ | ୦.୧୧ | ମୋହନ ଗୌଡ଼, ମଧୁ ଗୌଡ଼ ଓ ଲଛମନ ଗୌଡ଼, ପି.: ବଳରାମ ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୪୧ | କାମରା | ଗ୍ରାମାଞ୍ଚଳ | ୧୦୮/୧୫୦ | ୨୮୨/୭୦୦ | ଧାନ – ୧ | ୧.୫୬ | ୦.୧୧ | ହୀରାବତୀ ପଣ୍ଡା, ସ୍ୱା.: ଭାସ୍କର ପଣ୍ଡା, ଗୀତାଞ୍ଜଳୀ ପଣ୍ଡା, ସ୍ୱା.: ସାହେବ ପଣ୍ଡା, କେଶବ ପଣ୍ଡା, ବୃନ୍ଦାବନ ପଣ୍ଡା, ସୁରେନ୍ଦ୍ର ପଣ୍ଡା, ପି.: ଭାସ୍କର ପଣ୍ଡା, ଜା: ବ୍ରାହ୍ମଣ, ବା: କାମରା, ଗାୟତ୍ରୀ ପଣ୍ଡା, ସ୍ୱା.: କାର୍ତ୍ତିକ ପଣ୍ଡା, ଜା: ବ୍ରାହ୍ମଣ, ବା: ବୋରିଗୁମ୍ମା |
| ୪୨ | କାମରା | ଗ୍ରାମାଞ୍ଚଳ | ୧୦୮/୪୧୪ | ୨୮୨/୯୨୫ | ଧାନ – ୧ | ୦.୯୫ | ୦.୧୧୪ | ପ୍ରଫୁଲ୍ଲ ନାୟକ, ପି.: ବେଣୁ ନାୟକ, ଜା: ଗଉଡ଼, ବା: କାମରା |
| ୪୩ | କାମରା | ଗ୍ରାମାଞ୍ଚଳ | ୧୦୬ | ୨୮୬ | ଧାନ – ୨ | ୦.୯୧ | ୦.୪୧୨ | ଚନ୍ଦୁ ଗଣ୍ଡା, ପି.: ବିଶ୍ୱା ଗଣ୍ଡା, ଡମାଇ ଗଣ୍ଡା, ସ୍ୱା.: ଅର୍ଜ୍ଜୁନ ଗଣ୍ଡା, ରତୀ ହରିଜନ, ପି.: ଅର୍ଜ୍ଜୁନ ଗଣ୍ଡା, ଡାଳିମ୍ବ ହରିଜନ, ସ୍ୱା.: ନୀଳକଣ୍ଠ ହରିଜନ, ମୋହନ ଗଣ୍ଡା, ପି.: ଅର୍ଜ୍ଜୁନ ଗଣ୍ଡା, ପଦ୍ମା ହରିଜନ, ସ୍ୱା.: ବ୍ରତ ଗଣ୍ଡା, ଜା: ଡମ, ବା: କାମରା, ଦଇମତୀ ହରିଜନ, ସ୍ୱା.: ସମାରୁ ହରିଜନ, ଜା: ଡମ, ବା: ବାଲିଗୁଡ଼ା, ମୁକ୍ତି ଗଣ୍ଡା, ସ୍ୱା.: ଡମ୍ବରୁଧର ଗଣ୍ଡା, ମୁରାଲି ଗଣ୍ଡା, ପି.: ଡମ୍ବରୁଧର ଗଣ୍ଡା, ହାନାହ ହରିଜନ, ସ୍ୱା.: ଶଙ୍କର ହରିଜନ, ରାମଚନ୍ଦ୍ର ଗଣ୍ଡା, ପି.: ଡମ୍ବରୁଧର ଗଣ୍ଡା, ଜା: ଡମ, ବା: ଶଶାହାଣ୍ଡି |
| ୪୪ | କାମରା | ଗ୍ରାମାଞ୍ଚଳ | ୧୦୬ | ୨୮୭ | ଧାନ – ୧ | ୦.୭୭ | ୦.୫୯୨ | ଚନ୍ଦୁ ଗଣ୍ଡା, ପି.: ବିଶ୍ୱା ଗଣ୍ଡା, ଡମାଇ ଗଣ୍ଡା, ସ୍ୱା.: ଅର୍ଜ୍ଜୁନ ଗଣ୍ଡା, ରତୀ ହରିଜନ, ପି.: ଅର୍ଜ୍ଜୁନ ଗଣ୍ଡା, ଡାଳିମ୍ବ ହରିଜନ, ସ୍ୱା.: ନୀଳକଣ୍ଠ ହରିଜନ, ମୋହନ ଗଣ୍ଡା, ପି.: ଅର୍ଜ୍ଜୁନ ଗଣ୍ଡା, ପଦ୍ମା ହରିଜନ, ସ୍ୱା.: ବ୍ରତ ଗଣ୍ଡା, ଜା: ଡମ, ବା: କାମରା, ଦଇମତୀ ହରିଜନ, ସ୍ୱା.: ସମାରୁ ହରିଜନ, ଜା: ଡମ, ବା: ବାଲିଗୁଡ଼ା, ମୁକ୍ତା ଗଣ୍ଡା, ସ୍ୱା.: ଡମ୍ବରୁଧର ଗଣ୍ଡା, ମୁରାଲୀ ଗଣ୍ଡା, ପି.: ଡମ୍ବରୁଧର ଗଣ୍ଡା, ହାନାହ ହରିଜନ, ସ୍ୱା.: ଶଙ୍କର ହରିଜନ, ରାମଚନ୍ଦ୍ର ଗଣ୍ଡା, ପି.: ଡମ୍ବରୁଧର ଗଣ୍ଡା, ଜା: ଡମ, ବା: ଶଶାହାଣ୍ଡି |
| ୪୫ | କାମରା | ଗ୍ରାମାଞ୍ଚଳ | ୧୦୮/୪୬୩ | ୨୮୭/୯୫୩ | ଧାନ – ୧ | ୦.୩୮ | ୦.୩୮ | ଦୁର୍ଲ୍ଲଭ ହରିଜନ, ପି.: ଚନ୍ଦରୁ ହରିଜନ, ଜା: ଡମ, ବା: କାମରା |
| ୪୬ | କାମରା | ଗ୍ରାମାଞ୍ଚଳ | ୧୦୮/୧୫୦ | ୨୮୮ | ଧାନ – ୩ | ୦.୨୧ | ୦.୧୮୬ | ହୀରାବତୀ ପଣ୍ଡା, ସ୍ୱା.: ଭାସ୍କର ପଣ୍ଡା, ଗୀତାଞ୍ଜଳୀ ପଣ୍ଡା, ସ୍ୱା.: ସାହେବ ପଣ୍ଡା, କେଶବ ପଣ୍ଡା, ବୃନ୍ଦାବନ ପଣ୍ଡା, ସୁରେନ୍ଦ୍ର ପଣ୍ଡା, ପି.: ଭାସ୍କର ପଣ୍ଡା, ଜା: ବ୍ରାହ୍ମଣ, ବା: କାମରା, ଗାୟତ୍ରୀ ପଣ୍ଡା, ସ୍ୱା.: କାର୍ତ୍ତିକ ପଣ୍ଡା, ଜା: ବ୍ରାହ୍ମଣ, ବା: ବୋରିଗୁମ୍ମା |
| ୪୭ | କାମରା | ଗ୍ରାମାଞ୍ଚଳ | ୧୦୮/୧୧୩ | ୨୮୮/୬୬୩ | ଧାନ – ୩ | ୦.୦୨ | ୦.୦୨ | ଆମୁଲୁ ପଟ୍ଟନାୟକ, ପି.: ଆପୁଲୁସ୍ୱାମୀ ପଟ୍ଟନାୟକ, ଜା: କରଣ, ବା: କାମରା |
| ୪୮ | କାମରା | ଗ୍ରାମାଞ୍ଚଳ | ୬୦ | ୩୦୧ | ଡଙ୍ଗର – ୨ | ୦.୫୨ | ୦.୦୨୫ | ବିଭିଷଣ ଗଉଡ଼, ଖଡରୁ ଗଉଡ଼, ପି.: ଧନୁର୍ଜୟ ଗଉନ, ଜା: ଗଉଡ଼, ବା: କାମରା |
| ୪୯ | କାମରା | ଗ୍ରାମାଞ୍ଚଳ | ୧୦୮/୯୧ | ୪୯୭ | ଧାନ – ୨ | ୦.୯୫ | ୦.୨୯୬ | ସାବିତ୍ରୀ ଗଉଡୁଣୀ, ସ୍ୱା.: ପାକୁଲୁ ନାଏକ, ଜା: ଗଉଡ଼, ବା: କାମରା |
| ୫୦ | କାମରା | ଗ୍ରାମାଞ୍ଚଳ | ୧୦୮/୫୧୯ | ୪୯୮ | ଡଙ୍ଗର – ୩ | ୦.୧୦ | ୦.୦୭୭ | ବନ ଗଉଡ଼, ପି.: ସୁକୁ ଗଉଡ଼, ଦୁର୍ଯ୍ୟୋଧନ ଗଉଡ଼, ପି.: ଲକ୍ଷ୍ମଣ ଗଉଡ଼, ଜା: ଗଉଡ଼, ବା: କାମରା |
| ୫୧ | କାମରା | ଗ୍ରାମାଞ୍ଚଳ | ୧୦୮/୪୯ | ୪୯୯ | ଧାନ – ୩ | ୦.୨୭ | ୦.୧୪୧ | ସାବିତ୍ରୀ ମିଶ୍ର, ସ୍ୱା.: ଭୁବନେଶ୍ୱର ମିଶ୍ର, ଜା: ବ୍ରାହ୍ମଣ, ବା: କାମରା |
| ୫୨ | କାମରା | ଗ୍ରାମାଞ୍ଚଳ | ୧୦୮/୧୪୩ | ୫୦୦ | ଡଙ୍ଗର – ୨ | ୦.୫୭ | ୦.୧୦୬ | ସାବିତ୍ରୀ ମିଶ୍ର, ସ୍ୱା.: ଭୁବନେଶ୍ୱର ମିଶ୍ର, ଜା: ବ୍ରାହ୍ମଣ, ବା: କାମରା |
| ୫୩ | କାମରା | ଗ୍ରାମାଞ୍ଚଳ | ୪୯ | ୫୦୧ | ଡଙ୍ଗର – ୨ | ୧.୧୨ | ୦.୦୯୭ | ନୀଳକଣ୍ଠ ଗଉଡ଼, ପି.: ଖଗପତି ଗଉଡ, ଗୁରୁବାରୀ ଗଉଡ଼, ସ୍ୱା.: ମଦନ ଗଉଡ଼, ଜା: ଗଉଡ଼, ବା: ବାଲିଗୁଡ଼ା, ପାର ଗଉଡ଼, ସ୍ୱା.: ମଧୁ ଗଉଡ଼, ଜା: ଗଉଡ଼, ବା: କଲିଆଗୁଡ଼ା, ଭଗବତୀ ଗଉଡ଼, ସ୍ୱା.: ବଳରାମ ଗଉଡ଼, ଜଗବନ୍ଧୁ ଗଉଡ଼, ପି.: ଖଗପତି ଗଉଡ଼, ଜା.: ଗଉଡ଼, ବା: ବାଲିଗୁଡ଼ା, ଗଉରୀ ଗଉଡ଼, ସ୍ୱା.: ଅର୍ଜ୍ଜୁନ ଗଉଡ଼, ଜା: ଗଉଡ଼, ବା: ପୁରୁଣା ବୋରିଗୁମ୍ମା, ବୁଦାଇ ଗଉଡ଼, ପି.: ଖଗପତି ଗଉଡ଼, ଜା: ଗଉଡ଼, ବା: କଲିଆଗୁଡ଼ା, ଚଲାଣଗୁଡ଼ା, ଲକି ଗଉଡ଼, ପି.: ବଲ୍ଲଭ ଗଉଡ଼, ଜା: ଗଉଡ, ବା: ବାଲିଗୁଡା, ବିମଳା ଗଉଡ଼, ପି.: ବଲ୍ଲଭ ଗଉଡ଼, ଜା: ଗଉଡ଼, ବା: କୁନ୍ଦ୍ରାଗୁଡ଼ା, ରାମଚନ୍ଦ୍ର ଗଉଡ଼, ପି.: ସୁକୁ ଗଉଡ଼, ଜା: ଗଉଡ଼, ବା: ବାଲିଗୁଡ଼ା, ମଙ୍ଗଳା ଗଉଡ଼, ସ୍ୱା.: ଅଭିମନ୍ୟୁ ଗଉଡ଼, ଜା: ଗଉଡ଼, ବା ; ବଡ଼ବନ୍ଧ, ଡାଳିମ୍ବ ଗଉଡ଼, ସ୍ୱା.: ନୃପ ଗଉଡ଼, ଜା: ଗଉଡ଼, ବା: ଖୁଟାଗୁଡ଼ା, ଲଳିତା ଗଉଡ଼, ସ୍ୱା.: ସନାଧର ଗଉଡ଼, ଜା: ଗଉଡ଼, ବା: ପୁରୁଣା ବୋରିଗୁମ୍ମା, ଡମ୍ବୁ ଗଉଡ଼, ପି.: ବାଲା ଗଉଡ଼, ତିଲାଡ଼ି ଗଉଡ଼, ସ୍ୱା.: ନୀଳକଣ୍ଠ ଗଉଡ଼, ଜା: ଗଉଡ଼, ବା: ଜଡ଼ିଗୁଡ଼ା |
| ୫୪ | କାମରା | ଗ୍ରାମାଞ୍ଚଳ | ୧୦୮/୪୩୭ | ୫୦୪ | ଡଙ୍ଗର – ୨ | ୩.୦୭ | ୦.୩୫୮ | କେଶବ ପଣ୍ଡା, ପି.: ଭାସ୍କର ପଣ୍ଡା, ଜା: ବ୍ରାହ୍ମଣ, ବା: କାମରା |
| ୫୫ | କାମରା | ଗ୍ରାମାଞ୍ଚଳ | ୧୦୮/୧୭୦ | ୫୦୫/୭୧୮ | ଡଙ୍ଗର – ୨ | ୧.୦୦ | ୦.୫୫୪ | ମାନ୍ଦ ହରିଜନ, ପି.: ଉଦ୍ଧବ ହରିଜନ, ଜା: ଡମ, ବା: କାମରା |
| ମୋଟ | | | | | | | ୧୪.୬୯୦ | |

OIPR-24057/14/0019/2526

Sd./- Tahasildar-cum-Spl. Land Acquisition Officer
Jeypore - Nabarangpur New B.G. Rail, Link Project, Borigumma

# କିଛିଦିନ ତଳେ ଧନ୍ୟବାଦ, ପରେ ଭେଟ୍‌ଘାଟ୍

ବଲାଙ୍ଗୀର, ୭।୧
(ବୀରେନ୍ଦ୍ର କୁମାର ଝାଙ୍କର)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ତାଙ୍କ ଆବାସିକ କାର୍ଯ୍ୟାଳୟରେ ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଗତ ୪ ତାରିଖରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଓଡ଼ିଶା ରାଜ୍ୟ ଏବଂ ବଲାଙ୍ଗୀର ଜିଲାର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଥିଲା। ବଲାଙ୍ଗୀରର ଲୋୟର ସୁକତେଲ ପ୍ରକଳ୍ପ ନିକଟରେ ଥିବା ଖେଳପଡ଼ିଆକୁ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମିଶ୍ର ପ୍ରସ୍ତାବ ଦେଇଥିଲେ। ଏହି ଅଞ୍ଚଳର ସୌନ୍ଦର୍ଯ୍ୟକରଣ ଉଦ୍ଦେଶ୍ୟରେ ଏକ ଉଦ୍ୟାନ ନିର୍ମାଣ ପାଇଁ ଆସିଥିବା ଅନୁଦାନ ଫେରିଯାଇଥିଲା। ତେଣୁ ସେହି ଅନୁଦାନରାଶି ପୁଣି ପ୍ରଦାନ କରି ଲୋୟର ସୁକ୍‌ତେଲ ଡ୍ୟାମ୍ ନିକଟରେ ଏକ ବଡ଼ ଉଦ୍ୟାନ ବା ପାର୍କ ନିର୍ମାଣ କାମ ଆରମ୍ଭ କରାଯାଉ ବୋଲି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ଆଇନମନ୍ତ୍ରୀ ନରସିଂହଙ୍କ ମଧ୍ୟରେ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କିଛିଦିନ ତଳେ ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାର ଏକ ସର୍ବଦଳୀୟ କମିଟି ଗଠନ କରିଥିଲେ। ଏହାକୁ ନରସିଂହ ସ୍ୱାଗତ କରିବା ସହ ପୂର୍ବ ସରକାରକୁ ଟାର୍ଗେଟ୍ କରିଥିଲେ। ସେ କହିଥିଲେ, ଭାଜପା ସରକାର ମହାନଦୀ ପ୍ରସଙ୍ଗରେ ସର୍ବଦଳୀୟ କମିଟି ଗଠନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ କଂଗ୍ରେସର ବରିଷ୍ଠ ନେତା ଆସି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କରିଥିବା ଆଲୋଚନାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବିକଶିତ ଓଡ଼ିଶା ଦକ୍ଷ ଯୁବପିଢ଼ିଙ୍କ ଦ୍ୱାରା ଗଠନ ହୋଇପାରିବ

## ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୭।୧ (ସୁଚିସ୍ମିତା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଓଡ଼ିଶା ସ୍କିଲ୍ସ ୨୦୨୫-୨୬ ପ୍ରତିଯୋଗିତାକୁ ବୁଧବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଦକ୍ଷତା ବିକାଶ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ରୂପାନ୍ତରଣର ମୁଖ୍ୟ ଅଂଶ। ଓଡ଼ିଶା ସ୍କିଲ୍ସ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଉତ୍କର୍ଷ ମନୋବୃତ୍ତି ବୃଦ୍ଧି କରିପାରୁଛି। ବିକଶିତ ଓଡ଼ିଶା ଦକ୍ଷ, ଆତ୍ମବିଶ୍ୱାସୀ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ମନୋବୃତ୍ତି ଥିବା ଯୁବପିଢ଼ିଙ୍କ ଦ୍ୱାରା ଗଠନ ହୋଇପାରିବ। ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତାରେ ଏହାର ପ୍ରତିଫଳନ ଦେଖିବାକୁ ମିଳେ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୫୦୦ରୁ ଅଧିକ ଯୁବ ପ୍ରତିଯୋଗୀଙ୍କୁ ଏକାଠି କରିଛି। ସେମାନେ ଶିଳ୍ପର ଆବଶ୍ୟକତା ତଥା ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ସହ ୪୯ଟି ଦକ୍ଷତା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜେତାମାନେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହିତ ପରବର୍ତ୍ତୀ ସମୟରେ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦୁଇବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତାକୁ ସ୍କିଲ୍ ଅଲିମ୍ପିକ୍ସ ବୋଲି ମଧ୍ୟ କୁହାଯାଏ। ଚଳିତବର୍ଷ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦକ୍ଷତା ବର୍ଗରେ ଓଡ଼ିଶା ସ୍କିଲ୍ସର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଆସ୍ୱାୟାର ଯୋଜନା ଅଧୀନରେ 'ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର' ପ୍ରଦାନ କରାଯିବ।

# ୧୧ ଓଇଏସ୍ ଅଧିକାରୀଙ୍କୁ ପଦୋନ୍ନତି ପରେ ନୂଆ ଦାୟିତ୍ୱ

ଭୁବନେଶ୍ୱର,୭।୧(ସୁଚିସ୍ମିତା ସାହୁ)

## ଜଗନ୍ନାଥ ଧାରୁଆ ହେଲେ ସମ୍ବଲପୁର ଆର୍‌ଡିଇ ଉପନିର୍ଦ୍ଦେଶକ

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ୧୧ଜଣ ଓଡ଼ିଶା ଶିକ୍ଷା ସେବା (ଓଇଏସ୍ କନିଷ୍ଠ) ଅଧିକାରୀଙ୍କୁ ବରିଷ୍ଠ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏଥିସହ ବଦଳି କରାଯାଇ ନୂଆ ଦାୟିତ୍ୱ ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନବରଙ୍ଗପୁର ଚନ୍ଦାହାଣ୍ଡିର ବିଇଓ ଜଗନ୍ନାଥ ଧାରୁଆଙ୍କୁ ପଦୋନ୍ନତି ପରେ ବଦଳି କରାଯାଇ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ( ଆର୍‌ଡିଇ) କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। କଳାହାଣ୍ଡି ଜିଲା ନର୍ଲାର ବିଇଓ ତପିମଣି ଜାନୀଙ୍କୁ କଳାହାଣ୍ଡି ଏଡିଇଓ ଓ ନନ୍ଦାହାଣ୍ଡି ବିଇଓ ଶ୍ରୀକାନ୍ତ ଜାନୀଙ୍କୁ ନବରଙ୍ଗପୁର ଏଡିଇଓ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେହିପରି ଖୋର୍ଦ୍ଧା ବେଗୁନିଆର ବିଇଓ ଭାସ୍କର ଲେଙ୍କାଙ୍କୁ ପଦୋନ୍ନତି ଦିଆଯାଇ ବୌଦ୍ଧ ଏଡିଇଓ ଭାବେ ଅବସ୍ଥାପିତ କରାଯାଇଥିବାବେଳେ କୋରାପୁଟ ନାରାୟଣ ପାଟଣା ବିଇଓ ସୁପ୍ରିୟା ନାୟକଙ୍କୁ ନବରଙ୍ଗପୁର ଏଡିଇଓ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ହେମ୍ବ୍ରମଙ୍କୁ ପୁରୀ ଏଡିଇଓ, ବରଗଡ଼ ସୋହେଲାର ବିଇଓ ଅମୃତ ସାହୁଙ୍କୁ ବରଗଡ ଏଡିଇଓ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ଭଦ୍ରକ ଧାମନଗର ବିଇଓ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଭଦ୍ରକ ଏଡିଇଓ, ପୁରୀ ବ୍ରହ୍ମଗିରିର ବିଇଓ ଆଲୋକ କୁମାର ବନ୍ଧଙ୍କୁ ଜୟପୁର ଏଡିଇଓ, କଟକ ସାଲେପୁରର ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ଜଗତ୍‌ସିଂପୁର ଏଡିଇଓ ଏବଂ ଭୁବନେଶ୍ୱର ଡିଇଇ କାର୍ଯ୍ୟାଳୟର ସହନିର୍ଦ୍ଦେଶକ ଶକୁନ୍ତଳା କିଶାନଙ୍କୁ ଝାରସୁଗୁଡା ଏଡିଇଓ ଭାବେ ବଦଳି କରାଯାଇ ନୂଆ ଦାୟିତ୍ୱ ମିଳିଛି।

# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ତହସିଲ, ମେଣ୍ଢାଶାଳ ମୌଜାରେ ଏ୨.୦୦୦ ଜମି ବିକ୍ରିହେବ। ଯୋଗାଯୋଗ ନଂ.- 7855868176. D-60988

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




Wellness relax body massage & jointpain treatment by traind therapist. 7008773793. D-3034

**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

By virtue of an affidavit sworn before Executive Magistrate, Kujang, dated- 6.11.2025, I, Bairagi Samal, Address: At- Fatepur, P.O- Gopiakud, P.S.- Kujang, Dist.- Jagatsinghpur, PIN-754141, Odisha declare that I have changed the name of my daughter from Divyasa Samal to B S Divyasa. Henceforth, she shall be known as B S Divyasa for all purposes.
Bairagi Samal
D-3055

I, Nikhil Biswas, S/o.- Late Baidyanath Biswas, Resident of Patra Para, P.O./P.S.- Hanskhali, Dist.- Nadia, PIN-741505, WB declare by this Affidavit No. 124, Dated- 06.01.2026, that now onwards I shall be known as Nikhil Chandra Biswas for all future purposes. D-3060

By virtue of affidavit No.- 07 sworn in before Notary, Bargarh, (Odisha), dtd.- 11.12.2025, I, SRI DIGBIAJY DAS, S/o.- TRAILOKYA NATH DAS, permanent resident of At/ P.O.- Puruna Balasore, P.S.- Balasore, Odisha do hereby declare that from now onwards I shall be known as SRI DIGBIJAY DAS for all purposes. D-3056

By virtue of an affidavit sworn before Executive Magistrate, Kantapada, dated- 6.01.2026, I, Mohammed Rafik, son of Suja Saha, At/P.O.- Bairoi, P.S.- Olatpur, Dist.- Cuttack, Odisha, PIN- 754010 declare that I have changed my name from MD Rafik to Mohammed Rafik. Henceforth, I shall be known as Mohammed Rafik for all purposes.
Mohammed Rafik
D-3057

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, dated- 31.10.2025, I, Archita Priyadarshanee, Address: At- Nuasahi, Karagola, Sasapasi, P.O.- Karagola, Dist.- Dhenkanal declare that I have changed the name of my daughter from Poornanshi Pratihari to Poornanshi Samal. Henceforth, she shall be known as Poornanshi Samal for all purposes.
Archita Priyadarshanee
D-3059

BY VIRTUE OF AN AFFIDAVIT SWORN BEFORE NOTARY PUBLIC, BHUBANESWAR, DTD.- 05.01.2026, I, JHILLI SENAPATI, ADDRESS: AT- RATHIJEMA, P.O.- BALAKATI, P.S.- BALIANTA, DIST.- KHURDA, ODISHA, PIN- 752100 DECLARE THAT I HAVE CHANGED THE NAME OF MY SON FROM ANKIT SENAPATI (OLD NAME) TO PRIYANSHU SENAPATI (NEW NAME). HENCEFORTH, HE SHALL BE KNOWN AS PRIYANSHU SENAPATI FOR ALL PURPOSES.
APPLICANT NAME
JHILLI SENAPATI
D-230

DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF JUDGE, FAMILY COURT, SAMBALPUR.
CIVIL PETITION CASE NO. 44 OF 2025
Kabita Nayak ........Petitioner
Versus
Kanhu Charan Rout .....Respondent
To,
Sri Kanhu Charan Rout, S/o.- Late Bansidhar Rout, aged about 65 years, Occupation: Private Service, At /P.O.- Kaduapara, P.S./Dist.- Jagatsinghpur, PIN-754103 (Odisha).
NOTICE U/O 5 RULE 20 OF C.P.C

The above petitioner has filed the above case against you for dissolution of marriage and you are avoiding to receive the notices.

You are hereby directed to appear in this court in person or by a pleader duly instructed on the 19th day of January, 2026 at 10.30 A.M. in the fore noon to show cause against the said petitioner failing which the said petition will be heard and determined exparte.

Given under my hand and seal of the court this the 18th day of Dec, 2025.
S/d.- Judge, Family Court, Sambalpur
D-2053

IN THE COURT OF JUDGE FAMILY COURT, BALANGIR
C.P.(Mat.) NO. 86 of 2024
Amit Kumar Sahu .........Petitioner
Vs.
Swapna Sahu ........Respondent
NOTICE
UNDER ORDER 5 RULE 20 (1) OF CPC
Smt. Swapna Sahu, W/O.- Amit Sahu, R/O- Vill.- Sadaipali, P.O.- Rajendra College, P.S./CJS/Dist.- Balangir

Take notice that the petitioner Amit Ku. Sahu has filed a proceeding under section 13 of Hindu Marriage Act against you. You are hereby noticed to appear before the court in person or by a pleader duly well instructed and able to answer all materials relating to this proceeding on 28.01.2026 and in default of your appearance on the day as mentioned, the proceeding will be heard and determined in your absence.

Given under my hand and the seal of court, this 5th day of December 2025.
By order
S/d.- Judge Family Court, Balangir
D-2054

ଶ୍ରୀଯୁକ୍ତ ସିଭିଲ ଜଜ୍, ସିନିୟର ଡିଭିଜନ, ଦ୍ୱିତୀୟ କୋର୍ଟ, କଟକ
ସୁଟ ନଂ୧୦୮ମ୍ବର ସ୍ମ ୨୦୧୮ ମସିହା
ଅଶୋକ କୁମାର ମୁଦୁଲି ........... ଦରଖାସ୍ତକାରୀ
ବନାମ
ବାଉରୀବନ୍ଧୁ ମୁଦୁଲି ଓଗେର ........ ଅପରପକ୍ଷମାନେ
ଅର୍ଡର ୫ ରୁଲ ୨୦ ଅନୁଯାୟୀ ନୋଟିସ
୪. ମାଳତୀ ମୁଦୁଲି, ବୟସ ବ୮୦ର୍ଷ, ସ୍ୱାମୀ- ସ୍ୱର୍ଗତ ନିଳମଣୀ ମୁଦୁଲି, ପିତା- ସ୍ୱର୍ଗତ ଦୈତାରୀ ମୁଦୁଲି, ସା- ଭୟରିପୁର, ଜିଲ୍ଲା- ପୁରୀ, ୫. ସରସ୍ୱତୀ ମୁଦୁଲି, ବ୫୦ର୍ଷ, ସ୍ୱାମୀ- ରାମ ଚନ୍ଦ୍ର ମୁଦୁଲି, ପିତା- ସ୍ୱର୍ଗତ ଅପର୍ତି ମୁଦୁଲି, ସା- ନାଗପୁର, ଜିଲ୍ଲା- ପୁରୀ, ୭. ଯମୁନା ମୁଦୁଲି, ବ୬୦ର୍ଷ, ସ୍ୱାମୀ- ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ମୁଦୁଲି, ପିତା- ସ୍ୱର୍ଗତ ମଧୁ ମୁଦୁଲି, ସା- ଜଲାରପୁର୍, ଜିଲ୍ଲା- କଟକ, ୮. ଭାନୁ ମୁଦୁଲି, ବ୪୭ର୍ଷ, ସ୍ୱାମୀ- ବୃନ୍ଦାବନ ମୁଦୁଲି, ପିତା- ମଧୁ ମୁଦୁଲି, ସା- ନୂଆପିତପଡା, ଜିଲ୍ଲା- କଟକ, ୯. ଧୀରେନ୍ଦ୍ର ମୁଦୁଲି, ବ୨୮ର୍ଷ, ପିତା- ସ୍ୱର୍ଗତ ଗଙ୍ଗାଧର ମୁଦୁଲି, ସା- ବନମାଳୀପୁର (କଙ୍କଡଗଡିଆ), ଜିଲ୍ଲା- କଟକ, ୧୧. ଭାରତୀ ମୁଦୁଲି, ବ୩୩ର୍ଷ, ସ୍ୱାମୀ- ବିନୋଦ ମୁଦୁଲି, ପିତା- ସ୍ୱର୍ଗତ ଗଙ୍ଗାଧର ମୁଦୁଲି, ସା- ନୂଆପିତପଡା, ଜିଲ୍ଲା- କଟକ,୧୨. ଆରତୀ ମୁଦୁଲି, ବ୩୧ର୍ଷ, ସ୍ୱାମୀ- ପ୍ରଶାନ୍ତ ମୁଦୁଲି, ପିତା- ସ୍ୱର୍ଗତ ଗଙ୍ଗାଧର ମୁଦୁଲି, ସା- ନନ୍ଦିପୁର, ଜିଲ୍ଲା- ପୁରୀ।

ଏହି କୋର୍ଟରୁ ଆପଣମାନଙ୍କୁ ଉପରଲିଖିତ ଠିକଣାରେ ନୋଟିସ ପଠାଯାଇଥିଲା। ଉକ୍ତ ନୋଟିସ ଏହି ଗ୍ରାମରେ ଏପରି କୌଣସି ବ୍ୟକ୍ତି ନାହାନ୍ତି ବୋଲି ମନ୍ତବ୍ୟ ଥାଇ ନୋଟିସ ଫେରି ଆସିଲା।

ତେଣୁ ଖବରକାଗଜ ମାଧ୍ୟମରେ ଆପଣମାନଙ୍କୁ ମୋକଦ୍ଦମା ବାବଦରେ ଓ ଧାର୍ଯ୍ୟ ତାରିଖ ଜଣାଇ ଦେବାକୁ ବାଦୀ ଆମ୍ଭ ଅଦାଲତରେ ଦରଖାସ୍ତ କରିବାରେ ଆମ୍ଭେ ବାଦୀଙ୍କୁ ଖବରକାଗଜ ମାଧ୍ୟମରେ ନୋଟିସ ପ୍ରକାଶ କରିବାକୁ ଅନୁମତି ପ୍ରଦାନ କରି, ଆପଣମାନଙ୍କୁ ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ଉକ୍ତ ମୋକଦ୍ଦମା ଆସନ୍ତା ୩୦।୦୧।୨୦୨୬ ତାରିଖକୁ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ତେଣୁ ଆପଣମାନେ ଖବରକାଗଜ ନୋଟିସ ପରେ ଆପଣମାନେ ସ୍ୱୟଂ କିମ୍ବା ଓକିଲଙ୍କ ଜରିଆରେ ଧାର୍ଯ୍ୟ ତାରିଖ ଦିନ ହାଜର ହୋଇ ମୋକଦ୍ଦମା ତଦାରଖ କରିବେ। ଆପଣ ଧାର୍ଯ୍ୟ ତାରିଖରେ ହାଜର ନହେଲେ ଆପଣଙ୍କ ଗର ହାଜିରାରେ ମୋକଦ୍ଦମା ଫଇସଲା କରାଯିବ।
ଅଦ୍ୟ ତା.୦୩।୦୧।୨୦୨୬ରିଖ ଆମ୍ଭର ଦସ୍ତଖତ ଓ ଅଦାଲତଙ୍କ ମୋହର କ୍ରମେ ଜଣାଇ ଦିଆଗଲା ।
ସ୍ୱା./- ବରିଷ୍ଠ ସିଭିଲ ଜଜ୍, କଟକ
ଧ-୩୦୫୨

ମାନ୍ୟବର ଅତିରିକ୍ତ ଆୟୁକ୍ତ ଅତିରିକ୍ତ ରିଭିଜନ ଅଦାଲତ ନମ୍ବର - ୩, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ,ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ଆର. ପି. ମୋକଦ୍ଦମା ନମ୍ବର - ୫୬୪/୨୦୧୫
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ନୋଟିସ
( ସି.ପି.ସି. ଅର୍ଡ଼ର ୫ ରୁଲ ୨୦ ମୁତାବକ )
ଦେବସ୍ମିତା ପାଣି, ୪୧, ସ୍ୱାମୀ- ତାରେଶ୍ୱର ପାଣି, ସା/ପୋ- ଗୋଳଗୋଳା, ଥା/ଜି- ନୟାଗଡ଼ ....................ବାଦୀନୀ
ବନାମ
ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.- ୩. କାଳନ୍ଦୀ ପରିଡା,ପି- ଫକୀର ପରିଡା, ୪. କୁନ୍ତଳା ପରିଡା, ସ୍ୱାମୀ- ଫକୀର ପରିଡା, ୬. ସ୍ୱର୍ଣ୍ଣଲତା ପରିଡା, ୮. ବୁଲେଇ ପରିଡା, ପ୍ରତିବାଦୀ ନଂ.- ୬ ଓ ୮ ଙ୍କର ପିତା- ଦେବରାଜ ପରିଡା, ୧୧. ସୁକାନ୍ତି ପରିଡା,୧୨. ମଞ୍ଜୁଲତା ପରିଡା, ପ୍ରତିବାଦୀ ନଂ.- ୧୧ ଓ ୧୨ଙ୍କର ପିତା- ପିର ପରିଡା, ୧୩. ସାରିଆ ପରିଡା, ସ୍ୱାମୀ- ପିର ପରିଡା, ୧୬. ପଦ୍ମଲୋଚନ ପରିଡା, ପିତା- ଗଙ୍ଗାଧର ପରିଡା, ୨୦. ଚୁନି ପରିଡା, ପିତା- ଲକ୍ଷ୍ମୀଧର ପରିଡା, ୨୪. ପ୍ରଫୁଲ୍ଲ ପରିଡା, ୨୫. ଶୈଳ ପରିଡା, ୨୪ ଓ ୨୫ଙ୍କ ପିତା- ରାଜକିଶୋର ପରିଡା, ୨୭. ପ୍ରମୋଦିନୀ ପରିଡା, ୨୮. ସୌଦାମିନୀ ପରିଡା, ୨୯. ପଦ୍ମିନୀ ପରିଡା, ୩୦. ସରୋଜିନୀ ପରିଡା, ୨୭ ରୁ ୩୦ଙ୍କ ପିତା- ହାଲୁ ପରିଡା, ୩୧. ଭବାନୀ ପରିଡା, ପିତା- କୁମର ପରିଡା, ୩୪. ସୁବାନୀ ପରିଡା, ୩୫. କାମିନୀ ପରିଡା, ପ୍ରତିବାଦୀ ନଂ.- ୩୪ ଓ ୩୫ ପିତା- ବାଞ୍ଛା ପରିଡା, ୩୭. ମା ରାଜ ରାଜେଶ୍ୱରୀ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରୋପ୍ରାଇଟର
ସ୍ମୃତି ରଞ୍ଜନ ପାଢି, ପିତା- ରାମଚନ୍ଦ୍ର ପାଢି, ପ୍ଲଟ୍ ନଂ.- ୧୭୦, କେନାଲ ରୋଡ, ବମିଖାଲ, ଥା-ଲକ୍ଷ୍ମୀସାଗର, ଜି- ଖୋର୍ଦ୍ଧା ..........ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ବାଦୀନୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦାଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ ଦାଖଲ କରିଛନ୍ତି। ଉକ୍ତ ପ୍ରତିବାଦୀଙ୍କୁ ପୁଞ୍ଜିକୃତି ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ନୋଟିସ ଜାରି ନହୋଇ ପ୍ରତିବାଦୀ ନଂ.- ୩, ୪ ଓ ୧୬ ମୃତ ଦର୍ଶାଯାଇ ଓ ଅନ୍ୟ ମାନଙ୍କର ବିଭିନ୍ନ କାରଣ ଦର୍ଶାଯାଇ ଫେରିଆସିଅଛି। ଇତିମଧ୍ୟରେ ଉକ୍ତ କେସର ଶୁଣାଣି ଆସନ୍ତା ତା.୦୩.୦୨.୨୦୨୬ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇ ଅଛି। ଜମିର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା।
ଜମିର ବିବରଣୀ
ମୌଜା- ଭାତକୁରି, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା
ସାବକ: ଖାତା ନଂ.- ୮୧, ପ୍ଲଟ୍ ନଂ.- ୧୧୭, ରକବା- ଏ.୦.୦୪୭ଡ଼ି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନଂ.- ୩୩୫, ପ୍ଲଟ୍ ନଂ.- ୪୫୮, ରକବା- ଏ.୦.୦୪୭ଡ଼ି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ପ୍ରତିବାଦୀ ନଂ.- ୩, ୪ ଓ ୧୬ଙ୍କ ଉତ୍ତରାଧିକାରୀମାନେ ଓ ଅନ୍ୟ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରି ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୦୫୧

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପରଦା ପଛରେ...

## କ୍ଷୁଦ୍ର ଚଳଚ୍ଚିତ୍ରର ଚାହିଦା ରହିଛି

**ସେ ଏକାଧାରରେ କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ମାଣ ଏବଂ ନିର୍ଦ୍ଦେଶକ। ତେବେ ନିଜର ଏଭଳି କ୍ୟାରିୟର ବିଷୟରେ ରାଜଗୋପାଳ ସିଂ (ମଣ୍ଟୁ) ଯାହା କହନ୍ତି...**

‘‘ମନୋରଞ୍ଜନର ଅନ୍ୟତମ ମାଧ୍ୟମ ହେଉଛି ସିନେମା। ଅନ୍ୟପକ୍ଷରେ କ୍ଷୁଦ୍ର ଚଳଚ୍ଚିତ୍ର ବା ଶର୍ଟ ଫିଲ୍ମର ଚାହିଦା ପୂର୍ବରୁ ଥିଲା ଏବେ ରହିଛି ଏବଂ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି ପ୍ରଯୋଜକ ତଥା ନିର୍ଦ୍ଦେଶକ ରାଜଗୋପାଳ ସିଂ ଓରଫ ମଣ୍ଟୁ।’’ ଇତିମଧ୍ୟରେ ସେ ବେଶ୍ କେତୋଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବା ସହ ନିର୍ଦ୍ଦେଶନା ଦେଇସାରିଛନ୍ତି। ତା’ସହ ସେଗୁଡିକ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି। ବର୍ତ୍ତମାନ ସେ ଚପଲ ଏବଂ ସିନିଅର ସିଟିଜେନ୍ ବା ବରିଷ୍ଠ ନାଗରିକଙ୍କ ଜୀବନୀକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରୁଛନ୍ତି। ତା’ସହ ଆଉ ୨-୩ଟି ଶର୍ଟ ଫିଲ୍ମର ପ୍ରାରମ୍ଭିକ


ରାଜଗୋପାଳ ସିଂ

କାମ ସମାନ୍ତରାଳ ଭାବରେ ଚାଲିଛି। ଏ ବିଷୟରେ ରାଜଗୋପାଳ କହନ୍ତି, ‘‘କ୍ଷୁଦ୍ର ଚଳଚ୍ଚିତ୍ରରେ ଅନେକ ସାମାଜିକ ବାର୍ତ୍ତା ରହିଥାଏ। ଦୂରଦର୍ଶନରେ ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ଆଉ ତା’ପରେ ନିଜ ଚିନ୍ତାଧାରାକୁ ଆଗକୁ ଆଗେଇ ନେଉଛି। ଶର୍ଟ ଫିଲ୍ମଟି ଏକରୁ ଦଶ ମିନିଟ୍ ବିଶିଷ୍ଟ ହେଉ-ସବୁବେଳେ ନିର୍ଦ୍ଦେଶକ ଏବଂ କ୍ୟାମେରାମ୍ୟାନ୍ ଭାବରେ ନିଜର କନସେପ୍ଟ ପ୍ରତି ମୁଁ ତୀକ୍ଷ୍ଣ ନଜର ରଖିଥାଏ। ଏଥିପାଇଁ ବିଶିଷ୍ଟ ସିନେ ସମୀକ୍ଷକ ଦିଲୀପ ହାଲି, ପ୍ରଦୋଷ ପଟ୍ଟନାୟକ, ରବୀନ୍ଦ୍ର ବିଶ୍ୱାଳ ଏବଂ ସୋରେନ୍ ମହାପାତ୍ରଙ୍କ ପ୍ରେରଣାକୁ ସର୍ବାଗ୍ରେ ସ୍ମରଣ କରିବି।’’ ତାଙ୍କ ନିର୍ମିତ ଏବଂ ନିର୍ଦ୍ଦେଶିତ ପ୍ରମୁଖ ଶର୍ଟ ଫିଲ୍ମଗୁଡିକ ହେଲା-‘ଗିଫ୍ଟଡେ ଇନଫାରମିଟି’, ‘ସି (She) ଟିଚର୍ସ’ ଏବଂ ‘ଗୋଟିଏ ଫୁଲ କୋଟିଏ କଥା’।


ରିତେଶ-ଜେନେଲିଆ

# ପୁଣି ଥରେ ରିତେଶ-ଜେନେଲିଆ

ଥରେ ମନେ ପକାନ୍ତୁ ନା ସେହି ସୁପରହିଟ୍ ଫିଲ୍ମ ‘ତୁଝେ ମେରି କସମ’କୁ। ୨୦୦୩ରେ ଏହି ଫିଲ୍ମ ପରଦା ଉପରକୁ ଆସିଥିଲା। ଖାସ୍ କଥା ହେଲା ନବାଗତ ରିତେଶ ଦେଶମୁଖ ଏବଂ ଜେନେଲିଆ ଡିସୌଜାଙ୍କୁ ଏଥିରେ ବ୍ରେକ୍ ମିଳିଥିଲା। ଟିନ୍-ଏଜ ଲଭ ଷ୍ଟୋରିକୁ ଆଧାର କରି ପ୍ରସ୍ତୁତ ଫିଲ୍ମଟି ବକ୍ସ ଅଫିସରେ ଆଶାତୀତ ବିଜନେସ କରିବା ସହ ଏହି ନୂଆ ଯୋଡିଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ମାତ୍ର ୩ କୋଟି ବଜେଟରେ ପ୍ରସ୍ତୁତ ଏହି ଚିତ୍ର ପ୍ରଥମ ରାଉଣ୍ଡରେ ୧୩କୋଟି ଏବଂ ଦ୍ୱିତୀୟ ରାଉଣ୍ଡରେ କୋଟିଏରୁ ଊର୍ଦ୍ଧ୍ୱ ବିଜନେସ କରିଥିଲା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ କେ.ବିଜୟ ଭାସ୍କର। ଏହାପରେ ରିତେଶ-ଜେନେଲିଆ ଯୋଡି ‘ମସ୍ତି’, ‘ତେରେ ନାଲ ଲଭ୍ ହୋଗୟା’, ‘ମିଷ୍ଟର ମମ୍ମି’ ଏବଂ ‘ମରାଠୀ ଫିଲ୍ମ ‘ଭେଦ୍’ରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ। ଆଉ ଏବେ ଏହି ଯୋଡିକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। କାରଣ କ’ଣ ଜାଣନ୍ତି ? ନିର୍ମାଣାଧୀନ ହିନ୍ଦୀ ସିନେମା ‘ରାଜା ଶିବାଜୀ’ରେ ଦୁହେଁ ପୁଣି ଥରେ ଏକତ୍ର ଅଭିନୟ କରୁଛନ୍ତି। କେବଳ ସେତିକି ନୁହେଁ, ଏଥର ରିତେଶ ଆଉ ଏକ ଗୁରୁ ଦାୟିତ୍ୱ ତୁଲାଇଛନ୍ତି। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସେ। ଏ ବିଷୟରେ ସେ କହନ୍ତି, ‘‘ଛତ୍ରପତି ଶିବାଜୀଙ୍କ ଯୁବାବସ୍ଥାକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଯେତେବେଳେ ଏଭଳି ଏକ ଐତିହାସିକ ବିଷୟବସ୍ତୁକୁ ଚଳଚ୍ଚିତ୍ର ରୂପାୟନ ବିଷୟରେ ଚିନ୍ତା କଲି ସେତେବେଳେ ଜେନେଲିଆ ମୋତେ ଅନେକ ସହଯୋଗ କରିଥିଲେ। ଏହାର କାହାଣୀ ମଧ୍ୟ ନିଜେ ରଚନା କରିଛି। ତା’ସହ ନିର୍ଦ୍ଦେଶନା ପରି ଦାୟିତ୍ୱ ମଧ୍ୟ ତୁଲାଇଛି। ଟାଇଟଲ ଭୂମିକାରେ ନିଜେ ଅଭିନୟ କରିଛି। ଏହି ମଲଟି ଷ୍ଟାରର ଫିଲ୍ମ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।’’ ଏହି ଫିଲ୍ମରେ ସଲମାନ ଖାନ୍, ଅଭିଷେକ ବଚ୍ଚନ, ସଞ୍ଜୟ ଦତ୍ତ, ମହେଶ ମଞ୍ଜରେକର, ଭାଗ୍ୟଶ୍ରୀ, ଫରଦିନ୍ ଖାନ୍ ପ୍ରମୁଖ ଅଭିନୟ କରିଛନ୍ତି। ଚିତ୍ରଟି ଚଳିତ ବର୍ଷ ମେ ପହିଲାରେ ରିଲିଜ ହେବାର ଯୋଜନା ରହିଛି।


ମୃଣାଳ

# ମନେପକାନ୍ତି ମୃଣାଳ

ମୃଣାଳ ଠାକୁର ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଗୋଟିଏ ଆଶା ଥିଲା। ଭବିଷ୍ୟତରେ ଜଣେ ଷ୍ଟଣ୍ଟ ଓ୍ୱମ୍ୟାନ ହେବାକୁ ଆଶା ରଖିଥିଲେ। ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା। ପରବର୍ତ୍ତୀ ସମୟରେ ସେ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଥିଲେ। ଆପଣ ଜାଣନ୍ତି କି- ମୃଣାଳ ପାଠପଢ଼ାରେ ଡବଲ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ବି.ଟେକ୍ ଏବଂ ପରେ ମାସ ମିଡିଆ କମ୍ୟୁନିକେଶନରେ ଡିଗ୍ରୀ ପାଇଛନ୍ତି। ଏହି ସମୟରେ ସେ ଜଣେ ମେଧାବୀ ଛାତ୍ର ଥିଲେ। ପାଠପଢ଼ିବା ସମୟରେ ପ୍ରଥମେ ଛୋଟ ପରଦାରେ ମୁହଁ ଦେଖାଇଥିଲେ ସେ। ଏକଦା ଏଥିପାଇଁ ତାଙ୍କୁ କଲେଜରେ କମ୍ ଉପସ୍ଥାନର ସାମନା କରିବାକୁ ପଡିଥିଲା। ଅଭିନୟ ସମୟରେ ସେ ବଲିଉଡ୍‌ରେ ଏକ ବଡ ସୁଯୋଗକୁ ହାତଛଡା କରିଥିଲେ। ଆମୀର ଖାନ୍‌ଙ୍କ ଅଭିନୀତ ‘ଥଗ୍‌ସ ଅଫ ହିନ୍ଦୁସ୍ଥାନ’ରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ହାତଛଡା କରିଥିଲେ।

# ଦିନ ଗଣୁଛନ୍ତି ସାରା

ସାରା ଅଲ୍ଲୀ ଖାଁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ଚଳିତ ବର୍ଷ ତାଙ୍କ ଅଭିନୀତ ‘ପତି ପତ୍ନୀ ଔର ୱୋ ଦୋ’ ରିଲିଜ ଅପେକ୍ଷାରେ ଅଛି। ଆଉ ଏହି ଚିତ୍ରର ସଫଳତାକୁ ନେଇ ଢେର ଆଶା ବାନ୍ଧିଛନ୍ତି ସେ। ଏଥିରେ ସେ ଆୟୁଷ୍ମାନ ଖୁରାନାଙ୍କ ଅପୋଜିଟ୍‌ରେ ଅଭିନୟ କରୁଛନ୍ତି। ଏ ବିଷୟରେ ସାରା କହନ୍ତି, ‘‘ଏହି ଫିଲ୍ମର କାହାଣୀ ଯେତେବେଳେ ମୁଁ ଶୁଣିଲି ଆଉ ମୋ ଭୂମିକା ବିଷୟରେ ଜାଣିଲି ସେତେବେଳେ ମୋର ହୃଦବୋଧ ହୋଇଥିଲା ଯେ ଏହି ସିନେମା ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। ଏହାର ଶୁଟିଂ ସମୟରେ ଆୟୁଷ୍ମାନ ମୋତେ ବେଶ୍ ସହଯୋଗ କରିଛନ୍ତି। ବର୍ତ୍ତମାନର ସମାଜ ପାଇଁ ଏଥିରେ ଅନେକ ବାର୍ତ୍ତା ରହିଛି। ବେଶ୍ ଉତ୍ସୁକତାର ସହ ମୁଁ ଏହି ଫିଲ୍ମଟିର ରିଲିଜକୁ ଅପେକ୍ଷା କରିଛି।’’ ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୁଦାସର ଅଜିଜ। ଏହି ସିନେମା ଚଳିତବର୍ଷ ମାର୍ଚ୍ଚ ୪ରେ ରିଲିଜ ହେବାର ଯୋଜନା ରହିଛି। ସାରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୮ରେ ଆଉ ଡେବ୍ୟୁ ଫିଲ୍ମଟି ଥିଲା ‘କେଦାରନାଥ’। ସେହି ବର୍ଷ ମଧ୍ୟ ସେ ଅଭିନୟ କରିଥିବା ‘ସିମ୍ବା’ ମଧ୍ୟ ପରଦା ଉପରକୁ ଆସିଥିଲା। ଅନ୍ୟପକ୍ଷରେ ସେ ତାଙ୍କର ଆଠ ବର୍ଷର ଅଭିନୟ କ୍ୟାରିୟରେ ହାତଗଣତି କେତୋଟି ସିନେମାରେ ଅଭିନୟ କରିଛନ୍ତି। ସାରାଙ୍କ ଅଭିନୀତ ପ୍ରମୁଖ ଫିଲ୍ମଗୁଡିକ ହେଲା-‘ଲଭ୍ ଆଜ୍ କଲ୍’, ‘କୁଲି ନଂ ୧’, ‘ଅତରଙ୍ଗୀ ରେ’, ‘ଗ୍ୟାସ୍ ଲାଇଟ୍’, ‘ରକି ଔର ରାନୀ କି ପ୍ରେମ କାହାନୀ’, ‘ସ୍କାଏ ଫୋର୍ସ’ଏବଂ ‘ମେଟ୍ରୋ ଇନ୍ ଦିନୋ’।


ଭୂମି

## ସେହି ପାଞ୍ଚ ମାସ...

ଭୂମି ପେଡେନକର ଅଭିନୟ ଦୁନିଆରେ ପାଦ ଥାପିବା ପୂର୍ବରୁ ଜଣେ ସହ ନିର୍ଦ୍ଦେଶିକା ଭାବରେ କାମ କରୁଥିଲେ। ସେତେବେଳେ ସେ ବଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜନା ସଂସ୍ଥା ଯଶରାଜ ଫିଲ୍ମସ ସହ ଅନୁବନ୍ଧିତ ଥିଲେ। ଏହାପରେ ସେ କେତୋଟି ସିନେମାରେ ଅଭିନୟ କରିବାକୁ ଅଡିଶନ ଦେଇ ଅସଫଳ ହୋଇଥିଲେ। ହେଲେ ‘ଦମ୍ ଲଗାକେ ହୈସା’ର ଅଡିଶନକୁ ସେ ଏବେ ବି ମନେ ପକାଇଥାଆନ୍ତି। ବେଶ୍ କେତେକଣଙ୍କ ମଧ୍ୟରୁ ତାଙ୍କୁ ନାୟିକା ରୋଲ୍ ପାଇଁ ସିଲେକ୍ଟ କରାଯାଇଥିଲା। ସେହି ସମୟରେ ତାଙ୍କର ଓଜନ ୨୦ କିଗ୍ରା କମାଇବାରେ ସକ୍ଷମ ହୋଇଥିଲେ।


ସାରା

ଜୀ ସାର୍ଥକରେ

# ଚ୍ୟାଲେଞ୍ଜ

ଚଳିତ ମାସ ୧୧ ତାରିଖରେ ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଓଡ଼ିଆ ଫିଲ୍ମ ‘ଚ୍ୟାଲେଞ୍ଜ’। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ଗତ ବର୍ଷ ଦଶହରାରେ ଏହା ବଡ ପରଦାରେ ରିଲିଜ ହୋଇ ହିଟ୍ ସାବ୍ୟସ୍ତ ହୋଇଥିଲା। ହୋମ ବ୍ୟାନର ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ବିଗ୍ ବଜେଟ୍ ସିନେମାର ନାୟକ ସାଜିଥିଲେ ଅର୍ଦ୍ଧେନ୍ଦୁ ସାହୁ। ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା ସାମନ୍ତରାୟ। ବଲିଉଡ୍ ଅଭିନେତା ତଥା ‘ମହାଭାରତ’ ଧାରାବାହିକର ଦୁର୍ଯ୍ୟୋଧନ ଭୂମିକାରେ ଅଭିନୟ କରିଥିବା ପୁନୀତ ଇସାର ଏଥିରେ ଖଳନାୟକ ସାଜିଛନ୍ତି। ଏହାବ୍ୟତୀତ ସୁପରହିଟ୍ ଆଲବମ୍ ‘ଜାଇଫୁଲ’ ଦର୍ଶକାଦୃତ ଯୋଡି ଲିପି-ପୁପି (ଲିମି ମହାପାତ୍ର-ପୁପିନ୍ଦର) ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ସମଗ୍ର ଓଡ଼ିଶାରେ ମୁକ୍ତିଲାଭ ଏହି ଫିଲ୍ମ ପ୍ରାୟ ୫୦ଟି ପ୍ରେକ୍ଷାଳୟରେ ୧୦୦୦ଟି ଶୋ’ରୁ ଅଧିକ ଚାଲିଥିଲା ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସାଇ କିରଣ ମଙ୍ଗରାଜ। ବବି ମିଶ୍ର, ପୃଥ୍ୱୀରାଜ ନାୟକ, ରତନ ମେହେର, ହରିହର ମହାପାତ୍ର, ଶକ୍ତି ବରାଳ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଗୌରବ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ଏହାର ‘ଭାଙ୍ଗ’ ଏବଂ ‘ଦୁଲଦୁଲି’ ଗୀତ ବେଶ୍ ଦର୍ଶକାଦୃତ ହୋଇଥିଲା। ‘‘ତେବେ ସେହି ସୁପରହିଟ ଚଳଚ୍ଚିତ୍ର ଚ୍ୟାଲେଞ୍ଜକୁ ଦର୍ଶକ ଅତି ନିକଟରୁ ଟିଭି ପରଦାରେ ଦେଖି ନିଶ୍ଚୟ ଭରପୁର ମନୋରଞ୍ଜନ ପାଇବେ ବୋଲି ଜୀ ସାର୍ଥକ ଚ୍ୟାନେଲ ମୁଖ୍ୟ ଶ୍ରୀ ରାହୁଲ ରାଓ ପ୍ରକାଶ କରିଛନ୍ତି।’’


ଡ.ରଜନୀ ରଞ୍ଜନ(ବାମ)ଙ୍କ ସହ ଅଶୋକ ମିଶ୍ର

ନୂଆ ସିନେମା

## ସଂଘର୍ଷ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା ‘ସଂଘର୍ଷ’। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ରଚନା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଇଛନ୍ତି ଅଶୋକ ମିଶ୍ର। ଅଶୋକଙ୍କ ନିର୍ଦ୍ଦେଶିତ ‘ଶତ୍ରୁ’ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲା। ଉକ୍ତ ଫିଲ୍ମର ଶୁଟିଂ ଆସନ୍ତା ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। ଚିତ୍ରଟିର କାହାଣୀ ବିଶେଷଭାବରେ ବିସ୍ଥାପନ ଉପରେ ଆଧାରିତ। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଯଜ୍ଞ ଦାଶ। ଏହାର ଫାଇନାଲ କାଷ୍ଟିଂ ସହ ଅବଶିଷ୍ଟ ପ୍ରାରମ୍ଭିକ କାମ ଚାଲୁ ରହିଛି।


‘ଚ୍ୟାଲେଞ୍ଜ’ ଫିଲ୍ମରେ ଅର୍ଦ୍ଧେନ୍ଦୁ-ଏଲିନା

ଧରିତ୍ରୀ DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ୮ ଜାନୁଆରୀ, ୨୦୨୬ Bhubaneswar, Thursday, 8 January, 2026



ଗ୍ରେଟର ନୋଏଡ଼ାରେ ଚାଲିଥିବା ଜାତୀୟ ବକ୍ସିଂ ଚାମ୍ପିୟନଶିପ୍‌ରେ ବୁଧବାର ତେଲେଙ୍ଗାନାର ନିଖତ ଜରିନ (ଡାହାଣ) ଓ ଲଦାଖର କୁସୋମା ବାନୋଙ୍କ ମଧ୍ୟରେ ମୁକାବିଲା।

## ୧୯ ବର୍ଷରୁ ଦିନିକିଆ ସିରିଜ୍

# ଭାରତର କ୍ଲିନ୍ ସୁଇପ୍

**ବେନୋନି,୭।୧**

ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜଙ୍କ ଶତକ ବଳରେ ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ଦିନିକିଆ ସିରିଜ୍‌ର ତୃତୀୟ ମ୍ୟାଚ୍‌କୁ ଭାରତୀୟ ଦଳ ୨୩୩ ରନର ବଡ଼ ବ୍ୟବଧାନରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ କ୍ଲିନ ସୁଇପ୍ ହାସଲ କରିଛି।

## ସୂର୍ଯ୍ୟବଂଶୀଙ୍କ ବିଶ୍ୱ ରେକର୍ଡ

ଏହି ମ୍ୟାଚ୍ ଜରିଆରେ ସୂର୍ଯ୍ୟବଂଶୀ ୟୁଥ ଦିନିକିଆ କ୍ରିକେଟରେ ସର୍ବକନିଷ୍ଠ ଅଧିନାୟକ ଭାବେ ଶତକ ହାସଲ କରିବାର ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୩୯୩ ରନ କରିଥିଲା। ଦଳ ପାଇଁ ଅଧିନାୟକ ସୂର୍ଯ୍ୟବଂଶୀ ୭୪ ବଲରେ ୧୨୭ ରନର ବିସ୍ଫୋରକ ପାଳି ଖେଳିଥିଲେ। ତାଙ୍କର ଏହି ପାଳିରେ ୯ ଚୌକା ଓ ୧୦ ଛକା ସାମିଲ ଥିଲା। ଅନ୍ୟତମ ଓପନର ଆରୋନ ଜର୍ଜ ୧୦୬ ବଲରେ ୧୬ ଚୌକା ସହିତ ୧୧୮ ରନ କରିଥିଲେ। ଦୁହେଁ ପ୍ରଥମ ଉଇକେଟରେ ୨୫.୪ ଓଭରରେ ୨୨୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଦାନ୍ତ ତ୍ରିବେଦୀ ୩୪ ଓ ମହମ୍ମଦ ଏନାନ ୨୮ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏନ୍‌ଟାଣ୍ଡୋ ସୋନି ୩ ଓ ଜାସନ ରଲେସ ୨ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦକ୍ଷିଣ ଆଫ୍ରିକା ୩୫ ଓଭରରେ ୧୬୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଡାନିଏଲ ବସମାନ ୪୦, ପଲ ଜେମ୍ସ ୪୧, କର୍ନି ବୋଥା ୩୬ ରନ କରିଥିଲେ। ଭାରତ ପକ୍ଷରୁ କିଷନ କୁମାର ସିଂ ୩ ଓ ମହମ୍ମଦ ଏନାନ ୨ ଉଇକେଟ ନେଇଥିଲେ।



ବୈଭବ ସୂର୍ଯ୍ୟବଂଶୀ

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୯୩/୭(ବୈଭବ ସୂର୍ଯ୍ୟବଂଶୀ–୧୨୭, ଆରୋଜ ଜର୍ଜ–୧୧୮,ଏନ୍‌ଟାଣ୍ଡୋ ସୋନି–୩/୬୧)। ଦକ୍ଷିଣ ଆଫ୍ରିକା: ୩୫ ଓଭରରେ ୧୬୦/ଅଲଆଉଟ୍ (ପଲ ଜେମ୍ସ–୪୧, ଡାନିଏଲ ବସମାନ–୪୦, କର୍ନେ ବୋଥା–୩୬*, କିଷନ କୁମାର ସିଂ–୩/୧୫)।

## ଜାତୀୟ ସିନିୟର ବକ୍ସିଂ

# ନିଖତ୍, ପୱନ୍, ସୁମିତ୍ କ୍ୱାର୍ଟରରେ

**ନୂଆଦିଲ୍ଲୀ, ୭।୧**

ଗ୍ରେଟର ନଏଡ଼ାର ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଏଲିଟ୍ ମହିଳା ଓ ପୁରୁଷ ଜାତୀୟ ବକ୍ସିଂ ଚାମ୍ପିୟନଶିପ୍‌ରେ ଦୁଇଥର ବିଶ୍ୱ ଚାମ୍ପିୟନ ନିଖତ୍ ଜରିନ, ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସ–୨୦୨୫ ଗୋଲ୍ଡ ମେଡାଲିଷ୍ଟ ପୱନ୍ ବର୍ତ୍ତୱାଲ ଓ ସୁମିତ୍ ପ୍ରଭାବୀ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଶୀର୍ଷସ୍ଥାନୀୟ ବକ୍ସରମାନେ ମଧ୍ୟ ଆଗକୁ ବଢ଼ିଛନ୍ତି। ପ୍ରଥମଥର ପାଇଁ ଏହି ଜାତୀୟ ମହିଳା ଓ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍ ଗୋଟିଏ ଭେନ୍ୟୁରେ ଅନୁଷ୍ଠିତ ହେଉଛି। ଦେଶର ୬୦୦ ବକ୍ସର ୧୦ଟି ଲେଖାଏ ଓଜନ ବର୍ଗରେ ଅଂଶଗ୍ରହଣ କରୁଛନ୍ତି। ୪୮–୫୧ କେଜି ବର୍ଗରେ ତେଲଙ୍ଗାନାର ନିଖତ୍ ଲଦାଖର କୁସୋମା ବାନୋଙ୍କ ବିପକ୍ଷରେ ଅତ୍ୟନ୍ତ ପ୍ରଭାବୀ ରହିବାରୁ ରେଫରି ପ୍ରଥମ ରାଉଣ୍ଡରୁ ହିଁ ଲଢ଼େଇ ବନ୍ଦ କରିଦେଇଥିଲେ। ସେହିପରି ପୱନ୍ ୫୦–୫୫ କେଜି ପୁରୁଷ ବକ୍ସିଂରେ ଲଳିତଙ୍କୁ ହରାଇଥିବାବେଳେ ସୁମିତ୍ ପୁରୁଷ ୭୦–୭୫ କେଜି ବର୍ଗରେ ମଧ୍ୟପ୍ରଦେଶର କପିଲଙ୍କୁ ସହଜରେ ହରାଇଥିଲେ। ପୂର୍ବରୁ ବିଶ୍ୱ ଚାମ୍ପିୟନ ମୀନାକ୍ଷୀ ମହିଳା ୪୫–୪୮ କେଜି ବର୍ଗରେ ଝାଡ଼ଖଣ୍ଡର ଅନୁଙ୍କୁ ୫–୦ରେ ହରାଇ ଦେଇଥିଲେ। ସେହିପରି ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗୋଲ୍ଡ ମେଡାଲିଷ୍ଟ ଅମିତ୍ ପଙ୍ଘାଲ ଚଣ୍ଡିଗଡ଼ର କ୍ରିଶ୍ ପାଲ୍‌ଙ୍କୁ ୪–୧ରେ ପରାସ୍ତ କରିଥିଲେ।

# ନିର୍ଣ୍ଣାୟକ ମୋଡ଼ରେ ପଞ୍ଚମ ଟେଷ୍ଟ

**ସିଡ୍‌ନୀ,୭।୧(ଏପି)**

ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟ କ୍ରିକେଟ ମ୍ୟାଚ୍ ବୁଧବାର ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସ୍‌ରେ ୧୮୩ ରନ୍‌ରେ ପଛରେ ରହିଥିବା ଇଂଲଣ୍ଡ ଜେକବ ବେଥେଲଙ୍କ ଅପରାଜିତ ଶତକ ବଳରେ ଚତୁର୍ଥ ଦିନ ଶେଷସୁଦ୍ଧା ଦ୍ୱିତୀୟ ଇନିଂସ୍‌ରେ ୮ ଉଇକେଟ ହରାଇ ୩୦୨ ରନ୍ କରିଛି। ମ୍ୟାଚ୍‌ରେ ଇଂଲଣ୍ଡ ହାତରେ ୨ ଉଇକେଟ ରଖି ୧୧୯ ରନ୍ ଆଗରେ ରହିଛି।

ବୁଧବାର ଅଷ୍ଟ୍ରେଲିଆ ତା'ର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୫୧୮/୭ରୁ ବ୍ୟାଟିଂ ଆରମ୍ଭକରି ବଳକା ୩ ଉଇକେଟରେ ୪୯ ରନ୍ ଯୋଡ଼ିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୧୩୮ ରନ୍‌କରି ଆଉଟ୍ ହୋଇଥିବା ବେଳେ ବ୍ୟୁ ୱେବ୍‌ଷ୍ଟର ୭୧(୭ ଚୌକା) ରନ୍‌କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ କାର୍ସ ଓ ଜୋଶ୍ ଟଙ୍ଗ୍ ୩ ଲେଖାଏ ଉଇକେଟ ନେଇଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍ ଆରମ୍ଭରୁ ଜ୍ୟାକ କ୍ରଲି(୧)ଙ୍କ ଉଇକେଟ ହରାଇଥିଲା। ବେନ୍ ଡକେଟ୍ ଓ ବେଥେଲ ଦ୍ୱିତୀୟ ଉଇକେଟରେ ୮୧ ରନ୍ ଯୋଡ଼ିଥିଲେ। ଡକେଟ ୪୨ ରନ୍‌କରି ଆଉଟ୍ ହେବା ପରେ ଜୋ ରୁଟ୍ (୬) ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଏହାପରେ ବେଥେଲଙ୍କ ସହ ହ୍ୟାରୀ ବ୍ରୁକ୍ ମିଶି ଦଳୀୟ ସ୍କୋରରେ ୧୦୨ ରନ୍ ଯୋଡ଼ିଥିଲେ। ଏହିଠାରୁ ବେଥେଲ ଗୋଟିଏ ପକ୍ଷରେ ଛିଡ଼ା ହୋଇଥିବା ବେଳେ ଅନ୍ୟ ପକ୍ଷରେ ଦଳ କ୍ରମାଗତ ବ୍ୟବଧାନରେ ବ୍ରୁକ୍(୪୨ ରନ୍, ୫ ଚୌକା), ୱିଲ ଜ୍ୟାକ୍ସ(୦), ଜେମି ସ୍ମିଥ୍(୨୬), ଅଧିନାୟକ ଷ୍ଟୋକ୍ସ(୧), କାର୍ସ(୧୬)ଙ୍କ ଉଇକେଟ ହରାଇଥିଲା। ଫଳରେ ଇଂଲଣ୍ଡ ଚତୁର୍ଥ ଦିନ ଶେଷସୁଦ୍ଧା ୮ ଉଇକେଟ ହରାଇ ୩୦୨ ରନ୍ କରିବାକୁ ସକ୍ଷମ ହୋଇଛି। ଷ୍ଟମ୍ପ ଅପସାରଣ ବେଳକୁ ବେଥେଲ ୧୪୨(୧୫ ଚୌକା)ଓ ପଟ୍ସ ବିନା ରନ୍‌ରେ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ୱେବ୍‌ଷ୍ଟର ୩ ଓ ସ୍କଟ୍ ବୋଲାଣ୍ଡ ୨ ଉଇକେଟ ନେଇଛନ୍ତି।

## ବେଥେଲଙ୍କ ଅପରାଜିତ ଶତକ



**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୬୭/ଅଲ୍‌ଆଉଟ୍(ଟ୍ରାଭିସ୍ ହେଡ୍–୧୬୩, ଷ୍ଟିଭ୍ ସ୍ମିଥ୍–୧୩୮, ବ୍ୟୁ ୱେବ୍‌ଷ୍ଟର–୭୧*, ଜୋଶ ଟଙ୍ଗ୍–୩/୯୭, ବ୍ରାଇଡନ କାର୍ସ–୩/୧୩୦)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୦୨/୮(ଜେକବ ବେଥେଲ–୧୪୨*, ବେନ ଡକେଟ–୪୨, ହ୍ୟାରୀ ବ୍ରୁକ୍–୪୨, ବ୍ୟୁ ୱେବ୍‌ଷ୍ଟର–୩/୫୧, ସ୍କଟ୍ ବୋଲାଣ୍ଡ–୨/୩୪)।

# ବିସିବି ସହ କାମ କରିବାକୁ ଇଚ୍ଛୁକ ଆଇସିସି

**ଢାକା, ୭।୧(ପି.ଟି.)**

**ଭାରତରେ ସୁରକ୍ଷା ଚିନ୍ତା**

ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ବଦଳରେ ଶ୍ରୀଲଙ୍କାରେ ମ୍ୟାଚ୍ ଖେଳିବାକୁ ବାଂଲାଦେଶ ପକ୍ଷରୁ କରାଯାଇଥିବା ଅନୁରୋଧ ପ୍ରସଙ୍ଗ ସମ୍ପର୍କରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ବୁଧବାର ଜବାବ ଦେଇଛି। ମ୍ୟାଚ୍ ସ୍ଥାନାନ୍ତର ଅନୁରୋଧକୁ ଗ୍ରହଣ କରି ନ ଥିବା ଆଇସିସି ବିସିବି ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଇଚ୍ଛାପ୍ରକଟ କରିଛି। ଟି୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ଆରମ୍ଭ ହେବାକୁଥିବା ବେଳେ ବାଂଲାଦେଶ ତା'ର ୪ ଲିଗ୍ ମ୍ୟାଚ୍ କୋଲ୍‌କାତା ଓ ମୁମ୍ବାଇରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

ବିସିବି ପକ୍ଷରୁ ବୁଧବାର ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ, ଦଳର ଟି୨୦ ବିଶ୍ୱକପ୍ ମ୍ୟାଚ୍ ସ୍ଥାନାନ୍ତର ସମେତ ଭାରତରେ ବାଂଲାଦେଶ ଜାତୀୟ କ୍ରିକେଟ ଦଳର ସୁରକ୍ଷା ସମ୍ପର୍କରେ ଆଇସିସି ନିକଟରେ ଚିନ୍ତା ପ୍ରକଟ କରାଯାଇଥିଲା। ଏ ସମ୍ପର୍କରେ ଆଇସିସିଠାରୁ ପ୍ରତିକ୍ରିୟା ମିଳିଛି। ଟୁର୍ନାମେଣ୍ଟରେ ବାଂଲାଦେଶ ଦଳର ସମ୍ପୂର୍ଣ୍ଣ ଓ ଅବାଧ ଅଂଶଗ୍ରହଣତା ନିଶ୍ଚିତ କରିବା ପାଇଁ ଆଇସିସି ପ୍ରତିବଦ୍ଧ। ବିସିବି ଦ୍ୱାରା ପ୍ରକଟ କରାଯାଇଥିବା ଚିନ୍ତାକୁ ଦୂର କରିବା ପାଇଁ ବୋର୍ଡ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଇସିସି ଇଚ୍ଛାପ୍ରକଟ କରିଛି। ଏଥିସହ ବୋର୍ଡ ଦ୍ୱାରା ଦିଆଯିବାକୁ ଥିବା ପରାମର୍ଶକୁ ସ୍ୱାଗତ କରାଯିବ ଏବଂ ବିସ୍ତୃତ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି ଆଇସିସି ଆଶ୍ୱାସନା ଦେଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ନିର୍ଦ୍ଦେଶକ୍ରମେ ବାଂଲାଦେଶୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦିଆଯିବା ଘଟଣାକୁ ନେଇ ଭାରତ ଓ ବାଂଲାଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ତେବେ ବିସିସିଆଇ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଲାଗି କୌଣସି କାରଣ ପ୍ରକାଶ କରାଯାଇ ନ ଥିଲା। କିନ୍ତୁ ପଡ଼ୋଶୀ ଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ସମ୍ପର୍କକୁ ଏଥିଲାଗି ଦାୟୀ କରାଯାଉଛି।

### ଆମେ ଆଇସିସିକୁ ବୁଝାଇବୁ

ବୋର୍ଡ ପକ୍ଷରୁ ବିବୃତି ଜାରି କରାଯିବା ପରେ ବିସିବି ସଭାପତି ଅମିନୁଲ ଇସ୍ଲାମ ଓ ସରକାରଙ୍କ କ୍ରୀଡ଼ା ପରାମର୍ଶଦାତା ଆସିଫ୍ ନଜରୁଲ ଖବରଦାତା ସମ୍ମିଳନୀରେ ଯୋଗଦେଇ ଜାତୀୟ କ୍ରିକେଟ ଦଳ ଭାରତ ଟୁର୍‌କୁ ନେଇ ଅସହଜ ଥିବା ପ୍ରକାଶ କରିଛନ୍ତି।

ଭାରତରେ ଆମ ଦଳ ଖେଳିବା ପାଇଁ ଉଚିତ ପରିବେଶ ନ ଥିବା ଆଇସିସିକୁ ବୁଝାଇବାକୁ ଆମେ ଏକ ନିଷ୍ପତ୍ତି ନେଇଛୁ। ଏ ସମ୍ପର୍କରେ ଆଇସିସିକୁ ଗୁରୁବାର ସକାଳ ସୁଦ୍ଧା ଜଣାଇ ଦିଆଯିବ। ଆମ ପାଖରେ ଯଥେଷ୍ଟ ଯୁକ୍ତିଯୁକ୍ତ ତଥ୍ୟ ରହିଛି। ଆମେ ଆଇସିସିକୁ ବୁଝାଇବୁ ଯେ, ଆମେ ନିଶ୍ଚିତ ଭାବେ କ୍ରିକେଟ ବିଶ୍ୱକପ୍‌ରେ ଖେଳିବାକୁ ଚାହୁଁ। କିନ୍ତୁ ସେଥିଲାଗି ବାଂଲାଦେଶର ସୁରକ୍ଷା, ସମ୍ମାନ ଓ ମର୍ଯ୍ୟାଦା ସହ ଆମେ ସାଲିସ୍ କରିପାରିବୁନାହିଁ। ଗତବର୍ଷ ଚାମ୍ପିୟନ୍ସ ଟ୍ରଫି ବେଳେ ଭାରତ ପାକିସ୍ତାନ ଯାଇ ନ ଥିଲା ଏବଂ ମହିଳା ବିଶ୍ୱକପ୍ ବେଳେ ପାକିସ୍ତାନ ମଧ୍ୟ ଭାରତ ଯାଇ ନ ଥିଲା। ଏଣୁ ଆମେ ଆଇସିସିଠାରୁ ଏକ ଉପଯୁକ୍ତ ପ୍ରତିକ୍ରିୟା ପାଇବାକୁ ଆଶା ରଖିଥିବା ନଜରୁଲ କହିଛନ୍ତି।



ଅସ୍ମିତା ଜାତୀୟ ଆନ୍ତଃ ଜୋନ୍ ଭାରୋତ୍ତୋଳନରେ ଭାଗନେବାକୁ ମନୋନୀତ ଓଡ଼ିଶା ଦଳ।

# ଆନ୍ତଃ ଜୋନ୍ ଭାରୋତ୍ତୋଳନରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୭।୧(ତପନ ସ୍ୱାଇଁ)**

ଉତ୍ତର ପ୍ରଦେଶର ମୋଦି ନଗରଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଅସ୍ମିତା ଜାତୀୟ ଆନ୍ତଃ ଜୋନ୍ ଭାରୋତ୍ତୋଳନରେ ଓଡ଼ିଶା ଭାଗନେବ। ପ୍ରତିଯୋଗିତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ଜୋନାଲ ପ୍ରତିଯୋଗିତାରେ ଯେଉଁ ଓଡ଼ିଶା ପ୍ରତିଯୋଗୀ ପଦକ ହାସଲ କରିଥିଲେ ସେମାନେ ଏହି ଜାତୀୟ ପ୍ରତିଯୋଗିତା ଲାଗି ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରତିଯୋଗୀମାନେ ହେଲେ ବବିତା ନାଏକ, ମୀନା ସାନ୍ତା(ବି), ମୀନା ସିଂ, ଶ୍ୱେତାଲିନା ମହାନ୍ତି, ଅଙ୍କିତା ପ୍ରଧାନ, ଆଲିଶା ବେହେରା, ରିମ୍‌ଝିମ୍ ନାଏକ, ଟିନା ରାଉତ, ରୁମାଲି ପ୍ରଧାନ, ପ୍ରତିଭାରାଣୀ ପାତ୍ର ଓ ମୌସୁମୀ ଦାସ। ଓଡ଼ିଶା ଦଳ ସହ କୋଚ୍ ଯଜ୍ଞ ନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ, ପଦ୍ମିନୀ ମହାନ୍ତି ଓ ମ୍ୟାନେଜର ଟାଙ୍ଗ ଦେବୀ ବୁଧବାର ଉତ୍ତରପ୍ରଦେଶ ଯାତ୍ରା କରିଛନ୍ତି। ଓଡ଼ିଶା ଦଳକୁ ରାଜ୍ୟ ଆସୋସିଏଶନ ସଭାପତି ଚିତ୍ତ ରଞ୍ଜନ ମହାନ୍ତି, ଅନ୍ତରୀଣ ସମ୍ପାଦକ ଗୋପାଳକୃଷ୍ଣ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଭଦ୍ରକ ଇଷ୍ଟକୋଷ୍ଟ, ବାରିପଦା କ୍ରିକେଟ ଏକାଡେମୀ ବିଜୟୀ





ଅବିନାଶ ସିଂଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ମହାବୀର କପ୍ ଉଦ୍‌ଘାଟିତ

**ଭଦ୍ରକ,୭।୧(ସନାତନ ରାଉତ)**

ଭଦ୍ରକ ଚରମ୍ପା ରେଲ୍‌ୱେ ପଡ଼ିଆରେ ବୁଧବାର ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଭଦ୍ରକ ଇଷ୍ଟକୋଷ୍ଟ ରେଲ୍‌ୱେ ଟିମ୍ ବାଲେଶ୍ୱରର ୟୁ ଆଣ୍ଡ ମିକ୍କୁ ୫ ରନ୍‌ରେ ହରାଇଛି। ଇଷ୍ଟକୋଷ୍ଟ ରେଲ୍‌ୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୬୪ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ଶ ୫୧ ବଲ୍‌ରେ ୮ ଛକା ଓ ୮ ଚୌକା ସହାୟତାରେ ୯୫ ରନ୍ କରିଥିବା ବେଳେ ଅବିନାଶ ସିଂହ ୨୧ ବଲ୍‌ରେ ୪ ଚୌକା ଓ ୧୦ ଛକା ସହାୟତାରେ ୭୯ ରନ୍ କରିଥିଲେ। ବାଲେଶ୍ୱର ଟିମ୍ ସବ୍ୟସାଚୀ ଆଚାର୍ଯ୍ୟଙ୍କ ୯୩ ରନ୍ ସହାୟତାରେ ୨୦ ଓଭରରେ ୮ ଉଇକେଟ୍ ହରାଇ ୨୫୯ ରନ୍ କରିଥିଲା। ଦଳ ପକ୍ଷରୁ ସୌଭାଗ୍ୟ ମିଶ୍ର ୬୦ ରନ୍ କରିଥିଲେ। ଅବିନାଶ ସିଂହଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ବାସୁଦେବପୁର ଉତ୍କଳିକା କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୧୦୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ବାରିପଦା ୧୦.୨ ଓଭରରେ ୩ ଉଇକେଟ ହରାଇ ୧୦୨ ରନ୍ କରି ବିଜୟୀ ହୋଇଥିଲା। ବାରିପଦାର ଉପେନ୍ଦ୍ର ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରତିଷ୍ଠିତ ବ୍ୟବସାୟୀ ବିଜୟ କୁମାର ବେହେରା ଏବଂ ବରେଣ୍ୟ ଅତିଥି ଭାବେ ଶୈଳେଶ ଗୁପ୍ତା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅମ୍ପାୟାର ଭାବେ ଶ୍ରଦ୍ଧାପ୍ରସନ୍ନ ମହାପାତ୍ର ଓ ସାର୍ଥକ ବିଶ୍ୱାଳ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ଥାର୍ଡ ଅମ୍ପାୟାର, ଚନ୍ଦନ ନାୟକ ରିଜର୍ଭ ଅମ୍ପାୟାର ଏବଂ କମର ଖାନ୍ ସ୍କୋରର ଥିଲେ।

# ପ୍ରଗତି ୧୧ ଚାମ୍ପିୟନ

**ଭୁବନେଶ୍ୱର, ୭।୧(ତପନ ସ୍ୱାଇଁ)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କରଣପୋଖରୀ ଲକ୍ଷ୍ମୀନାରାୟଣ ପଡ଼ିଆରେ ନେତାଜୀ କ୍ରିକେଟ ଲିଗ୍(ଏନ୍‌ସିଏଲ ୨.୦) ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ପ୍ରଗତି ୧୧ ଚାନ୍ଦବାଲି ଏବଂ ଡିଜି ମଧୁପୁର ମଧ୍ୟରେ ହୋଇଥିଲା। ପ୍ରଗତି ୧୧ ପ୍ରଥମେ ବ୍ୟାଟିଂକରି ୪ ଉଇକେଟ ବିନିମୟରେ ୬୪ ରନ୍ କରିଥିଲାବେଳେ ଡିଜି ମଧୁପୁର ସମସ୍ତ ଉଇକେଟ ହରାଇ ମାତ୍ର ୪୨ ରନ୍ କରିଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଗତି ୧୧ ଉତ୍ତମ ଖେଳ ପ୍ରଦର୍ଶନ ସହ ଚାମ୍ପିୟନ ହୋଇଥିଲା। ବିଜେତା ପ୍ରଗତି ୧୧କୁ ଟ୍ରଫି ସହ ୬୦୦୦ ଏବଂ ଡିଜି ମଧୁପୁରକୁ ରନରଅପ୍ ଟ୍ରଫି ସହ ୫୦୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଲିଗ୍‌ର ଶ୍ରେଷ୍ଠ ଖେଳାଳିମାନଙ୍କୁ ପଦକ ସହ ଫାଇନାଲରେ ଉତ୍ତମ ପ୍ରଦର୍ଶନ କରିଥିବା ଆକାଶ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ନେତାଜୀ ଯୁବ ସାଂସ୍କୃତିକ ପରିଷଦର ସଦସ୍ୟ ଓ କନିଷ୍ଠ ଟିମ୍‌ର ଯୁବ ପ୍ରତିଭାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।



ଟ୍ରଫି ସହ ଚାମ୍ପିୟନ ପ୍ରଗତି ୧୧ ଦଳର ଖେଳାଳିମାନେ।

## ଜାତୀୟ ସିନିୟର ଭଲିବଲ

# ବିଜୟରେ ଓଡ଼ିଶାର ହାଟ୍ରିକ୍

**ଭୁବନେଶ୍ୱର, ୭।୧(ତପନ ସ୍ୱାଇଁ)**

ବାରାଣସୀରେ ଚାଲିଥିବା ୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ୩ ମ୍ୟାଚ୍ ଜିତି ବିଜୟରେ ହାଟ୍ରିକ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୩–୧ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ପ୍ରଥମ ସେଟ୍‌ରେ ହାରି ପଛୁଆ ରହିଥିଲେ ହେଁ ଓଡ଼ିଶା ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ୧୯–୨୫, ୨୫–୧୪, ୨୬–୨୪ ଓ ୨୫–୧୯ରେ ବିଜୟ ହାସଲ କରିଥିଲା। ତୃତୀୟ ସେଟ୍‌ରେ ମଧ୍ୟ କଡ଼ା ଟକ୍କର ହୋଇଥିଲା। ମାତ୍ର ଓଡ଼ିଶା ଖେଳାଳିମାନେ ଧୈର୍ଯ୍ୟର ସହ ମୁକାବିଲା କରି ବାଜି ମାରିଥିଲେ। ଗତ ସୋମବାର ଓଡ଼ିଶା ନିଜର ପ୍ରଥମ ମ୍ୟାଚ୍‌ରେ ବିହାରକୁ ୩–୦ରେ ହରାଇଥିବାବେଳେ ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ତେଲଙ୍ଗାନାକୁ ୩–୧ରେ ପରାସ୍ତ କରିଥିଲା। ଏଭଳି ବିଜୟଧାରା ଜାରି ରଖିଥିବାରୁ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ